ବର୍ଷ-୯
ସଂଖ୍ୟା-୧୬୦
ତା.୨୯ ଜୁଲାଇ ୨୦୨୨
ଶୁକ୍ରବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949

PRAJABARTA
# ପ୍ରଜାବାର୍ତ୍ତା
ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-160
Date:29, July 2022
Friday, Page-8, Rs-2/-
POSTAL Regd.No.10120(K)/17/2018-21



ଭାରତ ଆସିବେ ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହମ୍ ମହମ୍ମଦ ସୋଲି



ପାର୍ଥ ଚାଟାର୍ଜୀଙ୍କୁ ବହିଷ୍କାର କଲେ ଦିଦି

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

# 'ରାଷ୍ଟ୍ରପତ୍ନୀ' କହି ଅଡୁଆରେ କଂଗ୍ରେସ



ନୂଆଦିଲ୍ଲୀ ୨୮ ଜୁଲାଇ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ କରାଯାଇଥିବା ଟିପ୍ପଣୀକୁ ନେଇ ଲୋକସଭାରେ ଗୁରୁବାର ଦିନ ସରକାରୀ ଦଳ ଭାଜପା ଏବଂ କଂଗ୍ରେସ ମଧ୍ୟରେ ତୀକ୍ଷ୍ଣ ନୋକଝୋକ ହୋଇଛି । ଭାଜପା ସୋନିଆ ଗାନ୍ଧୀ ମାଫି ମାଗେ। ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ । ଦୁହିଁଙ୍କ ପକ୍ଷରୁ ହଟ୍ଟଗୋଳ ବଢ଼ିବା ଦେଖି ବାଚସ୍ପତି ଓମ୍ ବିରଳା ଗୃହର ବୈଠକକୁ ୪ଟା ପର୍ଯ୍ୟନ୍ତ ସ୍ଥଗିତ କରିଥିଲେ ।ସଦନର ବୈଠକ ସ୍ଥଗିତ ହେବା ପରେ ମଧ୍ୟ ଭାଜପା ସଦସ୍ୟ ସୋନିଆ ଗାନ୍ଧୀ ମାଫି ମାଗନ୍ତୁ ଏବଂ ଅଧିର ରଞ୍ଜନ ମୁର୍ଦ୍ଦାବାଦ ସ୍ଲୋଗାନ ଲଗାଇ ଥିଲେ । ପାଟିତୁଣ୍ଡ ଏବଂ ହଟ୍ଟଗୋଳ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ସରକାରୀ ପକ୍ଷ ବେଂଚ ଆଡ଼କୁ ଯାଇଥିଲେ ଏବଂ ବରିଷ୍ଠ ସଦସ୍ୟ ଏବଂ ପୀଠାସୀନ ଅଧିକାରୀଙ୍କ ପ୍ୟାନେଲରେ ସାମିଲ ରମାଦେବୀଙ୍କ ପାଖରେ ପହଂଚିଥଲେି । ସୋନିଆ ଏବଂ ରମାଦେବୀଙ୍କ ମଧ୍ୟରେ ଅଭିବାଦନର ଆଦାନ ପ୍ରଦାନ ହୋଇଥିଲା ଏବଂ କିଛି କଥାବାର୍ତ୍ତା ହୋଇଥିଲା ।କଂଗ୍ରେସ ସାଂସଦ ଗୀତା କୌର ଏବଂ ଜ୍ୟୋତ୍ସ୍ନା ମହନ୍ତ କହିଥିଲେ ଯେ ସୋନିଆ ରମାଦେବୀଙ୍କୁ ପଚାରିଥିଲେ ଯେ ମୋର ନାମ କାହିଁକି ନିଆଯାଉଛି । ମୁଁ କ'ଣ କରିଛି । ତାଙ୍କର ଏହି କଥାର ଜବାବରେ ରମାଦେବୀ ସୋନିଆ ଗାନ୍ଧୀଙ୍କୁ କହିଥିଲେ, ଆପଣ କଂଗ୍ରେସର ଅଧ୍ୟକ୍ଷ ଅଟନ୍ତି । ଆପଣ ଅଧିର ରଞ୍ଜନଙ୍କୁ ଗୃହରେ ପାର୍ଟିର ନେତା ବଛାଯାଇଛି ଏହି କାରଣରୁ ଏପରି ହୋଇଛି । ଦେଶ ବିରୋଧି ଷଡ଼ଯନ୍ତ୍ର ମାମଲାର ଯାଂଚରେ ଲାଗିଥିବା ଏନ୍ଆଇଏର ଟିମ୍ ରାଜଧାନୀ ପାଟଣାର ଫୁଲବାରୀ ଶରୀଫରେ ଚଢ଼ାଉ କରିଛି । ଏନ୍ଆଇଏର ଟିମ୍ ଗୁରୁବାର ଦିନ ସକାଳେ ଫୁଲବାରୀ ଶରୀଫ ପହଂଚିଛନ୍ତି ଏବଂ ଗୁଲିସ୍ଥାନ ମୋହଲ୍ଲା ରଇସ କଲୋନୀ ସ୍ଥିତ ସିମିର ସଦସ୍ୟ ଥିବା ଅତହର ପରବେଜଙ୍କ ଘରେ ଚଢ଼ାଉ ଆରମ୍ଭ କରିଛି ।ଏନ୍ଆଇଏର ଟିମ୍ ଅତହରଙ୍କ ଘରର କୋଣ କୋଣ ଖୋଜୁଛି । ଆଖପାଖର ଲୋକମାନେ କହିଛନ୍ତି ଯେ ଏକ ବସ୍‌ରେ ବସି ଏନ୍ଆଇଏର ଟିମ୍ ପହଂଚିଥିଲା । ଅତହର ପରବେଜଙ୍କ ଘର ଗୁଲିଂସ୍ତା ମୋହଲ୍ଲା ପାଖରେ ବସ୍‌ରୁ ଯାଂଚ ଏଜେନ୍ସିର ସଦସ୍ୟ ଓହ୍ଲାଇ ସିଧା ଅତହର ପରବେଜଙ୍କ ଘରକୁ ଯାଇଛନ୍ତି । ଏହି ସମୟରେ ବଡ଼ସଂଖ୍ୟାରେ ପୋଲିସ୍ ଫୋର୍ସକୁ ଆଖାପାଖ ଅଂଚଳରେ ଲଗାଯାଇଛି । ଅତହରର ଘରୁ କାହାକୁ ବାହାରକୁ ଯିବାକୁ ଦିଆଯାଉ ନାହିଁ ଏବଂ କାହାକୁ ବାହାରୁ ଆସିବାକୁ ଦିଆଯାଉ ନାହିଁ ।ଲୋକସଭାରେ କଂଗ୍ରେସ ନେତା ଅଧିର ରଂଜନ ଚୌଧୁରୀ ଗୁରୁବାର ସଂସଦ ବାହାରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା କରୁଥିବା ବେଳେ ପୁଣି ଥରେ ଦୋହରାଇଛନ୍ତି ଯେ ରାଷ୍ଟ୍ରପତିଙ୍କୁ ଭୁଲ ଉପାୟରେ ସମ୍ବୋଧନ କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ କିନ୍ତୁ ଭୁଲ କାରଣରୁ ତାଙ୍କ ପାଟିରୁ ଏହି ଶବ୍ଦ ବାହାରିଛି । ସେମାନେ ହିନ୍ଦୀ ଭାଷା କହିବାରେ ଅଭ୍ୟସ୍ତ ନୁହଁନ୍ତି, ସେମାନେ ବଙ୍ଗାଳୀ, ସେ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ସହ ଆଲୋଚନା ପାଇଁ ସେ ସମୟ ମାଗିଛନ୍ତି ଏବଂ ତାଙ୍କ ପୂର୍ବରୁ ଆବଶ୍ୟକ ହେଲେ ସେ କ୍ଷମା ମାଗିବେ କିନ୍ତୁ ଶାସକ ଦଳର ଚାପରେ କ୍ଷମା ମାଗିବେ ନାହିଁ ।କଂଗ୍ରେସ ନେତା ଅଧିର ରଂଜନ ଚୌଧୁରୀ ଗୁରୁବାର ଦିନ ଦୁଇରୁ ତିନିଥର ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା କରିଥିଲେ । ସେ ପୁରା ଘଟଣା ଉପରେ ଏକ ଭିଡ଼ିଓ ଜାରି କରି କହିଛନ୍ତି ଯେ, ସେ ଉଦ୍ଦେଶ୍ୟମୂଳକ ଭାବେ ରାଷ୍ଟ୍ରପତିଙ୍କୁ ଅପମାନିତ କରିନାହାଁନ୍ତି । ବୁଧବାର ଦିନ ବିଜୟଚକଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ରାଷ୍ଟ୍ରପତିଙ୍କୁ ଜାତୀୟ ପତ୍ନୀ ବୋଲି କହିଥିଲେ । ତାହା ଏକ ଭୁଲ୍ ଥିଲା । ତାଙ୍କର ଉଦ୍ଦେଶ୍ୟ ରାଷ୍ଟ୍ରପତିଙ୍କୁ ଅପମାନିତ କରିବା ନୁହେଁ । ଆମେ ସମସ୍ତେ ତାଙ୍କ ସ୍ଥିତିକୁ ସମ୍ମାନ କରୁ ।ଷ୍ଟ୍ରପତିଙ୍କ ଉପରେ ଆପତିଜନକ ମନ୍ତବ୍ୟକୁ ଗ୍ରହଣ କରି ଜାତୀୟ ମହିଳା ଆୟୋଗ ସାଂସଦ ଅଧିର ରଂଜନ ଚୌଧୁରୀଙ୍କୁ ନୋଟିସ୍ ପଠାଇଛନ୍ତି । ଏହା ସହ ରଂଜନ ଚୌଧୁରୀଙ୍କୁ ଅଗଷ୍ଟ ୩ରେ ଆୟୋଗରେ ହାଜର ହେବାକୁ କୁହାଯାଇଛି । ଗୁରୁବାର ଦିନ କମିଶନ ମଧ୍ୟବର୍ତୀକାଳୀନ ସଭାପତି ସୋନିଆ ଗାନ୍ଧୀଙ୍କୁ ଏକ ଚିଠି ଲେଖି ସାଂସଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାଷ୍ଟ୍ରପତିଙ୍କ ଉପରେ ସାଂସଦ ଅଧିର ରଂଜନ ଚୌଧୁରୀଙ୍କ ଆପତିଜନକ ମନ୍ତବ୍ୟକୁ ନିନ୍ଦା କରି ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷ ରେଖା ଶର୍ମା ଏହାକୁ ଅପମାନଜନକ ବୋଲି କହିଛନ୍ତି । ବିରୋଧି ଦଳର ଆଉ ତିନିଜଣ ସଦସ୍ୟଙ୍କୁ ଗୁରୁବାର ରାଜ୍ୟସଭାରୁ ନିଲମ୍ବିତ କରାଯାଇଛି । ଏଥିରେ ଆମ୍ ଆଦମୀ ପାର୍ଟିର ଦୁଇଜଣ ସଦସ୍ୟ ଏବଂ ଜଣେ ସ୍ୱାଧୀନ ଅଛନ୍ତି । ବର୍ତମାନ ପର୍ଯ୍ୟନ୍ତ ଉଭୟ ସଂସଦର ୨୭ ଜଣ ସଦସ୍ୟଙ୍କୁ ନିଲମ୍ବିତ କରାଯାଇଛି, ସେମାନଙ୍କ ମଧ୍ୟରୁ ଲୋକସଭାର ଚାରିଜଣ ଏବଂ ରାଜ୍ୟସଭାର ୨୩ ଜଣ । ଉପରାଷ୍ଟ୍ରପତି ହରିବଂଶଙ୍କ ଉପସ୍ଥିତିରେ ବାଚନିକ ଭୋଟ୍ ଦ୍ୱାରା ନିୟମ ୨୫୬ ଅଧିନରେ ଆଣିଥିବା ନିଲମ୍ବନ ପ୍ରସ୍ତାବକୁ ରାଜ୍ୟସଭା ପାରିତ କରିଛି । ନିଲମ୍ବିତ ସାଂସଦମାନଙ୍କ ମଧ୍ୟରେ ଆମ୍ ଆଦମୀ ପାର୍ଟିର ସୁଶୀଲ କୁମାର ଗୁପ୍ତା ଏବଂ ସନ୍ଦୀପ କୁମାର ପାଠକ ଏବଂ ଜଣେ ସ୍ୱାଧାନ ସାଂସଦ ଅଜିତ କୁମାର ଭୂୟାନ ଅଛନ୍ତି ।

## ଓଡ଼ିଶାରେ ନିତି ଆୟୋଗ ଉପାଧ୍ୟକ୍ଷ



ଭୁବନେଶ୍ୱର, ୨୮ ଜୁଲାଇ – ନିତି ଆୟୋଗର ଉପାଧ୍ୟକ୍ଷ ସୁମନ କୁମାର ବେରୀ ଓ ସଦସ୍ୟ ଡ. ବିନୋଦ କେ. ପାଉଲଙ୍କ ସହ ନିତି ଆୟାଗର ଅନ୍ୟ ଅଧିକାରୀମାନେ ଓଡ଼ିଶା ଗସ୍ତରେ ଆସି ଗୁରୁବାର ସକାଳେ ଭୁବନେଶ୍ୱରସ୍ଥ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ତା'ପରେ ସେମାନେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏକ ଉଦ୍ୟୋଗ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୫-'ଟି'ରେ ରୂପାନ୍ତରିତ ହୋଇଥିବା ଉଚ୍ଚବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ପିପିଲିଠାରେ ଥିବା ୱେଲ୍ ନେସ୍ କେନ୍ଦ୍ର ଇତ୍ୟାଦି ସହ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ନିରୀକ୍ଷଣ କରିଥିଲେ । ନିତି ଆୟୋଗର ଉପାଧ୍ୟକ୍ଷ ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଂଟରରେ ଏକ ବୈଠକ କରାଯାଇଥିଲା । ରାଜ୍ୟ ସରକାରଙ୍କ ତରଫରୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଏକ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ରାଜ୍ୟରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସଫଳତା ଉପରେ ଆଲୋକପାତ କରିଥିଲେ । ନିତି ଆୟୋଗର ଉପାଧ୍ୟକ୍ଷ ଏବଂ ସଦସ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟଗୁଡ଼ିକର ସଫଳତାକୁ ନେଇ ପ୍ରଶଂସା କରିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ବିକାଶମୂଳକ କାର୍ଯ୍ୟ ନିମନ୍ତେ ନିଆଯାଉଥିବା ଉଦ୍ୟମଗୁଡ଼ିକୁ ସେମାନେ ନିରୀକ୍ଷଣ କରିବା ସହ ସଫଳତା ନିମନ୍ତେ ଆଶ୍ୱାସନା ଦେଇଥିଲେ । ସନ୍ଧ୍ୟାରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ଏବଂ ଦିଲ୍ଲୀଠାରେ ଆସନ୍ତା ଅଗଷ୍ଟ ୭ ତାରିଖରେ ହେବାକୁ ଥିବା 'ନିତି ଆୟୋଗର ସପ୍ତମ ପରିଚାଳନା ପରିଷଦ ବୈଠକ'କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲେ । ତା'ପରେ ଉପାଧ୍ୟକ୍ଷ ଓ ସଦସ୍ୟ ଭୁବନେଶ୍ୱରସ୍ଥ ଓଡ଼ିଶା କ୍ରାଫ୍ଟ ମ୍ୟୁଜିୟମ୍ 'କଳାଭୂମି' ପରିଦର୍ଶନ କରିଥିଲେ ।

## ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ପାଇଁ ଇପିକଲ୍ – ଫିକି ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର, ୨୮ ଜୁଲାଇ – ଇପିକଲ ଏବଂ ଫିକି ମଧ୍ୟରେ ଆଗାମୀ ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ସହଯୋଗ ପ୍ରଦାନ ପାଇଁ ଗୁରୁବାର ଅପରାହ୍ନରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଶିଳ୍ପ, ଏମ୍‌ଏସଏମ୍‌ଇ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ମହାନିର୍ଦ୍ଦେଶକ ଫିକି, ନୂଆଦିଲ୍ଲୀ ଅରୁଣ ଚାୱଲାଙ୍କ ଉପସ୍ଥିତିରେ ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦ୍ର ସିଂ ପୁନିଆ ଓ ଫିକିର ଉପସଭାପତି ଶ୍ରୀମତୀ ମୌସୁମୀ ଘୋଷ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଏହି ଅବସରରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଥିଲେ ଯେ, ଏଥର ରାଜ୍ୟ ତା'ର ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ଆୟୋଜନ କରିବାକୁ ଯାଉଛି । ବିଗତ ଦୁଇଟି ସଂସ୍କରଣରେ ଯଥାକ୍ରମେ ୨ ଓ ୪ ଲକ୍ଷ କୋଟି ପୁଞ୍ଜିନିବେଶର ସମ୍ଭାବନା ସୃଷ୍ଟି ହୋଇଥିବାବେଳେ ଏଥର କନ୍ କ୍ଲେଭ୍ ରୁ ଅଧିକ କିଛି ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଥିବା ପ୍ରକାଶ କରିଥିଲେ । ଆଗାମୀ ଦିନରେ ଓଡ଼ିଶା ଦେଶର ଏକ ପ୍ରକୃଷ୍ଟ ପୁଞ୍ଜିନିବେଶ ସ୍ଥଳୀ ପାଲଟିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଓଡ଼ିଶାର କ୍ରୋମାଇଟ୍, ନିକେଲ, ବକ୍ସାଇଟ୍, ମାଙ୍ଗାନିଜ୍, ଲୁହାପଥର, କୋଇଲା ଭଳି ଖଣିଜରେ ଭରପୂର ଭଣ୍ଡାର ରହିଥିବାବେଳେ ରାଜ୍ୟ ଇସ୍ପାତ ଷ୍ଟେନ୍‌ଲେସ୍ ଷ୍ଟିଲ, ଫେରୋ ଆଲଏଜ୍, ଆଲୁମିନା ଓ ଆଲୁମିନିୟମ୍ ଉତ୍ପାଦ କ୍ଷେତ୍ରରେ ପ୍ରମୁଖତା ହାସଲ କରିଥିବା ଦର୍ଶାଇଥିଲେ । ଫିକି, ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଶ୍ରୀ ଚାୱଲା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ, ସ୍ଥାୟୀ ସରକାର, ଅଧିକାରୀମାନଙ୍କ କାର୍ଯ୍ୟ ସଂପାଦନାରେ ତତ୍ପରତା, କ୍ରିୟାଶୀଳତା ଓ ଇଜ୍ ଅଫ୍ ଡୁଇଂ ବିଜିନେସ୍ ରାଜ୍ୟରେ ଏକ ଉତମ ବାତାବରଣ ସୃଷ୍ଟି କରିପାରିଛି ବୋଲି କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ଶର୍ମା ସ୍ୱାଗତ ଭାଷଣ ଦେବା ସହ ମେକ୍ ଇନ୍ ଓଡ଼ିଶା-୨୦୨୨କୁ ସହଯୋଗ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିଷ୍ଠିତ ଶିଳ୍ପପତି ଓ ଉଦ୍ୟୋଗୀମାନେ ଯୋଗଦେଇଥିଲେ । ଶେଷରେ ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଠିକ୍ ସମୟରେ ଠିକ୍ କଥା କହିବି : ବାବୁସାନ୍

ଭୁବନେଶ୍ୱର, ୨୮ ଜୁଲାଇ – ଚେନ୍ନାଇରୁ ଫେରିବା ପରେ ପ୍ରଥମ ଥର ପାଇଁ ସାମ୍ନାକୁ ଆସିଛନ୍ତି ଓଲିଉଡ୍ ଅଭିନେତା ବାବୁସାନ୍ ମହାନ୍ତି । ବୁଧବାର ଭୁବନେଶ୍ୱର ଫେରିବା ପରେ ବାବୁସାନ୍ ସିଧାସଳଖ ତାଙ୍କ ଘରକୁ ଚାଲିଯାଇଥିଲେ । ଗୁରୁବାର ସକାଳେ ସେ ତାଙ୍କ ଘର ବାଲକୋନୀକୁ ଆସି ଗଣମାଧ୍ୟମକୁ ଭେଟିଛନ୍ତି । ଯଦିଓ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ସମସ୍ତଙ୍କୁ ଧନ୍ୟବାଦ ଦେବା ସହ 'ଠିକ୍ ସମୟରେ ଠିକ୍ କଥା କହିବେ' ବୋଲି କହିଛନ୍ତି । ବାବୁସାନଙ୍କ ସହ ତାଙ୍କ ମାଆ ଅପରାଜିତା ମହାନ୍ତି ମଧ୍ୟ ତାଙ୍କ ସହିତ ଥିଲେ । ଦେହ ଭଲ ନଥିବାରୁ ଦୁହେଁ ଘରେ ରହିବେ ବୋଲି କହିଥିଲେ ଅପରାଜିତା । ଗତକାଲିଠୁ ଚେନ୍ନାଇରୁ ଓଡ଼ିଶା ଫେରି ଆସିଥିବା ବାବୁସାନ ଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଫ୍ୟାନ୍ସ ଗତକାଲିଠୁ ବାବୁସାନଙ୍କ ଘର ସମ୍ମୁଖରେ ଘଂଟା ଘଂଟା ଛିଡ଼ା ହୋଇ ରହୁଥିଲେ । ଆଜି ନିଜ ମା'ଙ୍କ ସହ ବାଲକୋନୀକୁ ଆସି ସେମାନଙ୍କ ସହ କଥା ହୋଇଛନ୍ତି ବାବୁସାନ । ବାବୁସାନଙ୍କୁ ନେଇ ଏବେ ବହୁ ଅସମାହିତ ପ୍ରଶ୍ନ ଥିବା ବେଳେ ଆଉ ୨ ଦିନ ପରେ ଗଣମାଧ୍ୟମ ସମ୍ମୁଖରେ ସବୁ କହିବେ ବୋଲି କହିଛନ୍ତି ବାବୁଶାନ । ଚେନ୍ନାଇରୁ ଫେରିବା ପରେ ବେଶ୍ ରିଲାକ୍ସ ଲାଗୁଥିବା ବାବୁସାନ ଘରେ ବାପାମା'ଙ୍କ ପାଖରେ ଥିବାରୁ ଖୁବ ଖୁସି ଅଛି ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ ବୁଧବାର ବାବୁସାନ୍ ଚେନ୍ନାଇରୁ ଭୁବନେଶ୍ୱର ଫେରିଥିଲେ । ଫେରିବା ପରେ ସେ ବିମାନବନ୍ଦରରୁ ସିଧା ବାପା ମା'ଙ୍କ ପାଖକୁ ଚାଲିଯାଇଥିଲେ ।

## ଅକ୍ଟୋବର ୧୬ରେ ଓସିଏସ୍ ପ୍ରିଲିମ୍

ଭୁବନେଶ୍ୱର, ୨୮ ଜୁଲାଇ – ଓଡ଼ିଶା ପ୍ରଶାସନିକ ସେବାର ପ୍ରିଲିମ୍ ପରୀକ୍ଷା ପାଇଁ ତାରିଖ ଘୋଷଣା ହୋଇଛି । ଅକ୍ଟୋବର ୧୬ ତାରିଖରେ ପରୀକ୍ଷା ନେଇ ସୂଚନା ଦେଇଛି ଓଡ଼ିଶା ଲୋକ ସେବା ଆୟୋଗ ବା ଓପିଏସ୍‌ସି । ୨୦୨୧ ବର୍ଷ ପାଇଁ ପ୍ରକାଶ ପାଇଥିବା ବିଜ୍ଞାପନର ପରୀକ୍ଷା ହେବ । ଅକ୍ଟୋବର ୧୬ ରବିବାର ଦିନ ଏହି ପରୀକ୍ଷା ହେବା ସହ ପରୀକ୍ଷା ସଂପର୍କୀୟ ସବିଶେଷ ବିବରଣୀ ଓପିଏସ୍‌ସି ୱେବ୍ ସାଇଟ୍ ରୁ ମିଳିପାରିବ ବୋଲି କୁହାଯାଇଛି ।

## ଗୋଟିଏ ଦିନରେ ୧୦୩୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୭ ଜୁଲାଇ – ରାଜ୍ୟରେ ଗୋଟିଏ ଦିନରେ ୧୦୩୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୧୦୧୧୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୭୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୯୩୯୫୧ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୯୭୪ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୬୦୩ ଜଣ ସଂଗରୋଧରୁ ଓ ୪୨୭ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୩, ବାଲେଶ୍ୱର ଜିଲ୍ଲାରେ ୨୩, ବରଗଡ ଜିଲ୍ଲାରେ ୨୨, ଭଦ୍ରକ ଜିଲ୍ଲାରେ ୧୧, ବଲାଙ୍ଗୀର ଜିଲ୍ଲାରେ ୩୫, ବୌଦ୍ଧ ଜିଲ୍ଲାରେ ୧୨, କଟକ ଜିଲ୍ଲାରେ ୫୦. ଦେବଗଡ, ଜିଲ୍ଲାରେ ୯, ଢେଙ୍କାନାଳ ଜିଲ୍ଲାରେ ୩, ଗଜପତି ଜିଲ୍ଲାରେ ୭ , ଜଗତସିଂହପୁର ଜିଲ୍ଲାରେ ୭ ,ଯାଜପୁର ଜିଲ୍ଲାରେ ୧୯, ଝାରସୁଗୁଡା ଜିଲ୍ଲାରେ ୨୧ . କଳାହାଣ୍ଡି ଜିଲ୍ଲାରେ ୨୬, କନ୍ଧମାଳ ଜିଲ୍ଲାରେ ୨୩, କେନ୍ଦ୍ରାପଡା ଜିଲ୍ଲାରେ ୧୭, କେନ୍ଦୁଝର ଜିଲ୍ଲାରେ ୧୩, ଖୋର୍ଧା ଜିଲ୍ଲାରେ ୧୬୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ରାଜ୍ୟରେ ଦୁର୍ବଳ ସ୍ଥିତିରେ ମୌସୁମୀ

ଭୁବନେଶ୍ୱର, ୨୮ ଜୁଲାଇ – ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ସ୍ଥିତିରେ ରହିଛି । ଗତ ୨୪ ଘଂଟା ମଧ୍ୟରେ ୧.୧ ମିମି ବର୍ଷା ରେକର୍ଡ ହୋଇଛି ଯାହାକି ସ୍ୱାଭାବିକ ବର୍ଷା ୧୪ ମିମି ତୁଳନାରେ ୯୨% କମ୍ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୮ଟି ଜିଲ୍ଲାର ଅନେକ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ସୋନପୁର ଓ ନୟାଗଡ଼ ପ୍ରଭୃତି ୧୮ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ୧୮ଟି ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## କଂଗ୍ରେସ ସାଂସଦ ଅଧୀର ରଂଜନ ଚୌଧୁରୀଙ୍କ ବିବାଦୀୟ ବକ୍ତବ୍ୟକୁ ନେଇ ବିଧାନସଭାରେ ହଟ୍ଟଗୋଳ

ଭୁବନେଶ୍ୱର, ୨୮ ଜୁଲାଇ – ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନେଇ ନୂଆଦିଲ୍ଲୀ ଠାରେ କଂଗ୍ରେସ ସାଂସଦ ଅଧୀର ରଂଜନ ଚୌଧୁରୀଙ୍କ ବିବାଦୀୟ ଓ ଅଶାଳୀନ ମନ୍ତବ୍ୟ ପ୍ରତିବାଦରେ ବିଜେପି ବିଧାୟକ ମାନେ ଗୁରୁବାର ଦିନ ବିଧାନସଭାରେ ପ୍ରତିବାଦ କରିଥିଲେ । ଏହି ପ୍ରତିବାଦ ଓ ହଟ୍ଟଗୋଳ କାରଣରୁ ଗୃହ ଚାଲି ପାରି ନଥିଲା । ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।ପୂର୍ବାହ୍ନ ୧୦.୩୦ରେ ପୂର୍ବ ନିର୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିବାକୁ ଯାଇ ବିଧାୟକ ରଘୁରାମ ପାଡାଲଙ୍କ ଏକ ପ୍ରଶ୍ନର ଉତର ଦେବାକୁ ରାଜସ୍ୱ ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲିକଙ୍କୁ ଡାକିଥିଲେ । ତଦନୁସାରେ ଶ୍ରୀମତୀ ପ୍ରମିଳା ମଲିକ ଉତର ପଢିବା ଆରମ୍ଭ କରିଥିଲେ



।ତେବେ ବିଜେପି ବିଧାୟକ ମାନେ କଂଗ୍ରେସ ସାଂସଦ ଅଧୀର ରଂଜନ ଚୌଧୁରୀଙ୍କ ଦ୍ୱାରା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିଷୟରେ ଦେଇଥିବା ଅଶାଳୀନ ବକ୍ତବ୍ୟ ପ୍ରସଙ୍ଗ ଉଠାଇଥିଲେ । ସେମାନେ କହିଥିଲେ ଯେ ସେ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତ୍ନୀ ଭାବେ ସମ୍ବୋଧନ କରିଛନ୍ତି । ଏହା ଓଡିଆ ସ୍ୱାଭିମାନ ପ୍ରତି ଅପମାନ । ଏହା କହି ସେମାନେ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିବା ଆରମ୍ଭ କରି ଦେଇଥିଲେ ।ଅପର ପକ୍ଷରେ ବାଚସ୍ପତି ଶ୍ରୀ ଆରୁଖ ବିଜେପି ବିଧାୟକ ମାନଙ୍କୁ ସେମାନଙ୍କ ଆସନକୁ ଫେରି ଯିବାକୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ସେମାନେ ଯାହା କହିବାକୁ ଚାହୁଁଛନ୍ତି ତାହା ଶୂନ୍ୟକାଳରେ କହି ପାରିବେ । ବର୍ତମାନ ପ୍ରଶ୍ନକାଳ ଚଳାଇବାରେ ସହଯୋଗ କରନ୍ତୁ । ହେଲେ ବିଜେପି ବିଧାୟକ ମାନଙ୍କ ଉପରେ ତାଙ୍କର ଏହି ଅନୁରୋଧର କୌଣସି ପ୍ରଭାବ ପଡି ନ ଥିଲା ଓ ସେମାନେ ହଟ୍ଟଗୋଳ ଜାରୀ ରଖିଥିଲେ । ଏହି କାରଣରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ଜିହାଦୀ ଲିଙ୍କରେ ମୌନ ମୁଫ୍‌ତି ମୁସ୍ତଫା ମୋଇରାବାରୀରୁ ଗିରଫ

ମୌରୀଗାଓଁ(ଆସାମ), – ମଦ୍ରାସାରେ ଜିହାଦୀ ଗତିବିଧିର ତଥ୍ୟ ଆଗକୁ ଆସିବା ପରେ ଆସାମ ପୋଲିସ୍ ମୋଇରାବାରୀରେ ଜମିଉଲ ହୁଦା ମଦ୍ରାସାକୁ ସିଲ୍ କରିଦେଇଛି । ଏହାସହିତ ଗୁରୁବାର ଦିନ ମଦ୍ରାସାର ମୁଫ୍‌ତି ମୁସ୍ତଫାକୁ ଜିହାଦୀ ଲିଙ୍କମୈନର ଆରୋପରେ ଗିରଫଦାର କରିଛନ୍ତି ।ମୋରିଗାଓଁ ଜିଲ୍ଲାର ମୋଇରାବାରୀର ମଦ୍ରାସାରେ ଜିହାଦୀ ଗତିବିଧିକୁ ସଂଚାଳିତ କରିବାର ଗମ୍ଭୀର ଅଭିଯୋଗ ଲଗାଯାଇଛି । ପୋଲିସ କହିଛି ଯେ ଜମିଉଲ ହୁଦା ମଦ୍ରାସାର ମୁଫ୍‌ତି ମୁସ୍ତଫା ଜିହାଦୀଙ୍କୁ ସିମ କାର୍ଡ଼ ମୁହୈୟା କରିଥିଲା । ମୁଫତିଙ୍କ ବ୍ୟାଙ୍କ ପାସବୁକ୍‌ରେ ବଙ୍ଗଳାଦେଶରୁ ମନି ଲଣ୍ଡରିଂ ଡେଟାର ମଧ୍ୟ ଖୁଲାସା ହୋଇଥିଲା ।

# ଓଡ଼ିଆବଜାର କୁତାଖାଇ ଗଳି ମହିଳାଙ୍କ ଗଳାକାଟି ହତ୍ୟା ଘଟଣା
## ଦୁଇ ଅଭିଯୁକ୍ତ ଗିରଫ,ଲାପ୍‌ଟପ୍ ପାଇଁ ହତ୍ୟା କରିଥିବା ସ୍ୱୀକାର

କଟକ, ୨୮।୭ (ନିପ୍ର): ଲାଲବାଗ ଥାନା ଅନ୍ତର୍ଗତ ଓଡିଆବଜାର କୁତାଖାଇ ଗଳିରେ ଗତ ୧୫ ତାରିଖ ଦିନ ଦ୍ୱିପହରରେ ଘରେ ପଶି ପନିକିରେ ବି. ଆପ୍ପାରାଓଙ୍କ ପତ୍ନୀ ବି. ଗୁଣବତୀ(୪୯)ଙ୍କ ଗଳାକାଟି ହତ୍ୟା କରିଥିବା ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି କମିଶନରେଟ ପୋଲିସ । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସେହି କୁତାଖାଇ ଗଳିର ୱାଇ ସୁଦୀପ(୨୫) ଓ ୱାଇ ସୁନୀଲ(୨୫) । ପୋଲିସ ପ୍ରଦତ୍ତ ସୂଚନା ଅନୁସାରେ, ଗୁଣବତୀଙ୍କ ପୁଅ ବି. ରବିକୁମାରଙ୍କର ସେହି ସାହିର ଜନୈକ ଝିଅ ସହିତ ପ୍ରେମ ସଂପର୍କ ଥିଲା । ଗୁଣବତୀଙ୍କ ପୁଅ ରବିକୁମାର ଉକ୍ତ ଝିଅର କିଛି ଗୁପ୍ତ ତଥ୍ୟ ସହିତ ଫଟୋ ଏକ ଲାପଟପରେ ରଖିଥିଲା । ଝିଅର ଘର ଲୋକେ ଏହା ଜାଣିବା ପରେ ଉକ୍ତ ଲାପଟପକୁ ମାଗିଥିଲେ । ତେବେ ଲାପଟପ ନ ଦେବାରୁ ଅଭିଯୁକ୍ତଦ୍ୱୟଙ୍କ ସହାୟତାରେ ଲାପଟପ ହାତେଇବା ପାଇଁ ସେମାନେ ଉଦ୍ୟମ କରିଥିଲେ । ଅଭିଯୁକ୍ତ ସୁନିଲ ଓ ସୁଦୀପ ୧୫ ତାରିଖ ଦିନ ୧୧ଟା ୪୦ରେ ଆପ୍ପାରାଓଙ୍କ ଅନୁପସ୍ଥିତର ସୁଯୋଗରେ ଘରେ ପଶି ଗୁଣବତୀଙ୍କୁ ଲାପଟପ ମାଗିଥିଲେ । ତେବେ ଗୁଣବତୀ ଲାପଟପ ନଦେବାରୁ ଘରେ ଥିବା ଏକ ଧାରୁଆ ପନିକିରେ ଅଭିଯୁକ୍ତଦ୍ୱୟ ଗୁଣବତୀଙ୍କ ଗଳା କାଟି ଲାପଟପ ନେଇ ଚମ୍ପଟ ମାରିଥିଲେ । ଏନେଇ ଲାଲବାଗ ଥାନା କେସ ନଂ ୧୬୪/୨୨ରେ ଏକ ମକଦ୍ଦମା ରୁଜୁ କରି ଇନ୍ସପେକ୍ଟର ରବିନାରାୟଣ ଭଂଜ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସହାୟତାରେ ଘଟଣାର ତଦନ୍ତ କରୁଥିଲେ । ତେବେ ସିସିଟିଭି ଫୁଟେଜରୁ ଅଭିଯୁକ୍ତଦ୍ୱୟଙ୍କ ସଂପୃକ୍ତି ଜଣାପଡିଥିଲା । ଅନୁସନ୍ଧାନ କରି ପୋଲିସ ପ୍ରେମ ଓ ଲାପ୍‌ଟପ୍ ହିଁ ହତ୍ୟାର କାରଣ ବୋଲି ଜାଣିପାରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା । ତେବେ ଲାପଟପକୁ ସେମାନେ ଯୋବ୍ରାଠାରେ ମହାନଦୀରେ ପକାଇ ଦେଇଥିଲା ବେଳେ ପୋଲିସ ତାକୁ ଉଦ୍ଧାର କରିବାକୁ ଉଦ୍ୟମ ଜାରି ରଖିଥିବା ଜଣାପଡିଛି ।



# ଦନ୍ତା ଉପଦ୍ରବ : ଘର ଭାଙ୍ଗିଲା, ଧାନ ନଷ୍ଟ କଲା

ଟାଙ୍ଗୀ-ଚୌଦ୍ୱାର, ୨୮/୭ (ନିପ୍ର): ଚୌଦ୍ୱାର ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତର ଷଣ୍ଢପଡିଆ ଆଦିବାସୀ ବସ୍ତିରେ ଦନ୍ତାହାତୀର ଉପଦ୍ରବ ଯୋଗୁଁ ଜଣଙ୍କର ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଘରେ ଗଚ୍ଛିତ ଧାନଗୁଡିକ ନଷ୍ଟ ହୋଇଯାଇଛି । ରବିବାର ବିଳମ୍ବିତ ରାତିରେ ନିକଟସ୍ଥ ପୁରୁଷଣ୍ଡ ପାହାଡରେ ରହୁଥିବା ଦନ୍ତାଟି ଆଦିବାସୀ ବସ୍ତି ମଧ୍ୟରେ ପ୍ରବେଶ କରି ଦାଶରଥି ପୂର୍ତିଙ୍କ ମାଟିକାନ୍ଥ ଘରକୁ ଧକ୍କା ମାରି ଭୀଷଣ ଗର୍ଜନ କରିଥିଲା । ଗର୍ଜନ ଶୁଣି ଘରେ ଶୋଇଥିବା ଦାଶରଥି ତାଙ୍କ ପତ୍ନୀ କୁନି ପୂର୍ତି ଓ ତିନୋଟି ଛୁଆ ପ୍ରାଣ ବିକଳରେ ଘରୁ ବାହାରି ଦୌଡି ପଳାଇଥିଲେ । ହାତୀର ଗୋଡ ଧକ୍କାରେ ଘରଟି ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା । ଦାଶରଥି ଓ ତାର ପରିବାର ଅଳ୍ପକେ ବର୍ତିଯାଇଥିଲେ । ଦନ୍ତା ପରେ ସେଠାରୁ ପୁଣି ପାହାଡକୁ ଫେରିଯିବା ପରେ ଗ୍ରାମବାସୀମାନେ ବାହାରକୁ ଆସିଥିଲେ । ଖବର ପାଇ ଜିଲ୍ଲା ବିଜେଡି ସଂପାଦକ ସେକ୍ ଶାହାଜାହାନ ଓ ପୂର୍ବତନ ସରପଞ୍ଚ ଚଗଲା ରାଉତ ବନପାଳଙ୍କ ସହ ଘଟଣାସ୍ଥଳରେ ପହଂଚି କ୍ଷୟକ୍ଷତିର ଆକଳନ କରିଥିଲେ । ଶହାଜାହାନ ଓ ଚଗଲା ରାଉତ ଦାଶରଥିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ପରେ ସରପଞ୍ଚ କଲ୍ୟାଣୀ ଦାସଙ୍କ ପ୍ରତିନିଧି ଜଗନ୍ନାଥ ଦାସ, ଯୁବ ସଂଗଠକ ଅମରେନ୍ଦ୍ର ରାଉତରାୟ ପ୍ରମୁଖ ପହଂଚି ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଦେଇଥିଲେ । ଦନ୍ତା ଘର ଭାଙ୍ଗିଦେବା ସହ ଘରେ ଥିବା ଧାନ ଗୁଡିକୁ ବୋହିନେଇ ନିକଟସ୍ଥ ଜଙ୍ଗଲରେ ଫୋପାଡି ନଷ୍ଟ କରିଦେଇଛି । ଦନ୍ତାଟି ଦୀର୍ଘଦିନ ହେବ ଏ ଅଞ୍ଚଳରେ ରହି ଉପଦ୍ରବ ଚଳାଇଥିବାରୁ ଗ୍ରାମବାସୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ।

# ହାତୀ ଘରେ ପଶି ଧାନ,ଚାଉଳ ଖାଇଲା: କୁକୁରକୁ ମାରିଲା

ନିରାକାରପୁର, ୨୮/୭ (ନିପ୍ର): କିଛି ଦିନ ହେବ ଗୋଟିଏ ଗୋଠଛଡ଼ା ଦନ୍ତା ହାତୀ ଏବେ ଜଙ୍କିଆ ,ଗୋଳବାଇ ଓ ନିରାକାରପୁର ଅଞ୍ଚଳରେ ଉତ୍ପାତ କରୁଛି । ଦିନବେଳା ନିକଟସ୍ଥ ଜଙ୍ଗଲରେ ଡ଼େରା ପକାଉଥିବାବେଳେ ସଞ୍ଜ ନଇଁଲେ ସେ ଗାଁ ମୁହାଁ ହୋଇ ଉଗ୍ର ହେଉଛି । କେତେବେଳେ ମଣିଷକୁ ଆକ୍ରମଣ କଲାଣି ତ କେତେବେଳେ ଘର ପାଚେରୀ ଭାଙ୍ଗି ଧାନ,ଚାଉଳ ଖାଇଯାଉଛି । ବନ ବିଭାଗ ଖାଲି ତାକୁ ଘେଉଡ଼ାଇବା ପାଇଁ ବାଣ ଫୁଟାଇ, ସାଇରାନ ବଜାଇ ,ଲାଇଟ ଦେଖାଇ ତାର ଔପଚାରିକତା ସାରି ଦେଇ ବସୁଛି । କିନ୍ତୁ ସେଣ୍ଟନ ମାନି ନିଜର ଦୌରାତ୍ମ୍ୟ ଜାରି ରଖୁଛି । ଗତକାଲି ବିଳମ୍ବିତ ରାତିରେ ଗୋଳବାଇ ପଞ୍ଚାୟତ ଉପରଗୁଣ୍ଡୁଣୀ ସାହିର କାମଦେବ ପରିଡ଼ାଙ୍କ ବାଡ଼ିପଟ ଘରେ ପଶି ରଖାଯାଇଥିବା ଧାନଚାଉଳ ବସ୍ତା ଛିଣ୍ଡାଇ ଖାଇଥିଲା । ଏହି ସମୟରେ କାମଦେବଙ୍କ ବନ୍ଧା ହୋଇଥିବା ପୋଷା କୁକୁର ଭୁକିବାରୁ ତାକୁ ହାତୀ ଆକ୍ରମଣ କରି ମାରି ଦେଇଛି । ଉକ୍ତ ସମୟରେ ବନ କର୍ମଚାରୀମାନେ ବହୁ ଚେଷ୍ଟା କରିଥିଲେ ବି ହାତୀଟି ସେଠାରୁ ଜଙ୍ଗଲକୁ ଯାଇ ନଥିଲା । ପରେ ଭୋରୁ ୫ଟାରେ ସେ ଜଙ୍ଗଲକୁ ଯାଇଥିବାର ସୂଚନା ମିଳୁଛି ।

# ଆଇଆଇଟିରେ ଖୋଲିଲା ନୂତନ କେନ୍ଦ୍ରୀୟ ବିଦ୍ୟାଳୟ

ଜଟଣୀ, ୨୮/୭(ନି.ପ୍ର): ଜଟଣୀ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟି ପରିସରରେ ପ୍ରତିଷ୍ଠିତ ନୂତନ କେନ୍ଦ୍ରୀୟ ବିଦ୍ୟାଳୟରେ ମଙ୍ଗଳବାର ଠାରୁ ପାଠ ପଢ଼ା ଆରମ୍ଭ ହୋଇଛି । ବିଦ୍ୟାଳୟର ବିକାଶ ଶିକ୍ଷକଙ୍କ ହାତରେ ବୋଲି ଆଇଆଇଟିର କୁଳ ସଚିବ ଦେବରାଜ ରଥ ମତବ୍ୟକ୍ତ କରିଛନ୍ତି । ଆଇଆଇଟି ଭୁବନେଶ୍ୱରର ବୋର୍ଡ଼ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ଡ଼.ରାଜେନ୍ଦ୍ର ପ୍ରସାଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆଇଆଇଟିର କୁଳ ସଚିବ ଦେବରାଜ ରଥ ସମ୍ମାନୀତ ଅତିଥି,କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ସମୂହର ଉପାୟୁକ୍ତ ଡ଼.ଏସ.ବୋଷ ଏବଂ ଭାରପ୍ରାପ୍ତ ଅଧ୍ୟକ୍ଷ ଧନଞ୍ଜୟ ପ୍ରସାଦ ଶର୍ମା ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଆରମ୍ଭ କରାଯାଇଥିବା ବେଳେ ୨୦୦ ମଞ୍ଜୁରୀ ସିଟ୍ ମଧ୍ୟରୁ ୧୨୮ ଜଣ ଛାତ୍ର ଛାତ୍ରୀ ନାମ ଲେଖାଇଥିବା ଅଧ୍ୟକ୍ଷ ସୂଚନା ଦେଇଥିଲେ । ଚଳିତ ସପ୍ତାହ ଶେଷ ସୁଦ୍ଧା ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରୁ ୮ମ ଶ୍ରେଣୀରେ ନାମ ଲେଖା କାର୍ଯ୍ୟ ଶେଷ ହେବ ବୋଲି ସେ କହିଥିଲେ । ବରିଷ୍ଠ ଶିକ୍ଷକ ଲକ୍ଷ୍ମୀଧର ଦୁଆରୀ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର କର୍ମଚାରୀ ଉତ୍ସବ ପରିଚାଳନା କରିଥିଲେ । ନବାଗତ ଛାତ୍ର ଛାତ୍ରୀ ଉପହାର ଏବଂ ପୁଷ୍ପଗୁଚ୍ଛ ଗ୍ରହଣ କରିବା ପରେ ନୂତନ ଶ୍ରେଣୀ ଗୃହରେ ପ୍ରବେଶ କରିଥିଲେ । ଆଇଆଇଟି ପରିସରରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ୍ ପ୍ରତିଷ୍ଠା କରାଯିବ ବୋଲି ଆଇଆଇଟି ବୋର୍ଡ଼ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ସୂଚନା ଦେଇଥିଲେ । ଆଇଆଇଟି ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସମସ୍ତ ଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଭି.କେ.ତିୱାରୀଙ୍କୁ ପ୍ରଶଂସା କରିଥିଲେ । ପୁର୍ବରୁ ଜଟଣୀରେ ରେଳବାଇ ରେତଙ୍ଗ କଲୋନୀ ଠାରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ରହିଥିଲା । ରେଳ କର୍ମଚାରୀଙ୍କ ପିଲାମାନେ ଏଠାରେ ପାଠ ପଢୁଛନ୍ତି । ଏବେ ଜଟଣୀ ଆଇଆଇଟି ପରିସରରେ ଅନ୍ୟ ଏକ ନୁତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବା ଫଳରେ ଏହାକୁ ମିଶାଇ ଜଟଣୀ ସହରରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଖ୍ୟା ୨କୁ ବୃଦ୍ଧି ପାଇଛି । ଜଟଣୀବାସୀ ସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଦୁଇଟି ଯାକ କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ଥାନୀୟ ପିଲାଙ୍କୁ ନାମ ଲେଖାଇବା ନିମନ୍ତେ ଅଧିକ ସଂଖ୍ୟାରେ ସୁଯୋଗ ଦେବା ଲାଗି ବିଭିନ୍ନ ମହଲରେ ଅନୁରୋଧ କରାଯାଇଛି ।

# ରାଜ୍ୟସ୍ତରୀୟ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ନବରଙ୍ଗପୁରର ଛାତ୍ର ପ୍ରଥମ



ନବରଙ୍ଗପୁର, ୨୮/୭(ନି.ପ୍ର):ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲା ଓଡିଶା ଆଦର୍ଶ ବିଦ୍ୟାଳୟ ଡାବୁଗାଁର ଦଶମ ଶ୍ରେଣୀର ଛାତ୍ର ଶାଶ୍ୱତ ସାମନ୍ତରାୟ ପ୍ରଥମ ସ୍ଥାନ ଅଧିକାର କରି ନବରଙ୍ଗପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ପ୍ରକାଶ ଥାଉକି ଓଡିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସାହିତ୍ୟ ସମ୍ପର୍କୀତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଶାଶ୍ୱତଙ୍କ ସଫଳତା ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

# ସରକାରୀ ପ୍ରୋତ୍ସାହନ ମିଳୁନି: ତଥାପି ମନୋବଳ ଭାଙ୍ଗିନି
## ନିଜସ୍ୱ ପାଣ୍ଠି ଓ ଉଦ୍ୟମରେ ରାକ୍ଷୀ ବଜାର ଚାହିଦା ପୂରଣ କରୁଛନ୍ତି ମହିଳା ଗୋଷ୍ଠୀ

ନିରାକାରପୁର, ୨୮/୭ (ନିପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ମହିଳାଙ୍କ ଉନ୍ନତି ଓ ସ୍ୱାବଲମ୍ବୀଶୀଳ ହେବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ମହିଳାମାନେ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପୁରୁଷଙ୍କ କାନ୍ଧରେ ତାଳ ଦେଇ କାହା ଉପରେ ନିର୍ଭରଶୀଳ ନ ହୋଇ ନିଜର ଗୁଜୁରାଣ ମେଣ୍ଟାଇ ପାରିବେ ସେଥିପାଇଁ ପଞ୍ଚାୟତସ୍ତରରୁ ଉଦ୍ୟମ ଜାରି ରହିଛି । ସରକାର ମିଶନ ଶକ୍ତି ଯୋଜନାରେ ମହିଳାମାନଙ୍କୁ ସରକାରୀ ପ୍ରୋହତ୍ସାନ ପ୍ରଦାନ କରିବା ସହ ତାଲିମ ପ୍ରଦାନ ପୂର୍ବକ ବହୁକ୍ଷେତ୍ରରେ ମହିଳାଙ୍କୁ ସାମ୍ବଲମ୍ବୀଶୀଳ କରିବାର ଚେଷ୍ଟା ରଖିଥିବା ବେଳେ ବାସ୍ତବରେ ଏହା ପ୍ରାୟତଃ ବାଟବଣା ହୋଇ କେବଳ କାଗଜକଲମରେ ଚାଲିଛି ।

ଏଥିରେ ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ପାରୁନି । ଆଉ ମଧ୍ୟ ସରକାରୀ ବାବୁମାନଙ୍କ ପାତରଅନ୍ତର ଯୋଗୁ ଯେଉଁ ମହିଳା ଗୋଷ୍ଠୀମାନଙ୍କ କାର୍ଯ୍ୟଦକ୍ଷତା ଅଛି ସେମାନଙ୍କୁ ପ୍ରୋତ୍ସାହନ ଦେବା ବଦଳରେ ଯେଉଁମାନେ କେବଳ କାଗଜକଲମରେ କାର୍ଯ୍ୟ ଶେଷ କରି



ଚାଟୁକାରୀ କଥା କହିପାରିଲା ସେମାନଙ୍କୁ ଅନେକ ସୁବିଧା ସୁଯୋଗ ମିଳୁଥିବା ଅଭିଯୋଗ ହେଉଛି । ଏପରି ଏକ ଘଟଣା ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ପଞ୍ଚାୟତରେ ଦେଖିବାକୁ ମିଳିଛି । ଶ୍ରୀ ଜଗନ୍ନାଥ ଉତ୍ପାଦକ ମହିଳା ଗୋଷ୍ଠୀର ମହିଳାମାନେ ସେମାନଙ୍କ ନିଜସ୍ୱ ଉଦ୍ୟମରେ ବିନା ସରକାରୀ ପ୍ରୋତ୍ସାହନରେ ନିଜର ଉତ୍ପାଦନ ଜିନିଷକୁ ବଜାରରେ ଚାହିଦା ବଢାଇବାରେ ସଫଳ ହୋଇପାରିଛି । ଏହି ଗୋଷ୍ଠୀ ଉତ୍ପାଦ ସାମଗ୍ରୀ ଉତ୍ପାଦନ ଓ ଏହାର ବଜାରରେ ବିକ୍ରିୟ ସୁବିଧା ପାଇଁ ସରକାରଙ୍କ ଓଡ଼ିଶା ଜୀବିକା ମିଶନ ଓ ଓରମାସର ସହଯୋଗ ଲୋଡ଼ିଥିଲେ ବି ତାହା ସମ୍ଭବ ହୋଇ ପାରିନାହିଁ ବୋଲି ଏହାର ସଦସ୍ୟମାନେ କହିଛନ୍ତି ।

ଏହି ଗୋଷ୍ଠୀ ନରମ କଣ୍ଢେଇ, ଧାନରେ ବିଭିନ୍ନ ମୂର୍ତ୍ତି, ଜଗନ୍ନାଥ ଫଟୋ , ବିଭିନ୍ନ ପୁରୁଣା ଅଦରକାରୀ ଜିନିଷରେ ଅନେକ ଆଖିଦୃଶିଆ ଘରକରଣା ଜିନିଷ ନିର୍ମାଣ କରୁଥିବା ସହିତ ରାକ୍ଷୀ ପୂର୍ଣ୍ଣିମା ପାଇଁ ଏହାର ସଦସ୍ୟାମାନେ ରାକ୍ଷୀ ନିର୍ମାଣ କରିବାରେ ଜୋରସୋରରେ ଲାଗିପଡ଼ିଛନ୍ତି ।

ବଜାରରେ ରାକ୍ଷୀ ତିଆରି ପାଇଁ ମିଳୁଥିବା ବିଭିନ୍ନ କଞ୍ଚାମାଲ ଆଣି ଏହାର ପୂର୍ଣ୍ଣଙ୍ଗା ରୂପଦେଇ ବଜାରକୁ ବିକ୍ରି ପାଇଁ ଛାଡୁଥିବା ଦେଖିବାକୁ ମିଳିଛି । ଏମାନଙ୍କ ମନୋବଳ ଓ ଉଦ୍ୟମ ଯୋଗୁ ବଜାର ଚାହିଦା ଅନୁସାରେ ବହୁତ ସୁନ୍ଦର ଓ କମ ଦାମରେ ରାକ୍ଷୀ ତିଆରି କରି ହୋଲସେଲର, ରିଟେଲରମାନଙ୍କୁ ଦେଉଥିବା ଜଣାପଡ଼ିଛି । ଏହି ମହିଳା ଗୋଷ୍ଠୀଙ୍କୁ ପ୍ରଶିକ୍ଷକ ଦେଉଥିବା ଅନିମା ସାମନ୍ତରାୟ କୁହନ୍ତି ଯେ ଅଳ୍ପ ଦିନରେ ଏହି ମହିଳାମାନେ ଭଲ ରାକ୍ଷୀ ନିର୍ମାଣ କରିପାରୁଛନ୍ତି । ଏମାନଙ୍କ ଦ୍ୱାରା ନିର୍ମିତ ଶଙ୍ଖ ରାକ୍ଷୀ, କଉଡ଼ି, ଧାନ, ରୁଦ୍ରାକ୍ଷ, ତୁଳସୀ, ଜଗନ୍ନାଥ, ଡ଼ୋରେମନ, ବିଭିନ୍ନ ମାଳି ରାକ୍ଷୀ, କୁନ୍ଦନ ଓ ଦିଆସିଲରେ ନିର୍ମିତ ରାକ୍ଷୀ ଲୋକଙ୍କର ବେଶ ଚାହିଦା ହୋଇପାରିଛି ।

# ୬ କଂଗ୍ରେସ ନେତା ବହିଷ୍କୃତ

ନବରଙ୍ଗପୁର, ୨୮।୭(ନି.ପ୍ର):ନବରଙ୍ଗପୁର ଜିଲ୍ଲା କଂଗ୍ରେସ ପକ୍ଷରୁ କୋଷାଗୁମୁଡା ବ୍ଲକର ୬ଜଣ ବରିଷ୍ଠ ନେତାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରାଯାଇଛି । ଏ ନେଇ ପ୍ରେସ ବିଜ୍ଞପ୍ତି ଜରିଆରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀ ସୂଚନା ଦେଇଛନ୍ତି । ସେଥିରେ କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ରାଜୋଡା ପଞ୍ଚାୟତର ବରିଷ୍ଠ ନେତା ମହେଶ୍ୱର ଭଣ୍ଡାରୀ,ହରିହର ଭଣ୍ଡାରୀ, ମହେଶ୍ୱର ବିଷୋୟୀ,ଲକ୍ଷ୍ମୀ ବିଷୋୟୀ, ଲକ୍ଷ୍ମୀ ସମରଥ ଓ ଆସ୍ଥା ହରିଜନଙ୍କୁ ଭାରତୀୟ ଜାତୀୟ କଂଗ୍ରେସ ପ୍ରାଥମିକ ସଦସ୍ୟ ପଦରୁ ବହିସ୍କାର କରାଯାଇଥିବା ଉଲ୍ଲେଖ କରାଯାଇଛି । ଅନୁଶାସନ ଭଙ୍ଗ, ଦଳୀୟ ଆଚରଣ ଓ ବିଜେଡି ସହିତ ଗୁପ୍ତ ସମ୍ପର୍କ ରଖି ଦଳକୁ ଦୁର୍ବଳ କରୁଥିବା ଅଭିଯୋଗ ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦର୍ଶାଯାଇଛି । ବହୁ ସତ୍ୟ ତଥ୍ୟ ହସ୍ତକ୍ଷେପ ହେଲା ପରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ବ୍ଲକ କଂଗ୍ରେସ କମିଟି ଓ ଜିଲ୍ଲା ଶୃଙ୍ଖଳାଗତ କମିଟି ସହ ଆଲୋଚନା କରି ଏହି ନିଷ୍ପତ୍ତି ନିଆଯାଇଥିବା ଶ୍ରୀ ତ୍ରିପାଠୀ କହିଛନ୍ତି ।

# ଖାଉଟି ଅଦାଲତ ଦ୍ୱାରା ଭାରତୀୟ ତୈଳ ନିଗମକୁ ଅର୍ଥଦଣ୍ଡ

ନବରଙ୍ଗପୁର, ୨୮/୭(ନି.ପ୍ର): ନବରଙ୍ଗପୁର ଖାଉଟି ଅଦାଲତ ଗୋଟିଏ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଭାରତୀୟ ତୈଳ ନିଗମ ସମ୍ବଲପୁର ମଣ୍ଡଳକୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । କ୍ଷତିପୂରଣ ସୁଧ ସହ ଅମାନତ ରାଶି,ମକଦ୍ଦମା ପରିଚାଳନା ପାଇଁ ଅର୍ଥ ମାସକ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। । ସୂଚନା ଅନୁଯାୟୀ ଭାରତୀୟ ତୈଳ ନିଗମ ସମ୍ବଲପୁର ମଣ୍ଡଳ ପକ୍ଷରୁ ୨୦୧୮ ମସିହାରେ କୋଡିଙ୍ଗା-ପାପଡାହାଣ୍ଡି ରାସ୍ତାର ଚଟାହାଣ୍ଡି ମୌଜା ଅଧୀନରେ ଗୋଟିଏ ଖୁଚୁରା ଖଣିଜ ତୈଳ ବିକ୍ରୟ ପେଟ୍ରୋଲ ପମ୍ପ ପାଇଁ ଆବେଦନ କରିବାକୁ ବିଜ୍ଞାପନ ପ୍ରକାଶ ପାଇଥିଲା । ଏହି ପମ୍ପ ନିମନ୍ତେ ନବରଙ୍ଗପୁର ସହର ନୂଆବନ୍ଧ ସାହିର ଭାସ୍କର ପୁଲୁସର ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଥିଲେ । ସର୍ତ୍ତ ମୁତାବକ ଆବଶ୍ୟକ ଦସ୍ତାବିଜ ସହ ଦରଖାସ୍ତ ପାଇଁ ୮ହଜାର ଟଙ୍କା,ଅମାନତ ରାଶୀ ୪୦ହଜାର ଟଙ୍କା ୨୦୧୯ମସିହା ନଭେମ୍ବର ୧ତାରିଖ ଦିନ ଅନଲାଇନରେ ଜମା କରିଥିଲେ । କିନ୍ତୁ କୌଣସି ପ୍ରତିକୂଳ ଉତ୍ତର ନ ଦେଇ ଭାରତୀୟ ତୈଳ ନିଗମ ଆବେଦନକୁ ରଦ୍ଦ କରି ଦେଇଥିଲେ । ଏପରିକି ଅମାନତ ରାଶି ୩ବର୍ଷ ଧରି ମଧ୍ୟ ଫେରାଇ ନଥିଲେ । ତେଣୁ ବାଧ୍ୟ ହୋଇ ଭାସ୍କର ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ଜରିଆରେ ଭାରତୀୟ ତୈଳ ନିଗମର ପରିଚାଳନା ଅଧିକାରୀଙ୍କୁ ଲିଗାଲ ନୋଟିସ୍ ପଠାଇଥିଲେ । ଏହାପରେ ବି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଗତବର୍ଷ ଜାନୁୟାରୀ ମାଧ୍ୟରେ ଭାସ୍କର ନବରଙ୍ଗପୁର ଖାଉଟି ଅଦାଲତଙ୍କ ଆଶ୍ରୟ ନେଇଥିଲେ । ମାମଲାର ଶୁଣାଣି କରି ନବରଙ୍ଗପୁର ଖାଉଟି ଅଦାଲତର ସଭାପତି ଗୋପାଳକୃଷ୍ଣ ରଥ ଓ ସଦସ୍ୟ ସାଲମା ବାନୋ ରାୟ ଆବେଦନକାରୀଙ୍କ ସପକ୍ଷରେ ଦେଇଛନ୍ତି ।୧୨ପ୍ରତିଶତ ସୁଧ ସହ ଅମାନତ ରାଶି,କ୍ଷତିପୂରଣ ବାବଦ ୧୦ହଜାର ଟଙ୍କା ଓ ମକଦ୍ଦମା ପରିଚାଳନା ପାଇଁ ୫ହଜାର ଟଙ୍କା ପ୍ରଦାନ କରିବାକୁ ଭାରତୀୟ ତୈଳ ନିଗମ ପରିଚାଳନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୩୦ଦିନମଧ୍ୟରେ ଟଙ୍କା ଫେରାଇବାକୁ ରାୟ ମିଳିଥିବା ଆବେଦକଙ୍କ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ

ନବରଙ୍ଗପୁର, ୨୮/୭(ନି.ପ୍ର):ସ୍ଥାନୀୟ ଦଶହରାପଦା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ବାର୍ଷିକ ଶ୍ରୀ ଅରବିନ୍ଦ ପାଠଚକ୍ର ,କର୍ମୀ ସମ୍ମିଳନୀ ଏକ ଆଧାତ୍ମିକ ବାତାବରଣ ଭିତରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ ମାତୃଭବନ ତଥା ନବଜୀବନ ଶିକ୍ଷାସଂସଦ,ଭୁବନେଶ୍ୱରରୁ ବିଶିଷ୍ଟ ଅତିଥି ମାନେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଭାରତବର୍ଷ ତଥା ବିଶ୍ୱର କଲ୍ୟାଣଲାଗି ଶ୍ରୀ ଅରବିନ୍ଦଙ୍କ ଯୋଗ,ପୂର୍ଣ୍ଣାଙ୍ଗ ଶିକ୍ଷା ଏବଂ ଦର୍ଶନର ମହାନତା ଉପରେ ଆଲୋଚନା କରିଥିଲେ । "ପୂର୍ଣ୍ଣାଙ୍ଗ ଶିକ୍ଷା-ଭବିଷ୍ୟତର ପ୍ରସ୍ତୁତି' ବିଷୟରେ ବ୍ରଜ ମୋହନ ବେହେରା, "ଚେତନାର ପରିବର୍ତ୍ତନରେ ହିଁ ସମସ୍ୟାର ସ୍ଥାୟୀ ସମାଧାନ' ବିଷୟରେ କପିଳାସ ପ୍ରସାଦ ଦାସ "ନିଜ ଭିତରେ ଚୈତ୍ୟ ଜାଗୃତି' ବିଷୟରେ ଗଦାଧର ମିଶ୍ର ଏବଂ ଶ୍ରୀ ଅରବିନ୍ଦ ପାଠଚକ୍ର ଏବଂ ଶିକ୍ଷାକେନ୍ଦ୍ର ସଙ୍ଗଠନ ବିଷୟରେ ସରୋଜ ପଟ୍ଟନାୟକ ଆଲୋଚନା କରିଥିଲେ । ନବରଙ୍ଗପୁର ଜିଲ୍ଲା ଆବାହିକା ସଙ୍ଗୀତା ପଟ୍ଟନାୟକ ବିବରଣୀ ଉପସ୍ଥାପନା କରିଥିଲେ । ମଣ୍ଡଳ ସଂଯୋଜକ ସୁରେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନଥମ ମଣ୍ଡଳ ସଂଯୋଜକ ନୀଳମାଧବ ମିଶ୍ର ଉପସଂହାର କରିଥିଲେ । ଇଂ.ସନ୍ତୋଷ କୁମାର ଗାହଣ କୃତଜ୍ଞତା ଅର୍ପଣ କରିଥିଲେ । ଏହି ଅବସରରେ ମାତୃଭବନ ବିକ୍ରୟ କେନ୍ଦ୍ର ମାଧ୍ୟମରେ ଅନେକ ମୂଲ୍ୟବାନ ପୁସ୍ତକ,ଫୋଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ହୋଇଥିଲା । ରସରାଜ ଭାଇ ମାତୃଙ୍କଗୀତ ଗାନ କରିଥିଲେ । ଏହି ବାର୍ଷିକ ଉତ୍ସବରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ବ୍ଲକରୁ ବହୁଳ ଭାବରେ ପାଠଚକ୍ର ଏବଂ ଶିକ୍ଷାକେନ୍ଦ୍ରର ଭାଇଭଉଣୀ ମାନେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ପ୍ରସାଦ ନାୟକ, ସୁରେନ୍ଦ୍ରନାଥ ଦାସ,କପିଳେନ୍ଦ୍ର ମିଶ୍ର,କୃଷ୍ଣଚନ୍ଦ୍ର ଘଡେଇ, ଦେବେନ୍ଦ୍ର ନାୟକ,ସ୍ୱର୍ଣ୍ଣଲତା ମହାଙ୍କୁଡ,ପ୍ରଲ୍ଲିଭା ଭୂୟାଁ, ଅଞ୍ଜିତା ସାମଲ,ଅଭିମନ୍ୟୁ ଦାସ,ଶ୍ୟାମସୁନ୍ଦର ନିଙ୍ଗି,ଉର୍ମୀଳା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ସମସ୍ତ ବ୍ଲକ ଆବାହକ,ଦସକର୍ମଧାରା ଆବାହକ,ଶିକ୍ଷାକେନ୍ଦ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀ,ପରିଚାଳକ ତଥା ପାଠଚକ୍ରର ଭାଇ,ଭଉଣୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସତ୍ୟନାରାୟଣ ଷଡଙ୍ଗୀ, ଚନ୍ଦନ ଭୂମିଆ,ସୁଧିରାଜ ରାଉତ, ଅଜୟ କୁମାର ସାହୁ, ଅଭିମନ୍ୟୁ ବେହେରା,ରଞ୍ଜନ କୁମାର ମହାପାତ୍ର, ଟୁକୁନା ପାଣିଗ୍ରାହୀ, ରବିକାନ୍ତ ରଘୁରାମ, ଶ୍ରୀଧର ଶତପଥୀ, ସୁଜାତା ପଟ୍ଟନାୟକ, ଉମାମହେଶ୍ୱର ପଟ୍ଟନାୟକ, ସି.ଏଚ୍.ଉଷାରାଣୀ, ଉତ୍କଳିକା ବେହେରା, ପଦ୍ମଲତା ବିଷୋୟୀ, ଡି.କ୍ରିଷ୍ଣା, ଦେବକୀ ଜାନୀ, ଶ୍ରୀନିବାସ ପଟ୍ଟନାୟକ, ଲୀନା ପଟ୍ଟନାୟକ, ରୀତାଞ୍ଜଳୀ ଗଉଡ, ଦାଶରଥି ମାଝୀ, ପ୍ରପର୍ଣ୍ଣା ସାହୁ,ସବିତା ପଟ୍ଟନାୟକ, ସଙ୍ଗୀତା ପଟ୍ଟନାୟକ, ସୁଜାତା ମିଶ୍ର,ରଶ୍ମିରାଣୀ ବେହେରା, ନିର୍ମଳ ନାୟକ, ରୀତାଞ୍ଜଳି ବେହେରା ଏବଂ ଅନ୍ୟମାନେ ସକ୍ରିୟ ସହଯୋଗ କରିଥିଲେ ।

# ଆନନ୍ଦ ସରୋବରରେ ଚାରାରୋପଣ କାର୍ଯ୍ୟକ୍ରମ



ନବରଙ୍ଗପୁର, ୨୮/୭(ନି.ପ୍ର):ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ବ୍ରହ୍ମାକୁମାରୀଙ୍କ ଆୟୋଜନରେ ଆନନ୍ଦ ସରୋବରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲାପାଳ ଡଃ. କମଲଲୋଚନ ମିଶ୍ର,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ ।ବ୍ରହ୍ମାକୁମାରୀ ଆଶ୍ରମର ମୁଖ୍ୟ ବ୍ରହ୍ମାକୁମାରୀ ନିଳମଜୀ ଅତିଥିଙ୍କୁ ସ୍ୱାଗତ କରିଥିଲେ ।ସ୍ୱାଧୀନତାର ୭୫ବର୍ଷ ଅବସରରେ ୭୫ଟି ବିଭିନ୍ନ ଚାରା ଲଗାଯିବାକୁ ସ୍ଥିର କରାଯାଇଥିବା ସୂଚନା ଦିଆଯାଇଥିଲା । ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନୀ, ଜିଲ୍ଲାପାଳ ଡଃ. ମିଶ୍ର ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସାହୁ ପ୍ରମୁଖ ଚାରାରୋପଣ କରିଥିଲେ । ଏଠାରେ ୪ଏକର ଜମିରେ ଆନନ୍ଦ ସରୋବର କାର୍ଯ୍ୟ ଚାଲିଛି । ଏଭଳି ମହାନ ଅନୁଷ୍ଠାର ସେବା କାର୍ଯ୍ୟ ନେଇ ଜିଲ୍ଲାପାଳ ଡଃ. ମିଶ୍ର ଖୁସି ପ୍ରକାଶ କରିଥିଲେ । ଅନୁଷ୍ଠାନର ବିକାଶ ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ପ୍ରଧାନୀ କହିଥିଲେ ।

# କର୍ପୂରଙ୍କ ସହ ଫୋଟରେ କାମ ସାରିଦେଲା ପ୍ରଶାସନ,ଦୁଃଖ ବୁଝିବାକୁ କାହାରି ଆନ୍ତରିକତା ନାହିଁ !

ପାଟଣାଗଡ/ବେଲପଡା, ୨୮/୭ (ନିପ୍ର): ପାଟଣାଗଡ ରାମପୁର ସ୍ଥିତ ଏକ ନିଛାଟିଆ ସ୍ଥାନରେ ଅଭିଶପ୍ତ ଜୀବନ କାଟୁଥିବା ୭୦ ବର୍ଷିଆ କର୍ପୂର ପୁଟେଲଙ୍କ ଦୁଃଖ ବୁଝିବାକୁ କାହାରି ଆନ୍ତରିକତା ନାହିଁ । ବର୍ଷ ବର୍ଷ ଧରି ଏମିତି ଅଭିଶପ୍ତ ଜୀବନ କାଟୁଥିଲେ ମଧ୍ୟ ନା ପ୍ରଶାସନିକ ଅଧିକାରୀ ନା ରାଜନେତାଙ୍କ ଦୃଷ୍ଟି ପଡୁଛି । ଏନେଇ ଗଣମାଧ୍ୟମରେ ପ୍ରକାଶ ପରେ ବୃଦ୍ଧାଙ୍କ ପାଖକୁ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ସମସ୍ୟା ପଚାରି ବୁଝିଛନ୍ତି । ଖାଇବାକୁ କିଛି ଫଳ ମଧ୍ୟ ଦେଇଛନ୍ତି । କିନ୍ତୁ ସମାଧାନ ନକରି କେବଳ ଫୋଟ ହୋଇ ନିଜର କାମ ସାରି ଦେଇଥିବା ଅଭିଯୋଗ ହେଉଛି । ବୃଦ୍ଧାଙ୍କୁ ଚିକିତ୍ସାର ଆବଶ୍ୟକ ଥିଲେ ମଧ୍ୟ ତାକୁ ଡାକ୍ତରଖାନା କି ଔଷଧ ପତ୍ର ଦିଆଯାଇନାହିଁ । କେବଳ ପରିଭ୍ରମଣ କରି କାମ ସାରି ଦେଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପଟେ ଜିଲ୍ଲାପାଳ ନିଜ ଟ୍ୱିଟର ଆକାଉଣ୍ଟରେ ଲେଖିଛନ୍ତି ଯେ ବୃଦ୍ଧା ଏବେ ରୋଗମୁକ୍ତ ସେ ମଧୁବାବୁ ପେନସନ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ଅଛନ୍ତି । ଏକ ବୃଦ୍ଧାଶ୍ରମ କୁନେଇ ରଖିବାକୁ ପ୍ରସାଶନ ପକ୍ଷରୁ ଉଦ୍ୟମ କରାଯାଉଛି । ବୃଦ୍ଧା ଜଣକ ବୃଦ୍ଧାଶ୍ରମକୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଛି ।ଏତିକିରେ କାମ ସାରିଦେଇଛି ଜିଲ୍ଲା ପ୍ରଶାସନ । ତେବେ କଣ ପାଇଁ ୭୦ ବର୍ଷିଆ କର୍ପୂର ପୁଟେଲ ବୃଦ୍ଧାଶ୍ରମ କୁ ଯାଇ ରହିବାକୁ ମନା କରୁଛି ତାହାର କାରଣ କେହି ପଚାରୁନାହାନ୍ତି । ତେବେ ଏହାର କାରଣ ଖୋଜିବାକୁ ଆମ ପ୍ରତିନିଧି ବୃଦ୍ଧାଙ୍କ ପାଖରେ ପହଞ୍ଚିଥିଲେ । ବୃଦ୍ଧାକୁ କାହିଁକି ବୃଦ୍ଧାଶ୍ରମ ଯିବାକୁ ମନା କରୁଛୁ ବୋଲି ପ୍ରଶ୍ନ କରିବାରୁ । କାନ୍ଦି ପକାଇ କର୍ପୂର କହିଲେ ଯେତେବେଳେ ମୋର ଗୋଡ ହାତ ଚାଲୁଥିଲା ସେ ସମୟରେ କେହି ବି ମୋ ପାଖକୁ ଦୁଃଖ ବୁଝିବାକୁ ଆସିନଥିଲେ ।ଏବେ ମୃତ୍ୟୁ ସହିତ ସଂଘର୍ଷ କରୁଥିବା ସମୟରେ ମତେ ନେବାକୁ ଆସିଛନ୍ତି ।ସେଠାକୁ ଗଲେ କଣ ମୋର ଦୁଃଖ ଦୂର ହୋଇଯିବ । ସମସ୍ତେ ମତେ ପରକରି ଦେଲେ ।ହେଲେ ମୋ ପାଇଁ ଯିଏ ଭଗବାନ ସାଜିଛି ସେ ହେଉଛି ଡିଙ୍ଗର । ନିଜଲୋକ ନହୋଇବି ମୋ ପାଇଁ ସେ ଦାନା ଯୋଗଉଛି । ତାକୁ ଦେଖିଲେ ମୋର ଦୁଃଖ ହାଲକା ଲାଗିଯାଏ ।ସେଥିପାଇଁ ମୁଁ ବାହାରକୁ ଯିବିନି ବୋଲି ସେ କହିଛନ୍ତି । ଯଦି ମୋ ପାଇଁ ଏତେ ଦରଜ ଅଛି ତାହେଲେ ମତେ ଏଥି ରହିବାକୁ ଭଲ ଘରଟିଏ କରିଦିଅ । ଔଷଧ ପତ୍ରରେଯାଗାଇ ଦେବାକୁ ସେ କହିଛନ୍ତି । ସୂଚନାରୁ ପ୍ରକାଶ ଯେ, ବେଲପଡା ବ୍ଲକର ଖଲିପଥର ଗାଁର କର୍ପୂର ପୁଟେଲ । ଗାଁରେ ପରିବାର ଲୋକଙ୍କ ସହ ହସଖୁସିର ଜୀବନ ବଞ୍ଚୁଥିଲେ । ହାତ ଗୋଡରେ କିଛି ଲକ୍ଷଣ ଦେଖା ଦେବାରୁ ତାକୁ କୁଷ୍ଠ ରୋଗ ହୋଇଛି କହି ଗାଁରୁ ବାସନ୍ଦ କରିଦେଇଥିଲେ ଲୋକେ । ନିଜ ପରିବାର ଲୋକବି ପରକରି ଦେଲେ ।ସେବେଠୁ ପାଟଣାଗଡ ଚାଲିଆସିଥିଲେ କର୍ପୂର । ଏବଂ ରାମପୁରର ଏକ ନିଛାଟିଆ ସ୍ଥାନରେ ବସବାସ କରି ଅଭିଶପ୍ତ ଜୀବନ ବଞ୍ଚୁଛନ୍ତି । ପ୍ରଥମେ ସେ ଭିକ୍ଷାବୃତ୍ତି କରି ଚଳୁଥିଲେ । ପରେ ଡିଙ୍ଗରଙ୍କ ପରିବାର ବୃଦ୍ଧାଙ୍କ ପାଇଁ ଦାନା ଯୋଗଇ ଦେଉଛି । ବୃଦ୍ଧାର ହାତ ଗୋଡ ଚଳୁନଥିବାରୁ ତାଙ୍କ ପାଇଁ ଏ ଯୋଜନା କଣ ହେବ ତାଙ୍କ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଡିଙ୍ଗର ପୁଟେଲଙ୍କ ପରିବାର ଲୋକେ ଦାବି କରିଛନ୍ତି ।



## ଗୋବିନ୍ଦପୁର ଠାରେ କୁଷ୍ଠରୋଗ ନିରାକରଣ କାର୍ଯ୍ୟକ୍ରମ

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଟିମନପୁର ଗ୍ରାମ ପଞ୍ଚାୟତ ଗୋବିନ୍ଦପୁର ଠାରେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ କୁଷ୍ଠରୋଗା ନିରାକରଣ ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ କର୍ମୀ ମାନେ ଘର ଘର ବୁଲି ଲୋକଙ୍କ ଶରୀରରେ ତମ୍ବାଲିଆ ଛଉ ଯାହାକୁ ଛୁଇଁଲେ କିଛି ଜାଣିହେବ ନାହିଁ, ଚର୍ମରେ ଗୁଲି ଆକାର ର ବାହାରିବା,ଦରଜ ବିହୀନ ଘା ଇତ୍ୟାଦି ଲକ୍ଷଣ ଥିବା ବ୍ୟକ୍ତିକୁ ଚିହ୍ନଟ କରି ତାଙ୍କୁ ମାଗଣାରେ ଚିକିତ୍ସା ଓ ଔଷଧ ଦିଆଯାଇଥିଲା। ଓ ବର୍ଷା ମାସରେ ଦେଖାଦେଉଥିବା ଝାଡା ବାନ୍ତି ମେଲେରିଆ,ଡେଙ୍ଗୁ ଜ୍ୱର ର ଚିକିତ୍ସା ଓ ପ୍ରତିରୋଧ ବିଷୟରେ ସ୍ୱାସ୍ଥ ବିଭାଗର କର୍ମକର୍ତା ମାନେ ଗ୍ରାମର ଜନ ସାଧାରଣଙ୍କୁ ସଚେତନ କରାଇବା ସହ ରାତ୍ରି ଶୟନ ସମୟରେ ମସାରି ବ୍ୟବହାର କରି ମେଲେରିଆ ଜ୍ୱର ରୁ ଦୁରେଇ ରୁହନ୍ତୁ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ଗୋବିନ୍ଦ ରାଜ ପଟ୍ଟନାୟକ,ରୂପେସ ଭୋଇ,ଏ ଏନ ଏମ ଅଞ୍ଜନା ଅହିର,ଓ ସମସ୍ତ ଆଶା କ୍ରର୍ମି ମାନେ ଉପସ୍ଥିତ ରହିଥିଲେ।

## ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ସଚିନ

ନୂଆପଡ଼ା, ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଲର୍କା ଗାଁ'ର ସଚିନ ବେହେରା ହିମାଚଳ ପ୍ରଦେଶର ହମତା ପାସ ଶିଖରରେ ୧୪ ହଜାର ଫୁଟ ଉଚ୍ଚରେ ଚଢ଼ି ତ୍ରିରଙ୍ଗା ଉଡ଼ାଇ ରାଜ୍ୟ ତଥା ଜିଲ୍ଲା ପାଇଁ ଗର୍ବ ଶାଉଟିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଯୋଜନା ଓ ସଂଯୋଜନା ମନ୍ତ୍ରୀ ଓଡ଼ିଶା ସରକାର,ରାଜେନ୍ଦ୍ର



ପ୍ରସାଦ ଡୋଲକିଆ ସଚିନ ବେହେରାଙ୍କୁ ଗତ ବୁଧବାର ଦିନ ସମ୍ବର୍ଦ୍ଧିତ କରିଛନ୍ତି କ୍ଷ ମନ୍ତ୍ରୀ ନିଜ ବାସଭବନରେ ସଚିନଙ୍କୁ ଭେଟି ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସାର୍ଟିଫିକେଟ ପ୍ରଦାନ କରିଥିଲେ କ୍ଷ ଏହି ଅବସରରେ ମନ୍ତ୍ରୀ କହିଥିଲେ। ଯେ କ୍ରୀଡା କ୍ଷେତ୍ରରେ ସଚିନ ଯେଉଳି ଜିଲ୍ଲା,ରାଜ୍ୟ ତଥା ଦେଶ ପାଇଁ ସୁନାମ ଅର୍ଜନ କରିଛନ୍ତିକ୍ଷ ଆଜିର ଯୁବ ଖେଳାଳୀମାନେ ସଚିନଙ୍କ ଭଳି ଅନେକ ପ୍ରତିଭା ଓଡ଼ିଶା ପାଇଁ ଗୌରବ ଗର୍ବ ଶାଉଟିପାରିବେ କ୍ଷ ଏହି ଅବସରରେ ନୂଆପଡ଼ାଜିଲ୍ଲା ପରିଷଦ ଅବନୀ ଯୋଶୀ ମଧ ଉପସ୍ଥିତ ଥିଲେକ୍ଷ ବୋଡ଼େନ ବ୍ଲକ ଲରକା ଗାଁର ସଚିନ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଡେୟାର ଡେଭିଲସ ତରଫରୁ ଆୟୋଜିତ ହିମାଳୟ ପର୍ବତାରୋହାଣରେ ଅଂଶ ଗ୍ରହଣ କରିଥିଲେ। ଜୁନ ମାସ ୧୦ ତାରିଖ ୩.୨୦ ମଧ୍ୟାହ୍ନରେ ପ୍ରବଳ ଶୀତ(-୫ ରୁ -୧୦ ଡିଗ୍ରୀ ତାପମାତ୍ରା )ଓ ତୁଷାରପାତରେ ହିମାଚଳ ପ୍ରଦେଶର ହମତା ପାସ ଶିଖରରେ ପହଂଚିଥିଲେ କ୍ଷ ଲର୍କା ଗାଁର ଶିକ୍ଷକ ଲକ୍ଷ୍ମୀପ୍ରସାଦ ବେହେରା ଓ ମା ଆରତୀ ବେହେରାଙ୍କ ପୁଅ ସଚିନ ଭୁବନେଶ୍ୱର ସ୍ଥିତ ହାଇଟେକ ମେଡିକାଲ କଲେଜରେ ଫିଜିଓଥେରାପିରେ ଇର୍ଣ୍ଟର୍ଷିପ କରୁଛନ୍ତି। ସେ ଆଣ୍ଠୁ ପ୍ରଘାତ ବା ନିଷ୍ଟାଇକରେ ପାକିସ୍ତାନର ରେକର୍ଡ ଭାଙ୍ଗି ଗିନିଜ ବୁକ ଅଫ ୱାର୍ଲ୍ଡରେ ରେକର୍ଡ ହାସଲ କରିଛନ୍ତି। ସେ ୧୦୦ ମିଟର ସଫଳ ଧାବକ ଭାବେ ବେଶ ଜଣାଶୁଣା। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା ଓ ରାଜ୍ୟରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ଦୁଇ ଜଣ ମୋଟର ସାଇକେଲ ଚୋରା କୋର୍ଟ ଚାଲାଣ

## ଦିର୍ଘ ବର୍ଷ ପରେ ଧରାଛୁଆଁ ଦେଲା ଅଞ୍ଚଳର ପ୍ରଭାବ ଶାଳୀ ଚୋର



କଣ୍ଟାବାଞ୍ଜି ୨୮/୭: ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ମୋଟର ସାଇକେଲ ଚୋରୀ କରୁଥିବା ଗେଙ୍ଗର ଦୁଇ ଜଣ ଅଭିଯୁକ୍ତ ଚୋରକୁ କଣ୍ଟାବାଞ୍ଜି ପୁଲିସ କାବୁ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି, କଣ୍ଟାବାଞ୍ଜି ସ୍ଥିତ ଷ୍ଟେସନ ପଡ଼ା ସଲିମ ଖାଁଙ୍କ ପୁଅ ମହମ୍ମଦ ତଫିକ ଖାଁ (୨୫) ତଥା ଗୁଜରାତି ପଡ଼ାର ସ୍ୱର୍ଗୀୟ ଅଙ୍କୁର ଘିଭେଲାଙ୍କ ପୁଅ ଜିତୁ ଘିଭେଲା (୨୦) ବୋଲି ଜଣାପଡିଛି, କଣ୍ଟାବାଞ୍ଜି ପୁଲିସ କେଶ ନଂ ୧୭୫/୨ ଅନୁସାରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତ ଚୋରକୁ କୋର୍ଟ ଚାଲାଣ କଲା ବେଳେ ପୁଲିସକୁ ବିଭିନ୍ନ ପ୍ରକାର ଧମକ ଦେଇଥିବା କୁହାଯାଉଛି, ଏନେଇ ଏହି ମାମଲାର ପରିଚାଳନା କରୁଥିବା ଅଧିକାରୀ ହୀରା ଖାଲକୋଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ ଏମାନେ ଷ୍ଟେସନ ପରିସରରେ ବାଇକ ଚୋରି କରୁଥିବା ସମୟରେ ସ୍ଥାନୀୟ ଯୁବକ ମାନେ କାବୁ କରିଥିଲେ ଓ ପୁଲିସକୁ ସୁଚନା ଦେବାରୁ ଆମେ ଯାଉଥିଲୁ ଓ ଚୋରି ବାଇକ ଯବତ କରିବା ସହ ନିଶା ସମାଗ୍ରୀ ଯବତ କରାଯାଇଥିଲା ବୋଲି ସୂଚନା ଦେଇଥିଲେ, ଏମାନେ କଣ୍ଟାବାଞ୍ଜିରେ ଏତେ ପ୍ରଭାବଶାଳୀ ଯେ ଏମାନଙ୍କୁ ପୁଲିସ ବାହିନୀ ବି ଥରେକ ପାଇଁ କମ୍ପି ଉଠନ୍ତି, ଧନ୍ୟ ସେ ମହିଳା ପୁଲିସଙ୍କୁ ଯେ ସେ ଏତେ ଧମକ ଓ ଅଶ୍ଳୀଳ ଭାଷାରେ ଗାଳି ଶୁଣିଲା ପରେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି, ସୂଚନା ଯୋଗ୍ୟ ଯେ ପୁଲିସକୁ ଧମକ ଦେଇ କହିଛି ଯେ ମୁଁ ଜେଲରୁ ଫେରି କି ତୁମ ସମସ୍ତଙ୍କୁ ଦେଖି ନେବି ବୋଲି ଧମକ ଦେଇଛି, ଏଭଳି ଚୋର ମାନଙ୍କୁ କିଛି କ୍ଷଣିରେ ବେଲ ମିଳି ଯାଉଛି ବୋଲି ଏମାନଙ୍କ ସାହସିକତା ଉଗ୍ର ରୂପ ନେଇ ପୁଲିସକୁ ଧମକ ଦେବାରେ ସାହସ ଜୁଟୁଛି ବୋଲି ଆଇନଜୀବୀଙ୍କ ମାହୋଲରେ ଚର୍ଚ୍ଚା ହେଉଛି, ଜଣେ ବରିଷ୍ଠ ସାମ୍ବାଦିକ ଆମ ପ୍ରତିନିଧିଙ୍କୁ କହିଲେ ଯେ ସେ ସଲିମ ଖାଁର ପୁଅ ବହୁତ ବଡ଼ ଗୁଣ୍ଡା ତା ନ୍ୟୁଜ ଲେଖନ୍ତୁ ନାହିଁ ସେ ଜେଲରୁ ମୁକ୍ତ ହେଲେ ତୁମ ସହ ଲଢ଼େଇ କରିବ ବୋଲି ସଚେତନ କରୁଥିଲେ, ଏମାନେ ଏତେ ପ୍ରଭାବଶାଳି ଯେ ସ୍ଥାନୀୟ ଗଣମାଧମ ମାହୋଲରେ ମଧ୍ୟ ଭୟର ବାତାବରଣ ସୃଷ୍ଟି ହୋଇ ରହିଛି, ଏନେଇ ବଜରଙ୍ଗ ଦଳ ପକ୍ଷରୁ ଜୋରଦାର ବିରୋଧ କରି କହିଛନ୍ତି ଯେ ଆମେ ସଦାସର୍ବଦା ସତ୍ୟର ସାହାର୍ଯ୍ୟରେ ରହିଛୁ ଓ ସବୁ ସମୟରେ ଭୁଲର ବିରୁଦ୍ଧ କରି ଆସିଛୁ ବୋଲି ପ୍ରତିକ୍ରିୟା ରଖିଛନ୍ତି

## ରାମ କୃଷ୍ଣ ମିଶନ ତରଫରୁ ବାଲିଝରାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ

ପାରାଦ୍ୱୀପ, ତା ୨୮.୦୭.୨୦୨୨ ରିଖ ବୁଧବାର ଦିନ ୱାର୍ଡ଼ ନମ୍ବର ୫ ରେ ଥିବା ଗଣପତି ଶିଶୁ ବିଦ୍ୟା ମନ୍ଦିର ପରିସରରେ ଭୁବନେଶ୍ୱର ରାମକୃଷ୍ଣ ମିଶନ ତରଫରୁ ଏକ ମାଗଣା ଚକ୍ଷୁ ଚିକିତ୍ସା। ଶିବିର ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନ ଆଚାର୍ଯ୍ୟ। ଶ୍ରୀମତୀ ଗୀତାଞ୍ଜଳି ତରାଇ ଙ୍କ ପୌରୋହିତରେ ଆୟୋଜିତ ଏହି ଶିବିରରେ ପାରାଦ୍ୱୀପ ର ବିଭିନ୍ନ ବସ୍ତିରୁ ମୋଟ ୩୦୨ ଜଣ ପିଲା ଏବଂ ୨୨ ଜଣ ବୟସ୍କ ଲୋକଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥି ମଧ୍ୟରୁ ୩୨ ଜଣଙ୍କର ଦୃଷ୍ଟି ଦୋଷ ଥିବାରୁ ଡାକ୍ତର ସେମାନଙ୍କୁ ଚଷମା ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ ।୩ ଜଣଙ୍କର ମୋତିଆବିନ୍ଦୁ ଥିବାରୁ ସେମାନଙ୍କୁ ଅପରେସନ କରିବାକୁ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ଡାକ୍ତର ହରିଶଙ୍କର ପାତ୍ର,ସ୍ୱାମୀ ଅଦ୍ୱୋୟାନନ୍ଦ ମହାରାଜ,ସ୍ୱାମୀ ଜ୍ଞାନତିତାନନ୍ଦ ମହାରାଜ,ପି ପି ଏଲ ର ଅଧିକାରୀ ପ୍ରଦୀପ ମହାପାତ୍ର,ଗୋବିନ୍ଦ ପ୍ରସାଦ ନନ୍ଦ ଯୋଗଦେଇ ଲୋକମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ ।ଏହି ଶିବିରକୁ ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ଦାସ,ସ୍ମୃତିରେଖା ଚୌଧୁରୀ,କଲ୍ୟାଣୀ ସାହୁ,ସସ୍ମିତା ଗୁରୁମା,ସୁଧାକର ସ୍ୱାଇଁ ଏବଂ ସୁକାନ୍ତ ମହାନ୍ତି

## ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ହୃଦୟରେ ବାଘ ମାମୁଁ

ଭୁବନେଶ୍ୱର, ୨୮/୭ : ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ। ପ୍ରତିବର୍ଷ ଜୁଲାଇ ମାସ ୨୯ ତାରିଖଟିକୁ ବ୍ୟାଘ୍ର ଦିବସ ରୂପେ ପାଳନ କରାଯାଇଥାଏ। ସଂପ୍ରତି ଦିନକୁ ଦିନ ବାଘ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏ ନେଇ ସାରା ବିଶ୍ୱ ଚିନ୍ତିତ। ଏହାର ସୁରକ୍ଷା ପରିବେଶ ସଂରକ୍ଷଣ ଲାଗି ନିତାନ୍ତ ଜରୁରୀ। ଏହି ପରିପ୍ରେକ୍ଷୀରେ ସ୍ମାର୍ଟ ନଗରୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ପରିବେଶବିତ୍ ସୁଶାନ୍ତ ସାହୁ ଆମ ରାଜ୍ୟରେ ବ୍ୟାଘ୍ର ସଂଖ୍ୟା ହ୍ରାସକୁ ନେଇ ଚିନ୍ତାପ୍ରକଟ କରିବା ସହ ଜନ ସଚେତନତା ଉଦ୍ଦେଶ୍ୟରେ ମୁରୁଜରେ ଏକ ହୃଦୟ ତିଆରି କରି ବାଘର ଛବିକୁ ସ୍ଥାନିତ କରି ଏକ ନିଆରା ବାର୍ତ୍ତା ଦେବା ପାଇଁ ପ୍ରୟାସ କରିଛନ୍ତି। ସୁଶାନ୍ତ ଏହି ଅବସରରେ କୁହନ୍ତି-ପୂର୍ବରୁ ସିଂହ ଆମ ଦେଶର ଜାତୀୟ ପଶୁ ଥିଲା। ଏବେ ବାଘ ଆମର ଜାତୀୟ ପଶୁ। ଆମ୍ଭେମାନେ ଜାଣିରଖିବା ଉଚିତ୍ ବାଘ ରହିଲେ ଜଙ୍ଗଲ ରହିବ। ଜଙ୍ଗଲ ରହିଲେ ପରିବେଶ ଓ ଜୀବଜଗତର ସନ୍ତୁଳନ ରକ୍ଷା ହୋଇପାରିବ। ନଚେତ ଜୀବଜଗତ ଲୀନ ହୋଇଯିବ। ଅନେକ ସମୟରେ ଆମେ ବାଘକୁ ମାମୁଁ ବୋଲି ସମ୍ବୋଧନ କରିଥାଉ। ଛୋଟ ପିଲାକୁ ଗପ କହିଲା ବେଳେ ପ୍ରଥମେ ବାଘ ମାମୁଁର କଥା କହି ମନ ଜିଣିଥାଉ। ଏବେ ବାଘର ନାମକୁ ନେଇ ଫିଲ୍ମ ଟାଇଟଲ ଏବଂ କାହାଣୀ ତିଆରି ହୋଇସାରିଛି। ଯଥା-ଏକ୍ ଥା ଟାଇଗର, ଟାଇଗର ଜିନ୍ଦା ହୈ। ଦେଖିବାକୁ ଗଲେ ଏବେ ସଙ୍କଟରେ ବାଘ ମାମୁଁ। ଏକ ରିପୋର୍ଟରୁ ଜଣାପଡ଼ିଛି ୨୦୧୯ରେ ଭାରତରେ ୧୧୦ଟି ବାଘ ଓ ୪୯୧ଟି କଲର ପତରିଆ ପ୍ରାଣ ହରାଇଛନ୍ତି। ୨୦୧୮ରେ ୩୪ଟି ବାଘ ଶିକାରୀ ଦ୍ୱାରା ପ୍ରାଣ ହରାଇଥିବା ବେଳେ ୨୦୧୯ରେ ଏହା ୩୮ରେ ପହଞ୍ଚିଛି। ଅର୍ଥାତ୍ ବାଘ ଗୁଡ଼ିକ ଏବେ ଶିକାରୀଙ୍କ ଟାର୍ଗେଟରେ ରହିଛନ୍ତି। ଆମ ରାଜ୍ୟ ଓଡ଼ିଶାରେ ଏବେ ମହାବଳ ବାଘ କାଁ ଭାଁ ଦେଖା ଯାଉଛନ୍ତି। ଗତ ଅଢେଇ ବର୍ଷ ଭିତରେ ଆମ ରାଜ୍ୟରେ ୬୩ଟି ବାଘ ଛାଲ ଜବତ ହୋଇଛି। ସେଥିମଧ୍ୟରୁ ୬୦ଟି କଲର ପତରିଆ ଓ ୩ଟି ମହାବଳ ବାଘ ଛାଲ। ବନ ବିଭାଗର ଅପାରଗତା ଯୋଗୁ ଶିକାରୀମାନେ ବେଧଡ଼କ ଭାବେ ଶିକାର କରି ଚାଲିଛନ୍ତି। ଏ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହନ୍ତି ଆଉ ଦିନ କେଇଟାରେ ଓଡ଼ିଶା ଜଙ୍ଗଲରୁ ବାଘ ଶୂନ୍ୟ ହୋଇଯିବ। ଓଡ଼ିଶାରେ ବିଲୁପ୍ତ ପଥରେ ଥିବା ବାଘକୁ ବଞ୍ଚାଇ ରଖିବାକୁ ହେଲେ ଉଭୟ ସରକାରୀ, ବେସରକାରୀ ଏବଂ ଜନସାଧାରଣ ହୃଦୟର ସହ ସମ୍ମିଳିତ ଉଦ୍ୟମ ଓ ସଂକଳ୍ପ ନିତାନ୍ତ ଜରୁରୀ ବୋଲି ଶ୍ରୀ ସାହୁ ଏହି ଅବସରରେ କହିଛନ୍ତି।

## ନାବାଳିକା ଅପହରଣ - ଅଭିଯୁକ୍ତ କୋର୍ଟ ଚାଲାଣ

ପାରାଦୀପ-୨୮/୦୭- ପାରାଦୀପ ନୂଆବଜାର ଅଂଚଳରୁ ଜନୈକ ନାବାଳିକାକୁ ଅପହରଣ କରି ନେଇଥିବା ଅଭିଯୋଗରେ ପାରାଦୀପ ଆଦର୍ଶ ଥାନା ପୋଲିସ୍ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶଯେ, ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅନ୍ତର୍ଗତ ଗହ୍ମପୁର ଗ୍ରାମର ଡମ୍ବରୁଧର ରାଉତଙ୍କ ପୁଅ ଅଭିମନ୍ୟୁ ରାଉତ ପରିବାର ସହ ପାରାଦୀପ ନୂଆବଜାର ଅଂଚଳରେ ରୁହନ୍ତି । ଗତ ୨୩ ତାରିଖ ଅପରାହ୍ନ ପ୍ରାୟ ୩ଟା ସମୟରେ ଅଭିମନ୍ୟୁ ଓ ତାଙ୍କ ସ୍ତ୍ରୀ ଘରେ ନଥିବା ସମୟରେ ତାଙ୍କ ନାବାଳିକା ଝିଅକୁ ପାରାଦୀପ ମଧୁବନ ନିକଟସ୍ଥ ଜଗନ୍ନାଥ କଲୋନୀର ସତ୍ୟରଂଜନ ମଣ୍ଡଳଙ୍କ ପୁଅ ମନୋଜ ମଣ୍ଡଳ ଅପହରଣ କରି ନେଇଥିଲା । ଅଭିଯୋଗ ପାଇବା ପରେ ପାରାଦୀପ ଥାନା ଅଧିକାରୀ ପିପିଏଲ୍ ଫାଣ୍ଡି ଅଧିକାରୀ ରଘୁନାଥ ବେହେରାଙ୍କୁ ତଦନ୍ତ ଭାର ଦେଇଥିଲେ । ତଦନ୍ତ ସମୟରେ ଅଭିମନ୍ୟୁଙ୍କ ଅପହରଣ ହୋଇଥିବା ଝିଅ ନାବାଳିକା ବୋଲି ଜଣା ପଡିଥିଲା । ପୋଲିସ୍ ନାବଳିକାକୁ ଗତ ୨୫ ତାରିଖ ଦିନ ଉଦ୍ଧାର କରିବା ପରେ ଡାକ୍ତରୀ ମାଇନା ପାଇଁ ପଠାଇବା ପରେ ବୟାନ ରେକର୍ଡ ପାଇଁ ଅଦାଲତରେ ହାଜର କରାଇଥିଲେ । ଏହାର ପରଦିନ ୨୬ ତାରିଖ ଦିନ ଅଭିଯୁକ୍ତ ମନୋଜକୁ ଗିରଫ କରାଯାଇଥିଲା ଏବଂ ୨୭ ତାରିଖ ଦିନ ନାବାଳିକା ଅପହରଣ ମାମଲାରେ ୨୨୫/୨୦୨୨ରେ କୋର୍ଟ ଚାଲଣ କରାଯାଇଛି । ଅଭିଯୁକ୍ତର ଘର ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ଓଲରା ନିକସ୍ଥ ଦାସମଠ ଅଂଚଳରେ ବୋଲି ପୋଲିସ୍ ପକ୍ଷରୁ ସୂଚନା ମିଳିଛି । ସେ ମଧୁବନ ନିକଟସ୍ଥ ଜଗନ୍ନାଥ କଲୋନୀରେ ନିଜ ପରିବାର ସହ ରହୁଥିଲା ।

## ଓମଫେଡ କର୍ମଚାରୀଙ୍କ ୨୧ଦଫା ଦାବୀ ନେଇ ଆନ୍ଦୋଳନ

ଘସିପୁରା ୨୮ ଜୁଲାଇ( ହିସ) ଶାଳପଡ଼ାଠାରେ ଥିବା ଓମଫେଡର କାର୍ଯ୍ୟରତ ସମସ୍ତ କର୍ମଚାରୀ ଗତ ୨୫ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇ ଦେଇଛନ୍ତି । କର୍ମଚାରୀ ମାନଙ୍କର ସର୍ବନିମ୍ନ ୧୧ ଦଫା ଦାବି ପୁରଣ ପାଇଁ ସଂଘ ତରଫରୁ ରାଜ୍ୟ ସରକାରଙ୍କ ନିକଟରେ ବହୁବାର ଉପସ୍ଥାପନ କରାଯାଇଥିଲେ ମଧ ସରକାର କିମ୍ବା ଓମଫେଡ କର୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନେ ଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆଜି ୫ମ ଦିବସରେ ପହଂଚିଛି । ଆନନ୍ଦପୁରର ଶାଳପଡା ଡାଏରିଠାରେ ପ୍ରାୟ ୫୦ ଜଣ କାର୍ଯ୍ୟରତ କର୍ମଚାରୀ ୨୧ ଦଫା ଦାବିକୁ ନେଇ ରାଜ୍ୟ ସଂଘ ନିଷ୍ପତି କ୍ରମେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ସମସ୍ତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା , ଠିକା ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀମାନଙ୍କୁ ସର୍ବନିମ୍ନ ବେତନ , ଦୀର୍ଘ ଦିନ ଧରି ଠିକାସଂସ୍ଥା ଦ୍ୱାରା ଓମଫେଡରେ କାର୍ଯ୍ୟରତ କର୍ମଚାରୀଙ୍କୁ ଓମଫେଡ ସଂସ୍ଥା ଜରିଆରେ ନିୟମିତ କରିବା ଦାବି ନେଇ କର୍ମଚାରୀମାନେ ଆନ୍ଦୋଳନ ଆରମ୍ଭ କରିଥିବା ବେଳେ ଓମଫେଡ କର୍ତ୍ତୃପକ୍ଷ ଖୁବଶୀଘ୍ର କର୍ମଚାରୀମାନଙ୍କ ଦାବି ପୁରଣ ନକଲେ ଆନ୍ଦୋଳନ ତୀବ୍ର ହେବ ବୋଲି କର୍ମଚାରୀ ସଂଘ କର୍ମକର୍ତ୍ତା ସୁଜିତ ସାହୁ ସୁଶାନ୍ତ ସାହୁ, ପ୍ରଶାନ୍ତ ସାହୁ, ପ୍ରଦୀପ ମାଝୀ ସରୋଜ ପରିଡା, ପ୍ରବୀଣ ସ୍ୱାଇଁ, ଭାଗ୍ୟ ଧର ସାହୁ, ବିଜୟ ଜେନା, ବଙ୍ଗାଳି ସାମଲ, କେଶବ ବେହେରା, ନରେନ୍ଦ୍ର ଲେଙ୍କା ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ତାଳଚେର ଓକିଲ ସଂଘର ଜରୁରୀକାଳୀନ ବୈଠକ

ତାଳଚେର:-ତାଳଚେର ଓକିଲ ସଂଘର ମଧୁବାବୁ ସମ୍ମିଳନୀ କକ୍ଷରେ ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ତାଳଚେର ଏସ୍ ?.ଡି.ଜେ.ଏମ୍ ?. କୋର୍ଟର କ୍ୟାଡର ଏପିପି ରଂଜିତା ସ୍ୱାଇଁଙ୍କର ୫ ବର୍ଷ ଚାକିରୀ କାଳ ମଧ୍ୟରେ ସମସ୍ତ ବରିଷ୍ଠ ଆଇନ୍ ?ଜୀବୀ ଏବଂ ସଦସ୍ୟମାନଙ୍କୁ ଦୁର୍ବ୍ୟବହାର ଏବଂ ଆଶାଳୀନ ମନ୍ତବ୍ୟ କାର୍ଯ୍ୟଶୈଳୀକୁ ନେଇ ସଦସ୍ୟମାନେ କ୍ଷୁବ୍ଧ ଥିବାରୁ ଏଥିପାଇଁ ତାଙ୍କର ଅନ୍ୟତ୍ର ବଦଳି ନହେବା ପର୍ଯ୍ୟନ୍ତ ଗତ ତା୨୦/୦୭/୨୦୨୨ ରିଖରୁ କୋର୍ଟ କାର୍ଯ୍ୟରୁ ନିବୃତ ରହିଥିଲେ । ଗତ ତା୨୫/୭/୨୦୨୨ ରିଖରେ ଡିପିପି ଭୁବନେଶ୍ୱରରୁ ତଦନ୍ତରେ ଆସି ସମସ୍ତ ସଦସ୍ୟଙ୍କର ବୟାନ ନେଇଥିଲେ ଏବଂ ସମସ୍ତ ଓକିଲ ଏକ ସ୍ୱରରେ ରଂଜିତା ସ୍ୱାଇଁଙ୍କର ବଦଳି ନହେଲେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି କହିଥିଲେ । ଏଥିପାଇଁ ଡିପିପି ତାଙ୍କର ଅକ୍ଷମତା ପ୍ରକାଶ କରିବାରୁ ସେହିଦିନ ତାଳଚେର ଓକିଲ ସଂଘରେ ଜରୁରୀକାଳୀନ ବୈଠକ ବସି ସମସ୍ତ କୋର୍ଟ କାର୍ଯ୍ୟରୁ ନିବୃତ ରହିବା ପାଇଁ ନିଷ୍ପତି ନେଇଥିଲେ । ଏ ବିଷୟରେ ଡିପିପି ଗତ ତା୨୭/୭/୨୦୨୨ ରିଖରେ ଏପିପି ରଂଜିତା ସ୍ୱାଇଁଙ୍କ ଠାରୁ ସମସ୍ତ କାର୍ଯ୍ୟକୁ ଆଣି ନନ୍ କ୍ୟାଡର ଏପିପି ସନ୍ତୋଷ କୁମାର ଦେହୁରୀଙ୍କୁ ହସ୍ତାନ୍ତର କରିଥିଲେ । ଏହାର ଏକ ଚିଠି (ନଂ-୧୯୧/୧୦୪(ଆଇ) ତା୨୬/୦୭/୨୦୨୨ ଦିନ ତାଳଚେର ଓକିଲ ସଂଘର ସଭାପତିଙ୍କ ପାଖକୁ ପଠାଇଥିଲେ । ଏହି ଚିଠି ଉପରେ ଗୁରୁବାର ପୂର୍ବାହ୍ନରେ ଏକ ଜରୁରୀ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ଉପରେ ସଂଘର ବରିଷ୍ଠ ସଦସ୍ୟ ଅରୁଣ ଶଙ୍କର ମିଶ୍ର, ଯଦୁମଣି ସାହୁ, ହରେକୃଷ୍ଣ ପାତ୍ର, ଦୟାସାଗର ମିଶ୍ର, ଚିତରଂଜନ ରାଉତ, ସୁଶାନ୍ତ ସାହୁ, ଅଖିଳ କୁମାର ସାମଲ, ସମ୍ଭୁନାଥ ବେହେରା, ମାନସ କୁମାର ପରିଡା, ପରମା ବିଳାସ ଓ ଅନ୍ୟ ସଦସ୍ୟମାନେ ମତସାବ୍ୟସ୍ତ କରିଥିଲେ ।

## +୨ ବିଜ୍ଞାନରେ ଆଇଲର୍ଣ୍ଣ ତାଳଚେର ଛାତ୍ରଛାତ୍ରୀଙ୍କ ବାଜିମାତ

## ଶତ ପ୍ରତିଶତ ଛାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

ତାଳଚେର ସଦର,୨୮ ।୭: ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର +୨ ବିଜ୍ଞାନ 'ଳ ବୁଧବାର ପ୍ରକାଶ ପାଇଛି । ଏଥିରେ ଆଇଲର୍ଣ୍ଣର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସ'ଳତା ହାସଲ କରିଛନ୍ତି । ସମସ୍ତେ ପ୍ରଥମ ଶ୍ରେଣୀ ଯୋଗ୍ୟତା ହାସଲକରିଛନ୍ତି ।ସମଗ୍ର ଓଡ଼ିଶାରେ +୨ ବିଜ୍ଞାନରେ ପାସ୍ ହାର ୯୪ ପ୍ରତିଶତ ରହିଥିବା ବେଳେ ଆଇଲର୍ଣ୍ଣର ପାସ୍ ହାର ଶତ ପ୍ରତିଶତ ହୋଇଛି । ଚଳିତ ବର୍ଷ ଆଇଲର୍ଣ୍ଣରେ ଅ୍ଧୟନ କରୁଥିବା ସମସ୍ତ ୫୮ ଛାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଅର୍ଥାତ ଶତ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି ।୧୧ ଜଣ ଛାତ୍ର ଛାତ୍ରୀ ୫୦୦ରୁ ଅଧିକ ନମ୍ବର ରଖିଥିବା ବେଳେ ୪୪ ଜଣ ୪୦୦ ରୁ ଉର୍ଦ୍ଧ ମାର୍କ ରଖି ପାସ କରିଛନ୍ତି। ଆଇଲର୍ଣ୍ଣର ଛାତ୍ର ପାର୍ଥସାରଥି ସାହୁ ସର୍ବାଧିକ ୫୫୯ ନମ୍ବର ରଖି ଟପ୍ପର ହୋଇଛନ୍ତି । ଆଇଲର୍ଣ୍ଣ ତାଳଚେର ଆବାସିକ ଶିକ୍ଷାନୁଷ୍ଠାନର ଦିବ୍ୟାଙ୍ଗ ଛାତ୍ରୀ ତପସ୍ୱିନୀ ରାଉଳ। ଅନୁଗୋଳ ଜିଲ୍ଲା ତାଳଚେର ବ୍ଲକ ଅନ୍ତର୍ଗତ ବିକ୍ରମପୁର ଗ୍ରାମର ମହେନ୍ଦ୍ର ରାଉଳଙ୍କ ଝିଅ ଦିବ୍ୟାଙ୍ଗ ମେଧାବୀ ଛାତ୍ରୀ ତପସ୍ୱିନୀ ।ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ସେ ୪୭୪ ନମ୍ବର ରଖି ସ'ଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ତପସ୍ୱିନୀଙ୍କୁ ତାଙ୍କର ଏହି ସ'ଳତା ପାଇଁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି। ଦୃଢ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ଆଗରେ ହାର୍ ମାନିଛି ଶାରୀରିକ ଅକ୍ଷମତା। କଠୋର ଅ୍ଧବସାୟ ବଳରେ ସେ ସୃଷ୍ଟି କରିଛନ୍ତି ଏକ ନୂତନ ପରିଚୟ। ଦିନରାତି ଏକ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ତାଙ୍କ ଉଦ୍ୟମ ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିଛନ୍ତି ।ଆଇଲର୍ଣ୍ଣର ଏହି ସ'ଳତାରେ ଅନୁଷ୍ଠାନର ନିର୍ଦ୍ଦେଶିକା ଶ୍ରୀମତୀ ସଞ୍ଜୁଲତା ପାଣି ଆନନ୍ଦ ପ୍ରକାଶ କରିବା ସହ ସମସ୍ତ ସ'ଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ଶ୍ରୀମତୀ ପାଣି କହିଛନ୍ତି ଯେ ଅ୍ଧାପକ ଓ ଅ୍ଧାପିକାଙ୍କ ନିୟମିତ ମାର୍ଗଦର୍ଶନ ଓ ଛାତ୍ରଛାତ୍ରୀଙ୍କ ଅ୍ଧବସାୟ ସେମାନଙ୍କୁ ସ'ଳତା ଆଣି ଦେଇଛି ।ଏଠାରେ ସୂଚନା ଯୋଗ୍ୟ ଯେ ୨୦୧୨ ରୁ ୨୦୨୨ ଦୀର୍ଘ ୧୨ ବର୍ଷ ଧରି ଲଗାତର ଆଇଲର୍ଣ୍ଣର ପିଲାମାନେ ପାଖାପାଖି ଶତପ୍ରତିଶତ ସ'ଳତା ହାସଲ କରି ଆସୁଛନ୍ତି ।

## ବାବୁସାନ୍ ଓ ପ୍ରକୃତି ମିଶ୍ରଙ୍କୁ ଡ୍ରଗ୍ସ କାରବାରର ତଦନ୍ତ ପ୍ରକ୍ରିୟାରେ ସାମିଲ କରାଯାଉ ଥାନାରେ ଏତାଲା ଦେଲା କଳିଙ୍ଗ ସେନା

ଭୁବନେଶ୍ୱର୨୮/୭: ବିଗତ କିଛି ଦିନ ଧରି ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାର ମୁଖ୍ୟ ବିଷୟ ବସ୍ତୁ ପାଲଟିଥିବା ଓଡ଼ିଆ। ଚଳଚ୍ଚିତ୍ର ଓ ସଙ୍ଗୀତ ଜଗତ ସହିତ ସମ୍ପୃକ୍ତ ଓଡ଼ିଶାର ଦୁଇଟି ପ୍ରମୁଖ ପରିବାର ତଥା ଓଡ଼ିଆ ଚଳଚ୍ଚିତ୍ରରେ ନିଜର ଅଭିନୟ ନିମନ୍ତେ ବିଶେଷ ଭାବେ ପରିଚିତ ସେମାନଙ୍କର ଦୁଇ କଳାକାର ସନ୍ତାନଙ୍କର ପାରିବାରିକ କଳହ ପୋଲିସ ତଦନ୍ତ ପରେ ସମୟ କ୍ରମେ ସତ କ'ଣ ତାହା ନିଶ୍ଚୟ ଲୋକ ଲୋଚନକୁ ଆସିବ। କିନ୍ତୁ ବର୍ତ୍ତମାନ ସମୟରେ ବିଭିନ୍ନ ଗଣମାଧ୍ୟମରେ ଆଲୋଚନାରୁ ଯାହା ଜଣାଯାଉଛି, ଏହି ଘଟଣା ପଛରେ ଦୁଇଟି ପ୍ରମୁଖ କାରଣ ଏକାସାଙ୍ଗରେ ଅନେକ ପ୍ରକାରର ବିପଦଜନକ ନିଶାଦ୍ରବ୍ୟର ବହୁଳ ସେବନ ଏବଂ ଅବୈଧ ସମ୍ପର୍କ, ଯାହା ଆଜି ଓଡ଼ିଶାରେ ଯୁବ ପିଢ଼ିଙ୍କୁ ଗଭୀର ମାନସିକ ଆଘାତ ଦେଇଛି। କାରଣ ଆଜିକାଲିର ଯୁବ ପିଢ଼ି ଚଳଚ୍ଚିତ୍ର ଜଗତର ଅଭିନେତା ଅଭିନେତ୍ରୀଙ୍କୁ ଅନେକଟା ଅନୁସରଣ କରିଥାନ୍ତି। ଏହି ପ୍ରସଙ୍ଗରେ, ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦ ତଥା ଆଲୋଚନା ପର୍ଯ୍ୟାଲୋଚନାରୁ ଧିରେ ଧିରେ ସ୍ପଷ୍ଟ ସୁଚନା ମିଳୁଛି ଯେ, ଏହି ଦୁର୍ଭାଗ୍ୟ ଜନକ ପାରିବାରିକ ଅଶାନ୍ତି ଘଟଣା ପଛରେ ବିପଦଜନକ ନିଶା ଦ୍ରବ୍ୟର ବହୁଳ ସେବନ ହିଁ ମୁଖ୍ୟ କାରଣ। ବିଗତ ଦିନରେ, ଏଭଳି ବିପଦଜନକ ନିଶାଦ୍ରବ୍ୟର ଅତ୍ୟଧିକ ସେବନ ହିଁ ଆମମାନଙ୍କଠାରୁ, ବଲିଉଡ ଜଗତରେ ଅଳ୍ପ ଦିନରେ ବିଶେଷ ପ୍ରସିଦ୍ଧି ଲାଭ କରିଥିବା ଜଣେ ଦକ୍ଷ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କୁ ଅକାଳରେ ଛଡ଼େଇ ନେଇଥିଲା। ସେସମୟରେ ପୋଲିସ




ତଦନ୍ତରୁ ସ୍ପଷ୍ଟ ହେଇଥିଲା ଯେ, ସାମାଜିକ ଓ ଆର୍ଥିକ ଦୃଷ୍ଟିକୋଣରୁ ଯଥେଷ୍ଟ ସ୍ୱଚ୍ଛଳ ହେଇଥିଲେ ମଧ୍ୟ, ଅତ୍ୟଧିକ ନିଶାଦ୍ରବ୍ୟ ସେବନ ହିଁ ସୁଶାନ୍ତ ସିଂହ ରାଜପୁତଙ୍କୁ ମାନସିକ ଭାବେ ସମ୍ପୂର୍ଣ୍ଣ ଦୁର୍ବଳ କରିଦେଇଥିଲା ଏବଂ ସେ ଆତ୍ମହତ୍ୟା ଭଳି ଦୁଃଖଦ ରାସ୍ତା ବାଛି ନେଇଥିଲେ। ଏକଥା ମଧ୍ୟ ସେତେବେଳେ ତଦନ୍ତରୁ ପ୍ରମାଣିତ ହୋଇଥିଲା ଓ ବିଭିନ୍ନ ଜାତୀୟ ଗଣମାଧମରେ ମୁଖ୍ୟ ଶିରୋନାମା ପାଲଟିଥିଲା ଯେ ସେହି ସବୁ ବିପଦଜନକ ନିଶାଦ୍ରବ୍ୟର ଓଡିଶା ସହିତ ଘନିଷ୍ଠ ସମ୍ପର୍କ ଥିଲା ଏବଂ ଓଡିଶା ବାହାରେ ଓଡିଶା ନିଶାଦ୍ରବ୍ୟର ମଧ ବିଶେଷ ଚାହିଦା ଥିଲା। ଏକଥା ମଧ ସତ ଯେ, ଆମ ରାଜ୍ୟର ଦକ୍ଷ ପୋଲିସ ବିଭାଗ, ଆମ ରାଜ୍ୟରୁ ଅନ୍ୟ ରାଜ୍ୟକୁ ନିଶାଦ୍ରବ୍ୟ ଚୋରା ଚାଲାଣ ବେଳେ, ସବୁବେଳେ ସେଗୁଡ଼ିକୁ ଜବତ କରି ଏବଂ ସମ୍ପୃକ୍ତ ଅପରାଧୀମାନଙ୍କୁ ଗିରଫ କରି ନିଜର ଦକ୍ଷତାକୁ ପ୍ରମାଣିତ କରିପାରିଛି। ଓଡ଼ିଶାରେ ସୁଶାନ୍ତ ସିଂହ ରାଜପୁତଙ୍କ ଭଳି ଦୁଃଖଦ ଘଟଣାର ପୁନରାବୃତ୍ତି ନହେବ, ସେଥିନିମନ୍ତେ ଆମ ଦକ୍ଷ ପୋଲିସ ବିଭାଗ ଆହୁରି ଯତ୍ନବାନ୍ ହେବା ଉଚିତ। ଏହା ସହିତ ଆଜି ଦୁର୍ଦ୍ଦିନରେ ଗତି କରୁଥିବା ଆମ ଓଡିଆ ଚଳଚ୍ଚିତ୍ର ଜଗତ ସହିତ ସମ୍ପୃକ୍ତ ଅନେକ ବ୍ୟକ୍ତି ବିଶେଷଙ୍କର ବହୁମାତ୍ରାରେ ନିଶାଦ୍ରବ୍ୟ ସେବନ ଏବଂ ଏହାର ଅବୈଧ କାରବାର ସହିତ ସମ୍ପୃକ୍ତି ବିଷୟଟିକୁ ଗୁରୁତ୍ୱର ସହିତ ତଦନ୍ତ ପରିସରଭୁକ୍ତ କରାଯିବାର ଆବଶ୍ୟକତା ରହିଛି। ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣକରି, ଓଡ଼ିଆ ଚଳଚ୍ଚିତ୍ର ଜଗତର ସ୍ୱର୍ଣ୍ଣିମ ଗୌରବ ଫେରାଇ ଆଣିବାକୁ ଅନୁରୋଧ କରୁଛୁ। ଏଥିସହିତ ବାବୁସାନଙ୍କ ଧର୍ମପତ୍ନୀ ତୃପ୍ତି ଶତପଥି ବିଭିନ୍ନ ଗଣମାଧ୍ୟମରେ ଦେଇଥିବା ପ୍ରତିକ୍ରିୟାରେ ଡ୍ରଗ୍ସ, ଗଞ୍ଜେଇ, ଚରସ୍ ବାବୁସାନ୍ ବ୍ୟବହାର କରନ୍ତି ବୋଲି କହିଛନ୍ତି। ତେଣୁ ପୋଲିସ ପ୍ରଶାସନ ବାବୁସାନ୍ ଏବଂ ପ୍ରକୃତି ମିଶ୍ରଙ୍କୁ ତଦନ୍ତ ପ୍ରକ୍ରିୟାରେ ସାମିଲ କରି ମେଡିକାଲ୍ ଟେଷ୍ଟ କରିବା ସହିତ ଏମାନଙ୍କୁ ନିଶାଦ୍ରବ୍ୟ କେଉଁ କେଉଁମାନେ ଯୋଗାଉଛନ୍ତି, ସେମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ କଳିଙ୍ଗ ସେନା ପକ୍ଷରୁ ଆଜି ଖାରବେଳନଗର ଥାନାରେ ସେନା ସୁପ୍ରିମୋ ହେମନ୍ତ ରଥ, ସାଧାରଣ ସଂପାଦକ ବିଜୟରାଜ, ଇଂ. ମନୋଜ ସାମନ୍ତ ରାୟ, ଇଂ ମନୋଜ ନାୟକ, ଅବଦୁଲ କୟୁମ୍ ଖାନ୍,ପାର୍ଥସାରଥୀ ତ୍ରିପାଠୀ,ରଞ୍ଜିତ୍ ସାମଲ ପ୍ରମୁଖ ଏତାଲା ପ୍ରଦାନ କରିଥିଲେ।

## ସଂପାଦକୀୟ

# କାଶୀପୁର ଚିନ୍ତା

ଦୂଷିତ ଜଳ ସେବନ ମନୁଷ୍ୟର ସ୍ୱାସ୍ଥ୍ୟ ପାଇଁ ଯେ କେତେ କ୍ଷତିକାରକ, ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଓଡ଼ିଶାର ନିପଟ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ୍‌ରେ। ଏହି ବ୍ଲକର କେତେକ ଗ୍ରାମରେ ଝାଡ଼ାବାନ୍ତି ବା ଡାଇରିଆ ରୋଗ କାୟାବିସ୍ତାର କରି ମାଡ଼ି ଚାଲିଥିବା ବେଳେ ପ୍ରତିଦିନ ଅଧିକରୁ ଅଧିକ ଲୋକ ଏଥିରେ ଆକ୍ରାନ୍ତ ହେଉଛନ୍ତି। ଇତିମଧ୍ୟରେ ୭ଜଣ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି ଏବଂ ବହୁ ରୋଗୀ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାର ଜଣାପଡ଼ିଛି। କାଶୀପୁର ଅଞ୍ଚଳରେ ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସୁନଥିବାରୁ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି ଓ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ସ୍ଥିତିର ଗମ୍ଭୀରତା ଜଣାପଡ଼ିବା ପରେ ବିଭିନ୍ନ ସ୍ଥାନରେ ଚିକିତ୍ସା ଶିବିର ଖୋଲାଯାଇ ପୀଡିତଙ୍କ ଚିକିତ୍ସା କରାଯାଉଛି ଏବଂ ମେଡିକାଲ୍ କଲେଜରୁ ଦୁଇଜଣ ପ୍ରଫେସର ଆସି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି। ଭୁବନେଶ୍ୱରରୁ ଏକ ବିଶେଷଜ୍ଞ ଦଳ ରାୟଗଡ଼ାରେ ପହଞ୍ଚିବା ପରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଲ୍ୟାବ୍‌କୁ ଯାଇ ରୋଗୀଙ୍କ ଠାରୁ ସଂଗୃହୀତ ମଳ ଓ ବ୍ୟବହୃତ ହେଉଥିବା ଜଳର ନମୂନା ସମ୍ପର୍କରେ ଆଲୋଚନା କରିଥିଲେ। ଦୂଷିତ ଜଳ ହିଁ ଏହି ରୋଗ ବ୍ୟାପିବାର ମୁଖ୍ୟ କାରଣ ବୋଲି ବିଶେଷଜ୍ଞ ଦଳ ମତ ରଖିଛନ୍ତି। ପରୀକ୍ଷା ରିପୋର୍ଟରୁ ଆହୁରି ଜଣାପଡ଼ିଛି ଯେ, ଗ୍ରାମବାସୀ ବ୍ୟବହାର କରୁଥିବା ଜଳରେ ଜୀବାଣୁ ଭରପୂର ହୋଇ ରହିଛି। ତେବେ ତାହା କେଉଁ ପ୍ରକାର ଜୀବାଣୁ ଲ୍ୟାବ୍ ବିଶେଷଜ୍ଞଙ୍କ ପରୀକ୍ଷା ପରେ ସ୍ପଷ୍ଟ ହେବ। ପୀଡିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, କାଶୀପୁର ବ୍ଲକରେ ଗୋଟିଏ ସପ୍ତାହ ତଳୁ ଝାଡ଼ାବାନ୍ତି ବ୍ୟାପିବା ଆରମ୍ଭ କରିଥିଲା। ମାତ୍ର ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଠିକ୍ ସମୟରେ ପଦକ୍ଷେପ ନିଆନ ଯିବା ଯୋଗୁଁ ଏବେ ସ୍ଥିତି ଗୁରୁତର ହୋଇଛି। ସର୍ବଶେଷ ସୂଚନା ଅନୁଯାୟୀ ରୋଗୀମାନଙ୍କ ମଳ ପରୀକ୍ଷା ବେଳେ ଜଣେ ଗ୍ରାମବାସୀଙ୍କ ମଳ ନମୂନାରୁ ହଇଜା ଜୀବାଣୁ ଚିହ୍ନଟ ହୋଇଛି। ଦୂଷିତ ଜଳ ଝାଡ଼ାବାନ୍ତି ବ୍ୟାପିବାର କାରଣ ବୋଲି ଜଣାପଡ଼ିବା ପରେ ଜିଲ୍ଲା ପ୍ରଶାସନ ସମସ୍ତ ଜଳ ଉତ୍ସକୁ ବିଶୋଧନ କରିବା ଉପରେ ଗୁରୁତ୍ୱ ଦେଇଛି। ପାଣିରେ ଭୂତାଣୁ ଜମି ରହିଥିବାରୁ କୂଅ ପାଣି ବ୍ୟବହାରକୁ ନିଷେଧ କରାଯାଇଛି। ତେବେ କାଶୀପୁର ଅଞ୍ଚଳରେ ଝାଡ଼ାବାନ୍ତି ରୋଗ ଏପରି ଉଗ୍ରରୂପ ନେବା ଏହା ପ୍ରଥମ ଘଟଣା ନୁହେଁ। ଗତ ୨୦୦୨ ମସିହାରେ ଏହି ଅଞ୍ଚଳରେ କେତେକ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଥିଲା। ଏହାର ପାଞ୍ଚବର୍ଷ ପରେ ଅର୍ଥାତ୍ ୨୦୦୭ରେ ଏହା ମହାମାରୀର ରୂପ ନେଇ ବ୍ୟାପକ ଅଞ୍ଚଳରେ ବିଭୀଷିକା ସୃଷ୍ଟି କରିଥିଲା। ଏପରିକି ରାୟଗଡ଼ା ଜିଲ୍ଲାର ସୀମା ପାର କରି ଏହି ରୋଗ ନିକଟବର୍ତ୍ତୀ କଳାହାଣ୍ଡି ଜିଲ୍ଲାର ଥୁଆମୂଳ-ରାମପୁର, କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଓ ଗଜପତି ଜିଲ୍ଲାର ମୋହନା ଅଞ୍ଚଳକୁ ମଧ୍ୟ ସଂକ୍ରମିତ କରିଥିଲା। କିଛି କିଛି ବର୍ଷ ବ୍ୟବଧାନରେ ଝାଡ଼ାବାନ୍ତି ରୋଗ ଏହିସବୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନଜୀବନକୁ ବିପନ୍ନ କରୁଥିଲେ ମଧ୍ୟ ସରକାର ଏଥିରୁ କିଛି ଶିକ୍ଷାଲାଭ କରିଥିବା ଭଳି ଜଣାପଡୁନାହିଁ। ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପରେ ସୁଦ୍ଧା ଆଦିବାସୀ ବହୁଳ ପାହାଡ଼ିଆ ଅଞ୍ଚଳରେ ଆମେ ଲୋକଙ୍କୁ ମୁନ୍ଦିଏ ବିଶୁଦ୍ଧ ପାଣି ଯୋଗାଇ ନ ପାରିବା ଖୁବ୍ ଲଜ୍ଜାଜନକ ମନେ ହେଉଛି। ଅତୀତ ଅଭିଜ୍ଞତାରୁ ଶିକ୍ଷାଲାଭ କରି ଭବିଷ୍ୟତରେ ଏଭଳି ଦୁର୍ଭାଗ୍ୟଜନକ ପରିସ୍ଥିତିର ଯେପରି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ପ୍ରଶାସନ ଯତ୍ନବାନ୍ ହେବା ଆବଶ୍ୟକ।

# ପ୍ରାକୃତିକ ବିପର୍ଯ୍ୟୟ ବନାମ ଲୋକଙ୍କ ସମସ୍ୟା

**ତାରାକାନ୍ତ ମହାନ୍ତି**

ବର୍ତ୍ତମାନ ସମୟରେ ଲଘୁଚାପ ଜନିତ ଲଗାଣ ବର୍ଷା ପରେ ଏହା ଘନିଭୂତ ହୋଇ ପ୍ରାକୃତିକ ଦୁର୍ବିପାକରେ ପରିଣତ ହେବା ଏବଂ ଏହା ଲୋକମାନଙ୍କ ନିମନ୍ତେ ସମସ୍ୟା ସୃଷ୍ଟି କରିବା ଦେହଶୁଆ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ପାଣିପାଗର ପରିବର୍ତ୍ତନ ତଥା ପାରମ୍ପରିକ ରୀତିନୀତି ଅନୁଯାୟୀ ବର୍ଷା ସଠିକ ସମୟରେ ନହେବା ଦିନଠାରୁ ବର୍ଷା ହେବା ନିମନ୍ତେ ମୌସୁମୀ ବାୟୁ ଉପରେ ଲୋକେ ଯେତିକି ଭରସା ରଖି ନାହାନ୍ତି ତାଠାରୁ ଅଧିକ ଆସ୍ଥାପ୍ରକଟ କରିଛନ୍ତି ଲଘୁଚାପ ଜନିତ ବର୍ଷା ଉପରେ। ପୂର୍ବରୁ ଯେମିତି ଜ୍ୟେଷ୍ଠ ମାସରୁ ଆଶ୍ୱିନ ମାସ ପର୍ଯନ୍ତ ଦୀର୍ଘ ୫ମାସ ଧରି ଚାଷ କାର୍ଯ୍ୟ ଚାଲୁ ରହୁଥିଲା ତାହା କିଛି ବର୍ଷ ହେବ ଆଉ ଦେଖିବାକୁ ମିଳୁ ନାହିଁ। ବର୍ତ୍ତମାନ ଏହି ୫ମାସ ମଧ୍ୟକରୁ ଯେ କୌଣସି ମାସରେ ଲଘୁଚାପ ବର୍ଷା ହେଉଛି ଚାଷ କାର୍ଯ୍ୟ ଆରମ୍ଭ କରାଯାଉଛି। ଯେମିତି ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟ ହେବ ବୋଲି ଚାଷୀର ଆଶା ନଥିଲା। ସେଥିପାଇଁ କିଛି ଚାଷୀ ମଧ୍ୟ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇସାରିଥିଲେ। କିନ୍ତୁ ଖରିଫ ଋତୁର ଶେଷ ସମୟ ଅର୍ଥାତ ଭାଦ୍ରବ ମାସ ଅଧାରେ ଲଘୁଚାପ ଜନିତ ବର୍ଷା ହେବା ପରେ ଚାଷ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତତ୍ପରେ ୟାସ ଭଳି ପ୍ରାକୃତିକ ବିପର୍ଯ୍ୟୟ ବା ମହାବାତ୍ୟା ମାଡିଆସିଥିଲା ଯାହାକି ଚାଷୀ କୁଳକୁ ନିରାଶ କରିଥିଲା। ଯାହା ହେଉ ସେଥିରୁ ବର୍ତ୍ତିବା ପରେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଏବଂ ଏହାର ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ କରି ଫଳ ଫଳାଇ ସାରିବା ପରେ ଅମଳକ୍ଷମ ହେବା ଯୋଗ୍ୟ ଶସ୍ୟ କ୍ଷେତ୍ରକୁ ଦେଖି ଚାଷୀ ମନ କୁଣ୍ଢେ ମୋଟ ହୋଇଯାଇଥିଲା।ଏହି ଚାଷ କାଯ୍ୟ କରିବା ନିମନ୍ତେ ଚାଷୀ ଋଣ ଗ୍ରସ୍ତ ହେବା ଏବଂ ଅନ୍ୟାନ୍ୟ ହାତ ଉଧାର କରିଥିବା ଅର୍ଥକୁ ପରିଶୋଧ କରିବା ଲକ୍ଷ୍ୟ ରଖିଥିବା ବେଳେ ଶେଷ ସମୟରେ ଏପରି ପ୍ରାକୃଖତିକ ବିପର୍ଯ୍ୟୟ ଚାଷୀର ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏହିଭଳି ପ୍ରାକୃତିକ ବିପର୍ଯ୍ୟୟର କ୍ଷୟକ୍ଷତି ଭରଣା ନିମନ୍ତେ ଲୋକମାନଙ୍କ ଚାପର ବଶବର୍ତ୍ତୀ ହୋଇ ସରକାର ଯେଉଁ ଘୋଷଣା କରନ୍ତି ତାହା ସମଦ୍ରକୁ ସଙ୍ଖେ ସଦୃଶ। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଯାହା ଘୋଷଣା କରାଯାଉଛି ତାହା ମଧ୍ୟ ଅଧିକାଂଶ ସେହି ଘୋଷଣାରେ ସିମିତ ରହିଯାଉଛି। ଏଇ ଯେମିତି ନିକଟ ଅତୀତରେ ତିତିଲି,ଫନି,ୟାସ ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟିଯାଇଛି। ଏହା ଦ୍ୱାରା ମଧ୍ୟ ବହୁ କ୍ଷୟ କ୍ଷତି ହୋଇଛି। କେବଳ ଏହି କ୍ଷୟ କ୍ଷତିର ଆକଳନ ନିମନ୍ତେ ଜିଲ୍ଲାପାଳମାନଙ୍କ ନିର୍ଦ୍ଦେଶରେ ରାଜସ୍ୱ ଏବଂ କୃଷି ବିଭାଗର ତଳସ୍ତର କର୍ମଚାରୀମାନେ ଝଡ ବର୍ଷାରେ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ ପ୍ରାୟ ଗୋଟିଏ ସପ୍ତାହ ମଧ୍ୟରେ ରିପୋର୍ଟ ପଇଠ କରିଥାନ୍ତି ଶତ, କିନ୍ତୁ ସହାୟତା ରାଶି ଲୋକମାନଙ୍କ ନିକଟରେ ପହଞ୍ଚି ନଥାଏ। ସାଧାରଣ ଚାଷୀଟିକୁ କୁହାଯାଇଥାଏ ଜମି ପଟ୍ଟା, ପାଉତି, ଆଧାର କାର୍ଡ, ବ୍ୟାଙ୍କ ଆକାଉଁଟ ଆଦିର ଜେରକ୍ସ ଦେବା ପାଇଁ। ସାଧାରଣ ଚାଷୀ ମଧ୍ୟ କିଛି ସହାୟତା ପାଇବାର ଆଶା ସଞ୍ଚାର କରି ଉକ୍ତ କାଗଜାତ ଯୋଗାଡ କରି ପଇଠ କରିଥାଏ। ଏଇ ଯେମିତି ନିକଟ ଅତୀତରେ ଫନି ତିତିଲ, ୟାସ ଭଳି ଘଟିଯାଇଥିବା ଦୁର୍ବିପାକ ଜନିତ ସହାୟତା ପାଇବା ଆଶାରୁ ବଞ୍ଚିତ ହୋଇଥିବା ଚାଷୀମାନଙ୍କୁ ଯୋଗାଯୋଗ କଲେ ଜଣାପଡେ। କ୍ଷୟ କ୍ଷତିର ସ୍ୱଳ୍ପ ପ୍ରତିଶତ ସହାୟତା ମିଳିବା ଆଶା କିଛିଦିନ ପରେ ଧୀରେଧୀରେ କ୍ଷୁଣ୍ଣ ହୋଇଯାଏ। ଯଦ୍ୱାରା ଅଭାବୀ ଋଣଗ୍ରସ୍ତ ଚାଷୀଟିଏର ସମସ୍ୟା ବୃଦ୍ଧିପାଏ ଏବଂ ପରୋକ୍ଷରେ ଏହା ରାଜ୍ୟ ଅର୍ଥନୀତି ଉପରେ ପ୍ରଭାବ ପକାଇଥାଏ। ଅନ୍ୟପକ୍ଷରେ ପ୍ରତିବର୍ଷ ଏହି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ନିମନ୍ତେ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ସତ, କିନ୍ତୁ ତାହା ଲୋକଙ୍କ ସହାୟକ ଦିଗରେ ସମ୍ପୂର୍ଣ୍ଣ ସକ୍ଷମ ହୋଇପାରି ନାହିଁ। ଯାହାକି ସାଧାରଣ ଚାଷୀଙ୍କ ସମସ୍ୟାକୁ ସମାଧାନ କରାଯାଇପାରୁ ନାହିଁ.ଦେଖାଯାଉ ଏହି ପ୍ରାକୃତିକ ଦୁର୍ବିପାକ କେବେ ସାଧାରଣ ଲୋକମାନଙ୍କ ନିମନ୍ତେ ସମସ୍ୟା ହୋ ଇ ଠିଆ ନହେବ ଏବଂ ଏହାକୁ ମୁକାବିଲା କରିବା ନିମନ୍ତେ ସରକାର କି କି ପଦକ୍ଷେପ ନେଉଛନ୍ତି।

# ଶିକ୍ଷାରେ ଗୁଣାତ୍ମକ ମାନ: ଏକ ସମୀକ୍ଷା

**ହିଂମାଂଶୁ ଶେଖର ଆଚାର୍ଯ୍ୟ**

ଏକ ସଭ୍ୟ ସମାଜ ଗଠନରେ ଶିକ୍ଷାର ବଡ ଯୋଗଦାନ ରହିଛି। ଶିକ୍ଷିତ ହେବା କାରଣରୁ ମଣିଷ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ ।ଶିକ୍ଷା ପୂର୍ବରୁ ସାମ୍ବିଧାନିକ ଅଧିକାର ଥିଲା। ପରେ ଏହାକୁ ମୌଳିକ ଅଧିକାର କରି ଦିଆଗଲା ।ଶିଶୁମାନଙ୍କୁ ଦେଶର ସର୍ବୋଚ୍ଚ ସମ୍ପତ୍ତି କୁହାଯାଏ। ପାଠପଢାରୁ ବଞ୍ଚିତ ଶିଶୁ ଟିଏ ସମାଜ କିମ୍ବା ଦେଶର ବିକାଶରେ ସହାୟକ ହୋଇନଥାଏ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ପ୍ରମୁଖ ଆୟୁଧ । ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍କୁଲରେ ବାନ୍ଧି ହୋଇ ରହିବା ପାଇଁ ଛାତ୍ରଛତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ମାଗଣା ପାଠ୍ୟ ପୁସ୍ତକ ବଣ୍ଟନ କରୁଛନ୍ତି ।ଦେଶର ଭବିଷ୍ୟତ ଗଢିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ କଥା କହୁଛି। ଏହା ସତ୍ତ୍ୱେ ଛାତ୍ରଛାତ୍ରୀ ଅଧାରୁ ପାଠ ପଢା ଛାଡୁଛନ୍ତି। ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଡ୍ରପ୍‌ଆଉଟ୍ ହାର ୫.୪୨ ପ୍ରତିଶତ ଥିବାବେଳେ ରାୟଗଡାରେ ସର୍ବାଧିକ ୧୧.୬୭ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି ।କେନ୍ଦ୍ରାପଡାରେ ଏହି ହାର ୮.୯ ପ୍ରତିଶତ ଥିବା ବେଳେ , କଳାହାଣ୍ଡିରେ ୮.୪୬ ପ୍ରତିଶତ ରହିଛି। ଉଚ୍ଚ ପ୍ରାଥମିକରେ ରାୟଗଡାରେ ସର୍ବାଧିକ ୧୭.୧୦ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ, ମାଲକାନଗିରିରେ ୧୩.୭୮ ଓ ଯାଜପୁରରେ ୧୨.୬୩ ପ୍ରତିଶତ ପିଲା ପାଠ ଛାଡୁଛନ୍ତି। ସେହିପରି ମାଧ୍ୟମିକ ସ୍ତରରେ ୧୮.୨% ପିଲା ଅଧାରୁ ପାଠ ଛାଡୁଛନ୍ତି। ପୁରୀରେ ସର୍ବାଧିକ ୧୦.୦୫ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ ବାଲେଶ୍ୱରରେ ୮.୭୩ ଓ ସମ୍ବଲପୁରରେ ୮.୧୬ ପ୍ରତିଶତ ପିଲା ପାଠ ଛାଡୁଛନ୍ତି। ଏପରିକି ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀ ହେବାର ଦଶ ବର୍ଷ ପରେବି ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରି ନାହିଁ ।

ସୂଚନା ଯୋଗ୍ୟ ଯେ, ରାଜ୍ୟରେ ଥିବା ସମସ୍ତ ୫୧,୪୩୪ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡିକରେ ପିଇବା ପାଣି ବ୍ୟବସ୍ଥା ଥିବା ବେଳେ ୩୪,୩୯୪ ସ୍କୁଲରେ ପାଣି ସହ ଶୌଚାଳୟ ବ୍ୟବସ୍ଥା ନାହିଁ । ସେହିପରି ୩୫,୬୭୯ ବିଦ୍ୟାଳୟରେ ବିଜୁଳି ବ୍ୟବସ୍ଥା ନଥିବା ବେଳେ ୩୭,୬୪୫ ସ୍କୁଲରେ ଖେଳ ପଡିଆ ନାହିଁ । ୧୬,୩୬୮ ବିଦ୍ୟାଳୟରେ ପାଚେରି ନଥିବା ବେଳେ ୨୪୫୧ ସ୍କୁଲରେ ପାଠାଗାର ନାହିଁ । ଏଥି ସହିତ ୩୭,୬୩୫ରେ ଖେଳ ପଡିଆ ନ ଥିବା ବେଳେ ୧୨,୨୮୦ ବିଦ୍ୟାଳୟର ରୋଷେଇ ଘର ଏବଂ ୧୭,୭୬୩ ସ୍କୁଲରେ ପାଚେରୀ ନାହିଁ । ସବୁଠୁ ପରିତାପର ବିଷୟ ୩୬୮ ବିଦ୍ୟାଳୟର ନିଜସ୍ୱ ଘର ମଧ୍ୟ ନାହିଁ। ଆହୁରି ମଧ୍ୟ ରାଜ୍ୟର ୯୦ ଟି ବିଦ୍ୟାଳୟରେ କଳାପଟ୍ଟା ବ୍ୟବସ୍ଥା ନାହିଁ।ଏଥିରୁ ରାଜ୍ୟରେ ଥିବା ସ୍କୁଲ ମାନଙ୍କର ଭିତ୍ତିଭୂମି କେଉଁ ଅବସ୍ଥାରେ ଅଛି ଓ ସେଠାରେ କିପରି ପାଠ ପଢା ଚାଲିଛି ତାହା ସ୍ପଷ୍ଟ ଭାବେ ଅନୁଭବ କରିହେଉଛି। ୩୪,୨୩୮ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୩୨,୫୫୩ଟିରେ ପ୍ରତି ଶ୍ରେଣୀରେ ପାଠ ପଢାଇବା ଲାଗି ଜଣେ କରି ଶିକ୍ଷକ ନାହାଁନ୍ତି। ସେହିପରି ୧୭,୭୨୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୨,୪୬୬ଟିରେ ପ୍ରତି ଶ୍ରେଣୀ ପାଇଁ ଜଣେ କରି ଶିକ୍ଷକ ନାହାନ୍ତି। ୨୯,୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଶ୍ରେଣୀଗୃହ ନ ଥିବା ବେଳେ ୧୧,୭୪୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢିବା ପାଇଁ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ନାହିଁ। କେବଳ ୧୬୮୫ ପ୍ରାଥମିକ ଓ ୫୨୬୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି। ରାଜ୍ୟରେ ଥିବା ଉଚ୍ଚ ବିଦ୍ୟାଳୟ ଗୁଡିକରେ ୨,୫୮୫ଟି ସ୍କୁଲରେ ପ୍ରଧାନ ଶିକ୍ଷକ ପଦ ଖାଲି ରହିଛି।

ଏଥି ସହିତ ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭାହୋଇଛି। ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୁରଣ କରାଯାଇପାରିନାହିଁ । ଫଳ ସ୍ୱରୂପ, ଛାତ୍ରଛାତ୍ରୀ ମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି। ନିକଟରେ ଘରୋଇ ସଂସ୍ଥା "ଆସର" ପକ୍ଷରୁ ଗ୍ରାମାଞ୍ଚଳ ବିଦ୍ୟାଳୟ ଓ ଶିକ୍ଷାସ୍ତର ସ୍ଥିତି ଉପରେ କରାଯାଇଥିବା ସର୍ଭେ ତଥ୍ୟ ଅନୁଯାୟୀ ଆହୁରି ଉଦ୍‌ବେଗର ବିଷୟ ହେଲା ପ୍ରଥମ ଶ୍ରେଣୀରେ ପଢୁଥିବା ୩୮ % ପିଲା ଓଡିଆ ଅକ୍ଷର ପଢିପାରୁ ନାହାଁନ୍ତି। ୨୯.୩ % ପିଲା ଅକ୍ଷର ପଢୁଥିଲେ ମଧ୍ୟ ଚିହ୍ନିପାରୁ ନାହାନ୍ତି। ସେହିପରି ଅଷ୍ଟମ ଶ୍ରଣୀରେ ପଢୁଥିବା ଛାତ୍ର ଛାତ୍ରୀଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ । ସ୍କୁଲମାନଙ୍କରେ ଅଧିକ ଉପସ୍ଥାନ ପାଇଁ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ସରକାର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସହ ଅଣ୍ଡା, କଦଳୀ, ବାଳିକାଙ୍କୁ ପୋଷାକ, ପାଠ୍ୟପୁସ୍ତକ ଇତ୍ୟାଦି ଦେବାର ବ୍ୟବସ୍ଥା ଥିଲେ ବି ଉପସ୍ଥାନ ସଂଖ୍ୟା ସନ୍ତୋଷଜନକ ହୋଇପାରିନାହିଁ ।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି । ମାତ୍ର ଶିକ୍ଷା ବ୍ୟବସ୍ଥାରେ ସେପରି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ। ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ। ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟି ସୁପାରିସ ହେଉଛି ଶିକ୍ଷା ବାବଦରେ ରାଷ୍ଟ୍ର ବ୍ୟୟବରାଦ ବୃଦ୍ଧି କରିବା ପାଇଁ। ଏସବୁ କମିଶନ ଓ କମିଟିର ସୁପାରିସ ଶୀତଳ ଭଣ୍ଡାରରେ ପଡିରହିଛି। ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟର ୧୦ ଭାଗ ଓ ରାଜ୍ୟ ବଜେଟର ୩୦ ଭାଗ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିସ କରିଥିଲେ। କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟର ୪ ଭାଗ ଓ ରାଜ୍ୟ ବଜେଟର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ । ବରଂ ଶିକ୍ଷା ବଜେଟ ବର୍ଷକୁବର୍ଷ ହ୍ରାସପାଇବାରେ ଲାଗିଛି। ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି। ଏହାର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହୋଇଛି ।

ପ୍ରାଥମିକ ଶିକ୍ଷା ଶିକ୍ଷାବ୍ୟବସ୍ଥାର ମୂଳଦୁଆ । ମାତ୍ର ଏହି ମୂଳଦୁଆ କ୍ରମଶଃ ଭୁଶୁଡିବାରେ ଲାଗିଛି। ଏହାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ। ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ୨ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଅଛନ୍ତି ୧ଲକ୍ଷ ୧୫ହଜାର ୮୩୩ଜଣ ନିୟମିତ ଶିକ୍ଷକ। ବଳକା ୧ ଲକ୍ଷ ୮ହଜାର ୪୯୭ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ହଜାର ୭୩୬ଜଣ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷା ବ୍ୟବସ୍ଥା ଚାଲିଛି। ଏବେ ୩୪,୭୭୯ ଶିକ୍ଷକ ପଦବୀ ଖାଲି ପଡିଛି। ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା କେଉଁଠି ପାଞ୍ଚଟି ଶ୍ରେଣୀକୁ ଜଣେ ତ କେଉଁଠି ୭ଟି ଶ୍ରେଣୀକୁ ୨/୩ଜଣ ଶିକ୍ଷକରେ ସ୍କୁଲ୍ ଚାଲିଛି ।

# ଆନ୍ଦୋଳନ ଚାଲୁରଖ

**ମାୟାଧର ନାୟକ**

ସମ୍ବାଦପତ୍ର ପୃଷ୍ଠା ଖୋଲିଲେ କି ଟିଭି ଦେଖିଲେ ସଭାସମିତି, ଘେରଉ, ଆନ୍ଦୋଳନ, ବିକ୍ଷୋଭ ପଢୁପଢୁ ଦେଖୁଦେଖୁ ଦଫା ଶେଷ। ୟା-ବାଦେ ପୁଣି ସେକ୍ସ, ରେପ୍, ମର୍ଡର, ଚୋରି, ଡକାୟତି, ରାହାଜାନି, ଅପହରଣ, ଘୋଟେଲା, ଖେଳ, ବ୍ୟବସାୟ, ସିନେମା, କଳା, ସଂସ୍କୃତି ସମ୍ବାଦ ଅଛି । କିନ୍ତୁ ଅସଲୀ ସମ୍ବାଦ ଦୃଶ୍ୟମାନ ହୁଏନା, ଚାଷୀ ଶ୍ରମିକ, ମୂଲିଆ ଗାଁ ଗଣ୍ଡାର ଅପନ୍ତରାରେ ରହୁଥିବା – ଜୀବନ ବଂଚାଇବା ପାଇଁ ସଂଗ୍ରାମ କରୁଥିବା ଅଗଣିତ ଜନଗଣଙ୍କ କଥା । କାଁ ଭାଁ ଉପରଠାଉରିଆ ଭାବରେ କଦବା କେଉଁଠି ଖୁଚୁରାଖବର ହୋଇ ପ୍ରକାଶିତ ହୋଇଥାଏ ।

ଯେଉଁମାନେ ପେଟକୁ ଦାନା ଦେଲେ, ଦେହକୁ କନା ଦେଲେ, ସେମାନେ ଅଦୃଶ୍ୟରେ ଆଉ ଯେଉଁମାନେ ଦାନାକନା ଛଡେଇ ନେଲେ ସେମାନେ ଦୃଶ୍ୟମାନ । ଯୁଗ ଆରମ୍ଭରୁ ପ୍ରତିବାଦ-ପ୍ରତିରୋଧ, ପ୍ରତିକାର ବିଭିନ୍ନ ଉପାୟରେ ଚାଲିଛି- ଯୁଗ ବଦଳିବା ସଂଗେସଂଗେ ତରିକା ମଧ୍ୟ ବଦଳିଯାଉଛି । ପୂର୍ବରୁ ଯେଉଁ ଅସଲି ତରିକା ଥିଲା ଏବେ ସବୁ ନକଲି ତରିକାରେ ରୂପାନ୍ତରିତ କେବେଠୁ ହୋଇସାରିଲାଣି ।

ମୋର ଦୀର୍ଘବର୍ଷର ସ୍ମୃତି ମନେପଡୁଛି । ସୁକିନ୍ଦା, ଭୁବନେଶ୍ୱର, ସାରା ଓଡିଶା, ଦିଲ୍ଲୀରେ ସଭାସମିତି ବିକ୍ଷୋଭ, ଧାରଣା, ଶୋଭାଯାତ୍ରା, ଘେରଉ କଲାବେଳେ ଦର୍ଶକ କିମ୍ବା ବିକ୍ଷୋଭ- ପ୍ରଦର୍ଶନକାରୀମାନେ ଆନ୍ତରିକ ଭାବେ ସବୁ କରୁଥିଲେ। ଅଧିକାଂଶ ନେତା ଯେଉଁମାନେ ଏସବୁ ପରିଚାଳନା କରୁଥିଲେ- ସେମାନଙ୍କ ଆଚାର ବ୍ୟବହାର ଉଚ୍ଚାରଣରେ କିଛିଟା ସତ୍ୟ ଥିଲା । ସେତେବେଳେ ବି ବହୁନେତା ଯାହା କୁହନ୍ତି ଓଲଟା କାମ କରନ୍ତି ।

ସେତେବେଳେ ଆଜିକାଭଳି ଏତେ ବହୁମୁଖୀ ଗଣମାଧ୍ୟମ ନଥିଲା । ହାତଗଣତି ସମ୍ବାଦପତ୍ର, ନ୍ୟାସ୍‌ନାଲ ଦୂରଦର୍ଶନ ପ୍ରମୁଖରେ ସମ୍ବାଦ ଫଟୋ ପ୍ରକାଶିତ ହେଲେ ସମଗ୍ର ଦେଶରେ ଦୃଶ୍ୟମାନ ହେଉଥିଲା ଏବଂ ଲୋକ ଜାଣୁଥିଲେ । ଆଜି କିନ୍ତୁ ସବୁ ଓଲଟପାଲଟ ହୋଇଯାଇଛି। ଦେଶୀୟ ଓ ରାଜ୍ୟସ୍ତରୀୟ ସମ୍ବାଦପତ୍ର ହାଉଜାଉ; ଅଥଚ ଗୋଟିଏ ଅଂଚଳର ଖବର ଅନ୍ୟ ଅଂଚଳ ଲୋକ ଜାଣିପାରୁନାହାନ୍ତି ।ଉଦାହରଣ ସ୍ୱରୂପ- ଓଡିଶାରେ ସମାଜ, ପ୍ରଜାତନ୍ତ୍ର, ମାତୃଭୂମି, ଆଶା ପ୍ରମୁଖ ସମ୍ବାଦପତ୍ରଗୁଡିକର ସଂଧ୍ୟାରେ ଗୋଟିଏ ସଂସ୍କରଣ ପ୍ରକାଶ ପାଇବା ଦ୍ୱାରା ସାରା ଓଡିଶାର ଲୋକମାନେ ସକାଳୁ ରାଜ୍ୟର ବିଭିନ୍ନ କୋଣଅନୁକୋଣର ସମ୍ବାଦ ପାଇପାରୁନଥିଲେ । ଏବେ ପାଖାପାଖି ୪୧ଟି ଦୈନିକ, ୪୦ଟି ସାପ୍ତାହିକ, ପାକ୍ଷିକ ଓ ଅସଂଖ୍ୟ ମାସିକ, ତ୍ରୟୋମାସିକ, ବାର୍ଷିକ ସମ୍ବାଦପତ୍ର ପତ୍ରିକା ଏବଂ ଇଂରାଜୀ, ହିନ୍ଦୀ ସମ୍ବାଦପତ୍ର ସଂଖ୍ୟା ମଧ୍ୟ କମ୍ ନୁହେଁ । ଜାତୀୟ ସମ୍ବାଦପତ୍ରର କିଛି ସଂସ୍କରଣ ମଧ୍ୟ ଓଡିଶାରୁ ପ୍ରକାଶ ପାଉଛି । ବହୁ ଟିଭି ଚାନେଲ୍ ରାତିଦିନ ୨୪ ଘଂଟା ଚାଲିଛି । ଲୋକେ କ'ଣ ଦେଖିବେ କ'ଣ ପଢିବେ- ବଡ ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି।

ଖବର ଅଖବର, ରେପମର୍ଡର, ଖେଳ, ସିରିଏଲ୍, ସିନେମା ଏତେମାତ୍ରାରେ ଟିଭି, ସମ୍ବାଦପତ୍ରରେ ପ୍ରକାଶ ପାଉଛି- ଜଣେ ସବୁ ପଢିଦେଖି ପାରିବ ନାହିଁ । ପୁଣି ଟିଭି ଖବର କାଗଜରେ ବିଜ୍ଞାପନ ଭର୍ତ୍ତି ହୋଇଯାଉଛି । ସବୁ ଗଣମାଧ୍ୟମ ବ୍ୟବସାୟରେ ମାତିଛନ୍ତି । ଯଦି ଏତେ ଟିଭି, ସମ୍ବାଦପତ୍ର ନଥାନ୍ତା ତା'ହେଲେ ଆନ୍ଦୋଳନ ବିକ୍ଷୋଭ, ଶୋଭାଯାତ୍ରା, ସଭାସମିତି ସଂଖ୍ୟା ମଧ୍ୟ କମିଯାଆନ୍ତା । କାରଣ ଲକ୍ଷ୍ୟ ଉଦ୍ଦେଶ୍ୟ ଯାହାହେଉନା କାହିଁକି- ନେତାନେତ୍ରୀ ଓ ଲୋକମାନେ ଦୂରଦର୍ଶନରେ ଦୃଶ୍ୟ ହେଲେ, ସମ୍ବାଦପତ୍ରରେ ଫଟୋ ବାହାରିଲେ କୃତକୃତ୍ୟ ହୋଇଯାଆନ୍ତି । ସେଣିକି ଦାବି ପୂରଣ ହେଲା କେତେ ନ ହେଲା କେତେ ?

ବେଳେବେଳେ ବିରାଟବିରାଟ ବିକ୍ଷୋଭ, ଧାରଣା, ଶୋଭାଯାତ୍ରା ନେତୃତ୍ୱବିହୀନ ହୋଇଥାଏ। 'ହରିବୋଲିଆ' ଭଳି ଜନତା ମାତିଯାଆନ୍ତି । ନିଜଦାବି ସଂପର୍କରେ ମଧ୍ୟ ସଂପୂର୍ଣ୍ଣ ସଚେତନ ନଥାନ୍ତି । ଦଳେ ନେତା ଅଛନ୍ତି- ନିଜେ କରିପାରିବେ ନାହିଁ କି କାହାରିକୁ ପୂରାଇ ଦେବେନି । ଅଧିକାଂଶ ସମୟରେ ନେତାଙ୍କ ମଧ୍ୟରେ ତାଳମେଳ ରହେନା । ଏପରିକି ଜାତୀୟ ନେତାଙ୍କ ସହ ଫଟୋ ଉଠାଇବା ପାଇଁ ମୁଥ ମରାମରି ହୁଅନ୍ତି । ଫଟୋ ପାଇଁ ମୁଖା ମରାମରି ନହୋଇ ଦାୟିତ୍ୱ ନେବାପାଇଁ ମୁଥ ମରାମରି ହୁଅନ୍ତେ କି- ତା'ହେଲେ ଲୋକଙ୍କର ମଙ୍ଗଳ ହୁଅନ୍ତା ।

ଆନ୍ଦୋଳନରେ ନାଟକବାଜି ବେଶୀ । ଆନ୍ଦୋଳନମେଳା ଯେତେବେଳେ ଆରମ୍ଭ ହୁଏ, ବିଶେଷକରି ଶୀତଋତୁରେ ବର୍ଷସାରା ସାଇତି ରଖିଥିବା ଶାଲ, ସୁଇଟର, କୋର୍ଟ ନେହରୁ ଜ୍ୟାକେଟ୍, ଅନ୍ୟାନ୍ୟ ହରରଙ୍ଗୀ ଶୀତପୋଷାକ ପିନ୍ଧି ଓଡିଶାର ଗାଁଗଣ୍ଡାରୁ ବହୁ ଆନ୍ଦୋଳନକାରୀ ଏବଂ ଅଣଆନ୍ଦୋଳନକାରୀ ରାଜଧାନୀକୁ ଛୁଟିଆସନ୍ତି । ଆଜିକାଲି ଫ୍ଲେକ୍ସ ମିଟର ୮ଟଙ୍କାରୁ ୧୦ ଟଙ୍କା ହୋଇଥିବାବେଳେ ଶସ୍ତାରେ ବ୍ୟାନର ଆଣି ଶୋଭାଯାତ୍ରାର ଅଗ୍ରଭାବରେ ନେତାମାନେ ଧରିଚାଲନ୍ତି । ଟିଭି, ଫଟୋ ସାମ୍ବାଦିକ ଆସିଗଲେ, ପ୍ରାୟ ବହୁଳାଂଶଙ୍କ ସ୍ଲୋଗାନ୍, ଖୁବ୍ ଜୋରରେ ଶୁଣାଯାଏ । ପୋଷାକପତ୍ର ମୁଣ୍ଡବାଳ ଟିକେ ସଜାଡିନିଅନ୍ତି। ଏଇ କେତେବର୍ଷ ହେଲା, ବିଶେଷକରି ଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଲେ, ସେଦିନ ଯଦି ମାଣବସା ଶେଷ ଗୁରୁବାର ହୋଇଥାଏ, ତା'ହେଲେ ଲୋଏର୍ ପି.ଏମ୍.ଜି. ରାସ୍ତା ମଝିରେ ଲକ୍ଷ୍ମୀ ଠାକୁରାଣୀ ପୂଜା ଆରମ୍ଭ ହୋଇଥାଏ। ସେ ଫଟୋ ସମ୍ବାଦପତ୍ର ଓ ଟେଲିଭିଜନରେ ଦେଖାଯାଏ । ଅଧିକାଂଶ ପାଠକ, ଦର୍ଶକ ମୁରୁକି ହସନ୍ତି । ଏହାଦ୍ୱାରା ବାସ୍ତବ ଦାବିପ୍ରତି ଯେଉଁ ଅଙ୍ଗୀକାର ରହିବା କଥା, ତା' ରହେନି । ଆନ୍ଦୋଳନ ପରିହାସରେ ପରିଣତ ହୁଏ ।

ଏହି ଲେଖକ ଆନ୍ଦୋଳନ ସଂପର୍କରେ ଅନେକ କିମ୍ଭୂତ କିମାକାର ଘଟଣା ଦେଖିଛି । ୧୯୭୧ ମସିହାରେ ସଦ୍ୟ ପାକିସ୍ଥାନ-ପୂର୍ବ ପାକିସ୍ଥାନରେ ଭୟଙ୍କର ଗୃହଯୁଦ୍ଧ ଅବସାନର ୭ଦିନ ପରେ ନୂତନ ବଙ୍ଗଳାଦେଶକୁ ଜଣେ ସାମ୍ବାଦିକ ଭାବେ ଯାଇଛି । ଢାକାର ବିରାଟ ମଇଦାନରେ ବିଜୟୋତ୍ସବ ପାଳିତ ହେଉଥାଏ । ଜଣେ ଛାତ୍ରନେତା ନାଟକୀୟ ଢଙ୍ଗରେ ଭାଷଣ ଦେବାବେଳେ ଘନଘନ କରତାଳି ଶବ୍ଦରେ ସଭାସ୍ଥଳ ଫାଟି ପଡୁଥିଲା । ସେହି ନେତା ସଭାମଂଚ ତଳକୁ ଆସି ଗଦ୍‌ଗଦ୍ ହୋଇ ସାମ୍ବାଦିକମାନଙ୍କ ନିଜ ବାହାଦୁରୀ ବଖାଣିଲେ । ଏଇଭଳି ଅଧିକାଂଶ ନେତା ନାଟକୀୟ ଭଙ୍ଗିମାରେ ଭାଷଣ ଦେଇ ଶ୍ରୋତାଙ୍କ ଠାରୁ କରତାଳି, ହସ ସିନା ସଂଗ୍ରହ କରନ୍ତି, କିନ୍ତୁ ମଞ୍ଜ କଥା କହିପାରନ୍ତିନି । ଏହାଦ୍ୱାରା କିଛି ଲାଭ ହୁଏନା।

ଏଇ ଓଡିଶାର ରାଜଧାନୀରେ ବହୁବର୍ଷ ଧରି ଯେତେବେଳେ ଶିକ୍ଷକ ମହାସଂଘର ରାଲି ହୁଏ, ଓଡିଶାର କୋଣଅନୁକୋଣୁ ପାଖାପାଖି ୨୫ ହଜାରରୁ ୩୦ ହଜାର ଶିକ୍ଷକ, ଶିକ୍ଷୟତ୍ରୀ ଆସନ୍ତି । ଶୃଙ୍ଖଳିତଭାବେ ଦୁଇଧାଡିରେ ଚାଲନ୍ତି । ସର୍ବାଗ୍ରେ ମଧ୍ୟ ବ୍ୟାନର ଧରି ଦୁଇଜଣ ଚାଲନ୍ତି । ଅବଶ୍ୟ ଧାଡି ସରେନା । ଫଟୋ ସମ୍ବାଦପତ୍ରରେ କେବଳ ଆଗଧାଡିରୁ କିଛି ଅଂଶ ଦେଖାଯାଏ; ଟେଲିଭିଜନରେ ମଧ୍ୟ ବେଶୀ ଭିଡ ଦେଖାଯାଏନା ।

ସବୁବେଳେ କିଛିନା କିଛି ନୂଆ ଧାରା ସୃଷ୍ଟି କରିବାର ଇଚ୍ଛାଯୋଗୁ ଥରେ ରାଜଧାନୀରେ ଋଣଅଭିଯାନ ଓଡିଶାର ଏକ ରାଲିରେ ୫ ହଜାର ଆନ୍ଦୋଳନକାରୀ ଯୋଗଦେଇଥିଲେ । ପ୍ରଥମେ ପାଖାପାଖି ୫ ଶହ ଆଗରେ ପୂରାରାସ୍ତା ଜାମ୍ କରି ବିରାଟବ୍ୟାନର ଗୋଡଠାରୁ ପେଟପର୍ଯ୍ୟନ୍ତ ଧରି ଶୋଭାଯାତ୍ରା କଲୁ । ସମ୍ବାଦପତ୍ରରେ ଫଟୋ ବିରାଟ ଆକାରରେ ଆସିଲା । ଟେଲିଭିଜନ ମଧ୍ୟ ୫ ହଜାରରୁ ୨୫ ହଜାର ଭଳି ଲୋକ ଦେଖାଇଦେଲେ।

ଆଉଥରେ ଏଇ ଲେଖକ ନେତୃତ୍ୱରେ ପାଖାପାଖି ୫୦ଜଣ ଗଣଅଭିଯାନ କର୍ମୀନେତା ରାଜଧାନୀରେ ସଂଗ୍ରାମୀ ପାଣ୍ଠି ସଂଗ୍ରହ ପାଇଁ ଘରଘର ବୁଲିଲେ । ୨ ଦିନ ବୁଲିଲା ପରେ ଆଦାୟ କମ୍ ଖର୍ଚ୍ଚ ଅଧିକ ହେବାରୁ କାର୍ଯ୍ୟକ୍ରମ ବାତିଲ କରାଯିବା ପାଇଁ ନିଷ୍ପତି ନିଆଗଲା। ସେଇରାତିରେ ଖବର ପ୍ରକାଶ ପାଇଲା ନାଲ୍‌କୋ ପୁଞ୍ଜି ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାର ମସୁଧା କରୁଛନ୍ତି । ରାତିରାତି ଭୁବନେଶ୍ୱର ନାଲ୍‌କୋ ହେଡଅଫିସ୍ ସମ୍ମୁଖରେ ଧାରଣା ଦେବାକୁ ସ୍ଥିରକରି କିଛି ଧଳାକନା ଅଣାଯାଇ ବିଭିନ୍ନ ସ୍ଲୋଗାନ୍ ଲେଖି ମୁଣ୍ଡରେ ଗଳାଇ ଛାତିରେ ପିଠିରେ କର୍ମୀମାନେ ପିନ୍ଧି ସ୍ଲୋଗାନ୍ ଦେଲେ। ସେଦିନ ସଂଗେସଂଗେ ଜାତୀୟ ଟେଲିଭିଜନ୍ ଓ ଜାତୀୟ ସମ୍ବାଦପତ୍ରଠାରୁ ଆରମ୍ଭ କରି ଆଂଚଳିକ ଗଣମାଧ୍ୟମ ଏହି ଅଭିନବ ପ୍ରଦର୍ଶନକୁ ବ୍ୟାପକ ପ୍ରଚାର କଲେ ।

କଥାରେ ଅଛି- ଦେଖା ଶିଖା ଓଡିଶା । ବିଭିନ୍ନ ଦଳ ସଂଗଠନମାନେ ଏଭଳି ଅଭିନବ ଶୋଭାଯାତ୍ରା, ଧାରଣା, ବିକ୍ଷୋଭ ଦେଖି ନିଜର ସଂଗଠନମାନଙ୍କରେ ତାହାକୁ ଅନୁକରଣ କରିବାରେ ଲାଗିଲେ, ଯାହା ଆଜିଯାଏବି ଚାଲିଛି । ଏବେ ସଭାସମିତି, ଧାରଣା ବିକ୍ଷୋଭ ଶୋଭାଯାତ୍ରା ଏପରିକି ଘେରାଉ, ମାରପିଟ, ଗଣ୍ଡଗୋଳ ବହୁ ସ୍ଥାନରେ ହେଉଛି । ଲୋକେ ଏସବୁରେ ଭାଗନେଉଛନ୍ତି; କିନ୍ତୁ ଉଦ୍ଦେଶ୍ୟ-ଆଶା-ଆକାଂକ୍ଷା ଲକ୍ଷ୍ୟ ପୂରଣ ହେଉନି । ଆନ୍ଦୋଳନକାରୀଙ୍କ ଅପେକ୍ଷା ଆନ୍ଦୋଳନ ବିରୋଧୀ ଶକ୍ତି କୌଶଳରେ ଦମନ କରିଦେଉଛି । ତା'ସତ୍ତ୍ୱେ ଜନଗଣଙ୍କ ସହଯୋଗ ଯେତେ ବଢିବ- ସେତେ ଶିକ୍ଷା ପାଇବେ, ସଚେତନ ହେବେ । ଥରେ ଗରିଷ୍ଠସଂଖ୍ୟାରେ ଲୋକ ସଚେତନ ହୋଇଗଲେ ଜନବିରୋଧୀ ଶକ୍ତି ସାବାଡ ହୋଇଯିବେ । ଯଦିଓ ବର୍ତ୍ତମାନ ସର୍ବଗୁଣସଂପନ୍ନ ପରୀକ୍ଷିତ ନେତା ମିଳୁନାହାନ୍ତି; ଆନ୍ଦୋଳନ ଲଗାତର ଲାଗିରହିଲେ, ଦମନକୁ ମୁକାବିଲା କରୁକରୁ ନୂଆ ନେତାଙ୍କର ଆବିର୍ଭାବ ହେବ । ଯେଉଁଠି ବିପର୍ଯ୍ୟୟ ସେଇଠି ଜୟଜୟ । ଏ ହେଉଛି ଇତିହାସର ନିୟମ । ତେଣୁ ଧୈର୍ଯ୍ୟ ଧରି ଶେଷପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରଖ।

# ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ କଙ୍ଗନା



କଙ୍ଗନା ରାଣାଓ୍ବତଙ୍କ ଫିଲ୍ମ 'ଏମର୍ଜେନ୍ସି'ର ଦୀର୍ଘ ଦିନ ଧରି ଚର୍ଚ୍ଚାରେ ରହି ଆସିଥିଲା। ହେଲେ ବର୍ତ୍ତମାନ ଏହାର ଫାଷ୍ଟ ଲୁକ୍ ସାମ୍ନାକୁ ଆସିଛି। ୟୁଟ୍ୟୁବରେ ୧.୨୧ ସେକେଣ୍ଡର ଫାଷ୍ଟ ଲୁକ୍‌ରେ କଙ୍ଗନା ରଣାଓ୍ବତ ଇନ୍ଦିରା ଗାନ୍ଧୀଙ୍କ ଗେଟଅପ୍‌ରେ ଡାଏଲଗ୍ କହୁଥିବାର ନଜର ଆସିଛନ୍ତି। ସୋସିଆଲ ମିଡିଆରେ ଏହି ଲୁକକୁ ଦେଖିବା ମାତ୍ରେ ବହୁତ ପ୍ରଶଂସା କରାଯାଉଛି ଏବଂ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ଫିଲ୍ମର ଟିଜର ଏକ ଫୋନ୍ କଲ୍‌ରୁ ଆରମ୍ଭ ହୋଇଛି। କଙ୍ଗନାଙ୍କୁ ପଛରୁ ଦେଖିବାକୁ ମିଳିଛି। ଏଥିରେ କଙ୍ଗନା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଅଛନ୍ତି। ସୋସିଆଲ ମିଡିଆରେ କଙ୍ଗନା ଏହି ଫିଲ୍ମ ବିଷୟରେ ବହୁତ କିଛି ଲେଖିଛନ୍ତି। ସେ ଲେଖିଛନ୍ତି ଯେ ମୁଁ ପ୍ରାୟ ଏକ ବର୍ଷ ଧରି ଏହା ଉପରେ କାର୍ଯ୍ୟ କରୁଛି। ବର୍ତ୍ତମାନ ମୋତେ ଲାଗୁଛି ଯେ ଏହି ଚଳଚ୍ଚିତ୍ର ପାଇଁ ମୋ ଅପେକ୍ଷା ଭଲ ନିର୍ଦ୍ଦେଶକ ହୋଇପାରିବେ ନାହିଁ। ଯେତେବେଳେ କଙ୍ଗନା ଫିଲ୍ମ ଏର୍ମଜେନ୍ସିର ଲୁକ୍ ଟେଷ୍ଟର ଫଟୋ ସେୟାର କରିଥିଲେ, ତାହାର ବହୁତ ମଜାକ୍ ଉଡା ଯାଇଥିଲା। ହେଲେ ଏବେ ଏହାର ବହୁତ ପ୍ରଶଂସା କରାଯାଉଛି। କଙ୍ଗନା ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି। ମଣିକର୍ଣ୍ଣିକାଙ୍କ ପରେ ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହା ହେଉଛି ଦ୍ୱିତୀୟ ଫିଲ୍ମ। ଯାହା ୨୦୨୩ ରେ ରିଲିଜ୍ ହେବ। ଏହା ହେଉଛି ରାଜନୈତିକ ଡ୍ରାମା ଉପରେ ଆଧାରିତ।



# ବୟସ ପୂର୍ବରୁ ମସ୍ତିଷ୍କ ବୁଢ଼ା ହେବାର ସଙ୍କେତ

ବୟସ ପୂର୍ବରୁ ଆପଣଙ୍କ ମସ୍ତିଷ୍କ ବୁଢା ହୋଇପାରେ। ଯଦି ଆପଣଙ୍କୁ କୋଭିଡ୍ ହୋଇଥିଲା, ତା ହେଲେ ସାବଧାନ। ରୋଗ ଭଲ ହେବାର ବର୍ଷେ ପରେ ବି ରୁହେ କୋଭିଡ ପ୍ରଭାବ। ଭୁଲିବା ବେମାରି ଆକ୍ରାନ୍ତ କରିପାରେ ଆପଣଙ୍କୁ। କମାଇ ଦେଇପାରେ ଆଇକ୍ୟୁ। ଆପଣଙ୍କୁ କି ଆପଣଙ୍କ କୌଣସି ନିକଟ ସମ୍ପର୍କୀୟଙ୍କୁ କୋଭିଡ ହୋଇଥିଲା କି ? ନିଜର ମସ୍ତିଷ୍କ ଓ ମାନସିକ ସ୍ୱାସ୍ଥ୍ୟ ବିଷୟରେ ସାବଧାନ ହୋଇ ଯାଆନ୍ତୁ । କାରଣ ଅକାଳରେ ମସ୍ତିଷ୍କକୁ ବୁଢା କରି ଦେଉଛି କରୋନା ଭାଇରସର ପାର୍ଶ୍ୱ ପ୍ରତିକ୍ରିୟା। କରୋନା କୋପରୁ ବର୍ତ୍ତି ଯାଇଥିବା ଲୋକଙ୍କ ପିଛା ଛାଡୁନି ଏହାର କୁପ୍ରଭାବ। ମଣିଷ ମସ୍ତିଷ୍କକୁ ବୁଢା କରି ଦେଇପାରେ ଏହି ରୋଗ। ଜଣେ କରୋନା ଆକ୍ରାନ୍ତ ବ୍ୟକ୍ତି ମାନସିକ ସ୍ତରରେ ପ୍ରାୟ ୨୦ ବର୍ଷ ବୁଢା ହୋଇଯାଇ ପାରେ। ସ୍ମୃତି ଶକ୍ତି କମି ପାରେ। କମିଯାଏ ଆଇକ୍ୟୁ ବା ଇଣ୍ଟେଲିଜେଣ୍ଟ କୋସେଣ୍ଟ। କରୋନାଭାଇରସ୍ ସଂକ୍ରମଣରୁ ସୁସ୍ଥ ହୋଇ ସାରିଥିବା ରୋଗୀଙ୍କ ଆଇକ୍ୟୁ ସ୍ତର ୧୦ ପଏଣ୍ଟ ହ୍ରାସ ହୋଇପାରେ। ଆଇକ୍ୟୁ ହେଉଛି ଜଣେ ମଣିଷ ବୁଦ୍ଧିର ମାପ କାଠି। ଏହି ଭୟଙ୍କର ତଥ୍ୟ ଜଣାପଡିଛି କେମ୍ବ୍ରିଜ୍ ୟୁନିଭର୍ସିଟି ଏବଂ ଇମ୍ପେରିଆଲ୍ କଲେଜ୍ ଲଣ୍ଡନରେ କରାଯାଇଥିବା ଗବେଷଣାରୁ । ଆଇସିୟୁରେ ଭର୍ତ୍ତି ହୋଇ ଭଲ ହୋଇଥିବା କିଛି କୋଭିଡ ଆକ୍ରାନ୍ତଙ୍କ ଉପରେ ହୋଇଥିଲା ଗବେଷଣା। ଜଣା ପଡିଛି କୋଭିଡ ଆକ୍ରାନ୍ତ ହେବାର ୧୨ ସପ୍ତାହ ପରେ, ପ୍ରତି ୭ ରୋଗୀଙ୍କ ମଧ୍ୟରୁ ଜଣେ ସ୍ମୃତି ଶକ୍ତି ହରାଇବା ସମସ୍ୟାରେ ପଡନ୍ତି। ବ୍ରିଟେନରେ କୋଭିଡ ସମୟରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଏକ ତୃତୀୟାଂଶ ରୋଗୀଙ୍କ କ୍ଷେତ୍ରରେ ସୁସ୍ଥ ହେବାର ଏକ ବର୍ଷ ପରେ ମାନସିକ ବାର୍ଦ୍ଧକ୍ୟ ଲକ୍ଷଣ ଦେଖା ଯାଇଥିଲା। ଗୁରୁତର କୋଭିଡ ରୋଗୀମାନେ ସୁସ୍ଥ ହେବା ପରେ କିଛି କହିବା ବେଳେ ହଠାତ୍ ଚୁପ୍ ହୋଇ ଯାଆନ୍ତି କାରଣ ସେମାନେ ପରବର୍ତ୍ତୀ ଶବ୍ଦଗୁଡ଼ିକୁ ଭୁଲିଯାଆନ୍ତି। ବ୍ରିଟେନରେ ପ୍ରାୟ ୧୭ ଲକ୍ଷ ସୁସ୍ଥ ହୋଇ ସାରିଥିବା କୋଭିଡ ରୋଗୀ ଏହି ଭଳି ମାନସିକ ସମସ୍ୟା ବିଷୟରେ ଅଭିଯୋଗ କରିଥିଲେ। ଏହାପରେ ବିଜ୍ଞାନୀମାନେ କରୋନା ଭୂତାଣୁର ଦୀର୍ଘକାଳିଂ ପ୍ରଭାବକୁ ନେଇ କରିଥିଲେ ଗବେଷଣା। ଭାରତରେ ଏହାକୁ ନେଇ କୌଣସି ଗବେଷଣା ହୋଇ ନାହିଁ। କିନ୍ତୁ କରୋନା ଆକ୍ରାନ୍ତ ବ୍ୟକ୍ତି ଏବେଠୁ ନିଜ ମସ୍ତିଷ୍କର ଅବସ୍ଥା ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇଯିବା ଭଲ।

# -୪୦ ଡିଗ୍ରୀରେ ଚାଲିବ ଇଣ୍ଟରନେଟ୍



ପୁଣି କମାଲ୍ କଲେ ସୋନମ ଓ୍ୱାଙ୍ଗଚୁକ୍। ନିଜ ଛାତ୍ରମାନଙ୍କ ସହ ହିମାଳୟ ଶିଖରରେ -୪୦ ଡିଗ୍ରୀ ସେଲ୍‌ସିଅସ ତାପମାନରେ ଚାଲିପାରୁଥିବା ଏକ ସୋଲାର ପ୍ୟାନେଲକୁ କାର୍ଯ୍ୟକ୍ଷମ କରାଇ ସେ ଏବେ ଚର୍ଚ୍ଚାରେ। ତାଙ୍କର ଏହି ଶିଖର ଅଭିଯାନ ବିଶ୍ୱର ଉଚ୍ଚ ସ୍ଥାନରେ ଥିବା ବିଜ୍ଞାନର ସର୍ବୋତ୍ତମ ପରୀକ୍ଷଣ ବୋଲି ସେ କହିଛନ୍ତି। ଏଠାରେ କାର୍ଯ୍ୟକ୍ଷମ ହେବା ଭଳି ସୋଲାର ପ୍ୟାନେଲ ନିର୍ମାଣ କରି ସେ ଏହି ଦୁର୍ଗମ ସ୍ଥାନରେ ଇଣ୍ଟରନେଟ୍ ଅସୁବିଧା ଦୂର କରିବାକୁ ଯୋଜନା କରିଛନ୍ତି। ପୂର୍ବରୁ ସେ କୃତ୍ରିମ ଗ୍ଲାସିଅରର ବ୍ୟବହାର କରି ଲଦାଖରେ ଜଳ ଅଭାବର ସମାଧାନ କରିଥିଲେ। ସୋମନ ଓ୍ୱାଙ୍ଗଚୁକ ଜଣେ ଭାରତୀୟ ଇଂଜିନିୟର ଓ ଶିକ୍ଷା ସଂସ୍କାରକ। ଥ୍ରୀ ଇଡିଅଟ୍ ଚଳଚ୍ଚିତ୍ରରେ ଫୁଙ୍ଗସୁକ୍ ଓ୍ୱାଙ୍ଗଡୁ ଚରିତ୍ରଟି ଥିଲା ସୋନମଙ୍କ ଜୀବନ ଉପରେ ଆଧାରିତ। ସେ ଅନେକ ଗବେଷଣାମୂଳକ କାର୍ଯ୍ୟ କରିଛନ୍ତି। ଓ୍ୱାଙ୍ଗଚୁକ୍ ମହେନ୍ଦ୍ରା ବୋଲେରୋ ସାହାର୍ଯ୍ୟରେ ଏହି ଅଭିଯାନକୁ ରୂପ ଦେଇଛନ୍ତି। ହିମାଳୟର ସେକମାଲ ମାଉଣ୍ଟେନର ୧୩୦୦୦ ଫୁଟ ଉପରେ ପହଞ୍ଚିବା ପରେ ପର୍ବତ ଶିଖରରେ ସେ ଓ ତାଙ୍କ ଛାତ୍ରମାନେ ବିଶ୍ରାମ ନେଉଥିବାର ଚିତ୍ର ସହ ସୋଲାର ପ୍ୟାନେଲର ଫଟୋ ନିଜ ସୋଶିଆଲ ମିଡିଆ ହ୍ୟାଣ୍ଡେଲରେ ପୋଷ୍ଟ କରିବା ପରେ ଏହା ଭାଇରାଲ ହୋଇଛି।

# ସ୍ୟାଣ୍ଡୱିଚ୍ ଖାଇ ୨୫ ବର୍ଷ



ଏ ସୁନ୍ଦରୀ ତରୁଣୀ ଜଣକ ହେଉଛନ୍ତି, ଜୋ ସ୍ୟାଣ୍ଡଲର। ବୟସ ଏବେ ତାଙ୍କୁ ପାଖାପାଖି ୨୫ ବର୍ଷ। ହେଲେ ଅଜବ ସଉକ ପାଇଁ କିଛି ଲୋକେ ତାଙ୍କୁ ଥଟ୍ଟାରେ ବାୟାଣି ଆଖ୍ୟା ଦେଉଛନ୍ତି। ସିଏ ପୁଣି ଏମିତି ସେମିତି ନୁହେଁ, ଲୋକେ କହୁଛନ୍ତି ଇଏ ସାଣ୍ଡୱିଚ ବାୟାଣୀ। ମାତ୍ର ୨ ବର୍ଷ ବୟସରୁ ସ୍ୟାଣ୍ଡଲର କେବଳ ସାଣ୍ଡୱିଚ୍ ଖାଉଛନ୍ତି। ଆମ ଭଳି ଭାତ, ଡାଲି, ତରକାରି କି ବ୍ରେଡ୍ ଖାଇବାକୁ ତାଙ୍କୁ ଆଦୌ ଭଲ ଲାଗେନି। ତେଣୁ ସେ ସଞ୍ଜ ହେଉ କି ସକାଳ, ପାହାନ୍ତିଆ ହେଉ କି ଦି ପହର, ସବୁବେଳେ କୁଡୁମୁଡିଆ ସାଣ୍ଡୱିଚ୍ ଖାଇବାକୁ ପସନ୍ଦ କରନ୍ତି। ଭୋଜି ଭାତକୁ ଗଲେ ବି ସ୍ୟାଣ୍ଡଲରଙ୍କ ଗୋଟିଏ ଡିମାଣ୍ଡ, ଖାଇବେ ଯଦି କେବଳ ସ୍ୟାଣ୍ଡୱିଚ୍। କାରଣ ଅନ୍ୟ କୌଣସି ଖାଦ୍ୟ ଆଉ ତାଙ୍କ ପାଟିକୁ ରୁଚୁନି। ଏ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନିଆଯାଇଛି। ଡାକ୍ତର କହିଛନ୍ତି, ତାଙ୍କ ମସ୍ତିସ୍କରେ ଗୋଟିଏ ରୋଗ ବିକଶିତ ହୋଇଛି। ଯାହାର ନାଁ, ମଲ୍ଟିପଲ୍ ସେଲେରୋସିସ୍। ଏହା ଏକ ସ୍ନାୟୁ ବିକାର ରୋଗ। ରୋଗ କଥା ଜଣାପଡିବା ପରେ ଚିନ୍ତିତ ହୋଇ ପଡିଛନ୍ତି ସ୍ୟାଣ୍ଡଲର ଆଉ ଚିକିତ୍ସା ପାଇ ହିପନୋଥେରାପି ବା ସମ୍ମୋହନ ଚିକିତ୍ସା ଆପଣାଇଛନ୍ତି। ଯାହା ପରେ ପ୍ରଥମ ଥର ପାଇଁ ସେ ଗୋଟିଏ ଥର ସାଧାରଣ ମିଲ୍ ଖାଇଛନ୍ତି। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି, ଆଗାମୀ ଦିନରେ ସମ୍ପୂର୍ଣ୍ଣ ଭଲ ହୋଇ ସାଧାରଣ ଖାଦ୍ୟ ଖାଇବେ ସାଣ୍ଡଲର।

# ବିଫଳତା ପରେ ସଫଳତା ନିଶ୍ଚିତ: ସ୍ୱରା



ସନେ ଜଗତର ମାୟାନଗରୀରେ ୧୨ ବର୍ଷ ପୂରିଲା। ଏହି ଅବସରରେ ୨୨ଟି ହିନ୍ଦୀ ଫିଲ୍ମ ସମେତ ୭ଟି ଟିଭି ଧାରାବାହିକରେ ନିଜର ଦମ୍‌ଦାର ଉପସ୍ଥିତି। ଖାଲି ସେତିକି ନୁହେଁ, ନିଜର ଅଭିନୟ ଦକ୍ଷତା ପାଇଁ ଛଅ ଛଅ ଥର ଜାତୀୟ ସ୍ତରୀୟ ପୁରସ୍କାର ଲାଭ ସାଙ୍ଗକୁ ତିନି ଥର ଫିଲ୍ମଫେୟାର ସମ୍ମାନ ପାଇଁ ସୁପାରିସ। ଏତେ ସବୁ କୃତିର ଅଧିକାରିଣୀ ହେଉଛନ୍ତି ଅଭିନେତ୍ରୀ ସ୍ୱରା ଭାସ୍କର। ପ୍ରାରମ୍ଭିକ ବିଫଳତାରେ ବିବ୍ରତ ନହେବାର ଫଳ ହିଁ ସେ ଆଜି ଉପଭୋଗ କରୁଛନ୍ତି। ନୂଆଦିଲ୍ଲୀରେ ଜନ୍ମିତା ସ୍ୱରା ଇଂରାଜୀ ସାହିତ୍ୟରେ ସ୍ନାତକ ଏବଂ ସାମାଜିକ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିଛନ୍ତି। ଏକମାତ୍ର କନ୍ୟା ଦେଶର ପ୍ରାଶାସନିକ ସେବାରେ ଯୋଗ ଦେଉ ବୋଲି ତାଙ୍କ ପିତା ଚାହୁଥିବା ବେଳେ ସ୍ୱରା କିନ୍ତୁ ମାଆଙ୍କ ଆଦର୍ଶରେ ଗ୍ଲାମର ଦୁନିଆ ପ୍ରତି ଢଳିଥିଲେ। ସୌଭାଗ୍ୟକୁ ନିଜର ସୁଠାମ ଚେହେରା ମଧ୍ୟ ତାଙ୍କୁ ଏ ଦିଗରେ ସହାୟକ ହୋଇଥିଲା। ତେବେ ସ୍ୱରା ପ୍ରଥମେ ଦିଲ୍ଲୀର ଏକ ଥିଏଟର ଗ୍ରୁପ୍‌ରେ କାମ କଲା ପରେ ୨୦୦୯ରେ ମୁମ୍ବାଇ ଚାଲିଯାଇଥିଲେ। ସେଠାରେ ହିନ୍ଦୀ ସିନେମା 'ମାଧୋଲାଲ୍ କିପ୍ ଓ୍ୱାକିଂ'ରେ ପ୍ରଥମ ପଦାର୍ପଣ କରି ଆଶାନୁରୂପ ସଫଳତା ହାସଲ କରିପାରିନଥିଲେ। ତହିଁ ପରବର୍ଷ ତାଙ୍କ ଅଭିନୀତ 'ଗୁଜାରିସ' ଓ ଅନ୍ୟ ଏକ ଫିଲ୍ମ ମଧ୍ୟ ଅନୁରୂପ ଭାବେ ବିଫଳତାର ସ୍ୱାଦ ଚଖେଇଥିଲା। ତେବେ ଏଥିରେ ଆଦୌ ବିବ୍ରତ ନହୋଇ ସ୍ୱରା ତାଙ୍କର ପରବର୍ତ୍ତୀ ପ୍ରକଳ୍ପକୁ ଅପେକ୍ଷା କରିଥିଲେ ଏବଂ ତାହା ହିନ୍ଦୀ ଫିଲ୍ମ 'ତନୁ ଓ୍ୱେଡ୍ସ ମନୁ' ରୂପରେ ଉଭୟ ଖ୍ୟାତି ଓ ପ୍ରତିଷ୍ଠା ଅଜାଡ଼ି ଦେଇଥିଲା। ମୁଖ୍ୟ ନାୟିକା କଙ୍ଗନା ରଣାଓ୍ୱତଙ୍କ ଶ୍ରେଷ୍ଠ ବାନ୍ଧବୀ 'ପାୟଲ୍' ଭୂମିକା ପାଇଁ ସ୍ୱରାଙ୍କୁ ଶ୍ରେଷ୍ଠ ସହଅଭିନେତ୍ରୀ ଭାବେ ୨୦୧୨ର ଜୀ ସିନେ ସମ୍ମାନ ମିଳିଥିଲା। ଏହାପରେ ସ୍ୱରାଙ୍କର ଲୋକପ୍ରିୟତା ଖୁବ୍ ବଢ଼ିଯାଇଥିଲା ଏବଂ ପରବର୍ତ୍ତୀ 'ଲିସନ୍ ଅମୟ' ଓ 'ଆଉରଙ୍ଗଜେବ' ଆଦି ଫିଲ୍ମରେ ସେ ଆଶାନୁରୂପ ଦର୍ଶକୀୟ ସ୍ୱୀକୃତି ଦୋହରାଇଥିଲେ। ତେବେ ୨୦୧୩ରେ 'ରାଞ୍ଜଣା' ଫିଲ୍ମ ତାଙ୍କ ସଫଳତାର ଆଉ ଏକ ମାଇଲଖୁଣ୍ଟ ସାଜିଥିଲା। ସେହିପରି ୨୦୧୬ରେ 'ନିଲ ବଟେ ସନ୍ନାଟା'ରେ ତାଙ୍କ ଅଭିନୀତ ଜଣେ କିଶୋରୀର ମାଆ ଭଳି ଏକ ଭିନ୍ନ ଚରିତ୍ରକୁ ଦର୍ଶକ ତଥା ସମୀକ୍ଷକମାନେ ଖୁବ୍ ପ୍ରଶଂସା କରିଥିଲେ। ଏଥି ସହିତ ୨୦୧୮ରେ 'ବୀରେ ଦି ଓ୍ୱେଡିଂ'ରେ ସାକ୍ଷୀ ସୋନି ଚରିତ୍ରରେ ତାଙ୍କର ପୋଖତ ଅଭିନୟ ଆଉ ଏକ ଜାତୀୟ ସ୍ତରୀୟ ପୁରସ୍କାର ଆଣିଦେଇଥିଲା। ଏହି ଅବସରରେ ସ୍ୱରା ୨୦୧୪ରେ ଶ୍ୟାମ ବେନେଗାଲ୍‌ଙ୍କ ଟିଭି ଧାରାବାହିକ 'ସମ୍ବିଧାନ'ର ଉପସ୍ଥାପିକା ସାଜିବା ସହ ପାକିସ୍ତାନୀ ଟିଭିର ହାସ୍ୟରସାତ୍ମକ ଧାରାବାହିକ 'ମଜାକ୍ ରାତ୍'ରେ ଅତିଥି କଳାକାର ଭାବେ ଢେର ପ୍ରଶଂସା ପାଇଥିଲେ। ଏହାପରେ 'ରଙ୍ଗୋଲି', 'ରସଭରି', 'ଭାଗ୍ ବିନି ଭାଗ୍' ଓ 'ଆପ୍ କେ କମରେ ମେଁ କୋଇ ରହତା ହୈ' ଆଦି ଧାରାବାହିକ ମଧ୍ୟ ତାଙ୍କ ଲୋକପ୍ରିୟତା ବଜାୟ ରଖିବାରେ ସହାୟକ ହୋଇଛି। ଚଳିତବର୍ଷ ତାଙ୍କ ଅଭିନୀତ ୨୨ତମ ହିନ୍ଦୀ ଫିଲ୍ମ 'ଜହାଁ ଚାର୍ ୟାର' ମୁକ୍ତିଲାଭ କରିବାକୁ ଥିବା ବେଳେ ଏଥିରେ ସେ ପୂର୍ବର ସବୁ ସଫଳତାକୁ ଟପିଯିବେ ବୋଲି ଆଶା ରଖିଛନ୍ତି।

# ପ୍ରଥମ ସୌର ଚାଳିତ କାରର ବଜାର ପ୍ରବେଶ ଖୁବ୍‌ଶୀଘ୍ର

ବଢୁଥିବା ଜନସଂଖ୍ୟା ସହ ତାଳ ଦେଇ ସୀମିତ ହୋଇ ଚାଲିଛି ଶକ୍ତି ଉତ୍ପାଦନର ଉତ୍ସ। ବଢୁଛି ପେଟ୍ରୋଲ ଓ ଡିଜେଲ ଭଳି ଇନ୍ଧନର ଦର। ଯାହାକୁ ଦେଖି ଚିନ୍ତିତ ଥିବା କାର ସଉକିଆ ମଣିଷଙ୍କ ପାଇଁ ଖୁସି ଖବର। ତେଲ ଦର ଚିନ୍ତାରୁ ମୁକ୍ତି ଦେବାକୁ ବଜାରକୁ ଆସୁଛି ସୌରଚାଳିତ କାର। ବିଶ୍ୱର ପ୍ରଥମ ସୌର ଚାଳିତ କାରର ବଜାର ପ୍ରବେଶ ଘୋଷଣା କରିଛି ଡଚ କମ୍ପାନୀ 'ଲାଇଟ ଇୟର'। ଆସନ୍ତା ନଭେମ୍ବର ସୁଦ୍ଧା ଏହି ସୌର ଶକ୍ତି ଚାଳିତ କାର ବଜାର ପ୍ରବେଶ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି । କାରରେ ସାଧାରଣ ସୋଲାର ପ୍ୟାନେଲ ସହ ସ୍ୱତନ୍ତ୍ର ଭାବେ ନିର୍ମିତ ବକ୍ର ସୋଲାର ପ୍ୟାନେଲ ମଧ୍ୟ ଖଞ୍ଜିବାର ଯୋଜନା କରିଛି କମ୍ପାନୀ। କାରଟିର ନାମ 'ଲାଇଟ ଇୟର ଜିରୋ' ରହିଛି। ଏହି ଅତ୍ୟାଧୁନିକ କାର ଗୋଟିଏ ଥର ଚାର୍ଜରେ ପ୍ରାୟ



୩୮୮ ମାଇଲ ଚାଲି ପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପୂର୍ବରୁ କମ୍ପାନୀର ଟେସଲାର '୩ କାର', ଯାହା ୩୭୪ ମାଇଲ ଯାଉଥିଲା ତାହା ତୁଳନାରେ ଏହି ସୌର ଚାଳିତ କାର୍ ଅଧିକ ବାଟ ଯିବ। ୩କାରଠାରୁ ଏହା ଅଧିକ ୧୪ ମାଇଲ ଯାଇପାରିବ । କମ୍ପାନୀ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁଯାୟୀ ପ୍ରତ୍ୟେକ ଘଣ୍ଟା ଖରାରେ କାରର ବ୍ୟାଟେରୀ ୬ ମାଇଲ ଯାଏଁ ଚାର୍ଜ ହୋଇ ପାରିବ। ଏଥିପାଇଁ କୌଣସି ଚାର୍ଜର ଦରକାର ହେବନି। ମେଘାଚ୍ଛନ୍ନ ସ୍ଥାନରେ ପାଖାପାଖି ୨ ମାସ ପରେ ବ୍ୟାଟେରୀ ଚାର୍ଜର ଆବଶ୍ୟକ ହୋଇପାରେ। କମ୍ପାନୀ ସିଇଓ ଓ ସହ-ପ୍ରତିଷ୍ଠାତା ଲେକ୍ସ ହୋଫସ୍କୁଟ୍ କହିଛନ୍ତି, କାରର ବ୍ୟାଟେରୀ ଛୋଟ କରିବାକୁ ଚେଷ୍ଟା କରାଯାଇଛି। ଏରୋଡାଇନାମିକ ଆକାର ଓ ଛୋଟ ବ୍ୟାଟେରୀ କାରକୁ ବେଗ ପ୍ରଦାନ କରିଛି।

## ସାଂସଦ ମାନସ ମଙ୍ଗରାଜ ଙ୍କୁ କେନ୍ଦ୍ର ସରକାର ଙ୍କ ପ୍ରମୁଖ ଦାୟିତ୍ୱ ପ୍ରଦାନ ଯୋଗୁ ଅଭିନନ୍ଦନ

ଫୁଲନଖରା - ସାମୁଦ୍ରିକ ଉତ୍ପାଦ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷ ବା ଏମପିଇଡିଏ ର ନୂତନ ସଦସ୍ୟ ଭାବେ ବିଜୁ ଜନତା ଦଳର ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଙ୍କୁ କେନ୍ଦ୍ର ସରକାର ଦାୟିତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟସଭାର ଡେପୁଟି ସେକ୍ରେଟେରୀ ସତୀଶ ମେସରା ଏ ନେଇ ସୂଚନା ଦେବା ପରେ ଓଡ଼ିଶା ବାସୀ ବିଶେଷ କରି ରାଜ୍ୟ ର ଗଣମାଧ୍ୟମ ଜଗତରେ ଆନନ୍ଦ ପ୍ରକାଶ ପାଇଛି।ରାଜ୍ୟ ସରକାର ଙ୍କ ଗଣମାଧ୍ୟମ ବିଭାଗ ର ଉପଦେଷ୍ଟା ଦାୟିତ୍ୱ ରେ ରହି ଶ୍ରୀ ମଙ୍ଗରାଜ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଏବେ କେନ୍ଦ୍ର ସରକାର ଙ୍କ ଏମପିଇଡିଏର ସଦସ୍ୟ ଦାୟିତ୍ୱ କୁ ମଧ ସେ ସଫଳତାର ସହ ସମ୍ପାଦନ କରିବେ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି। ତେବେ ସାଂସଦ ଶ୍ରୀ ମଙ୍ଗରାଜ ଏ ନେଇ ଖୁସି ବ୍ୟକ୍ତ କରିବା ସହ ଉକ୍ତ ସଫଳତାର ଶ୍ରେୟ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଦେଇଛନ୍ତି । ଏଥିସହିତ ଆଗକୁ ସାମୁଦ୍ରିକ ଉତ୍ପାଦ ଶିଳ୍ପକୁ ରାଜ୍ୟ ରେ ଆଗକୁ ନେବା ପାଇଁ ମୋର ମୂଲ୍ୟବାନ ଅବଦାନକୁ ଅପେକ୍ଷା କରିଛି ବୋଲି ସେ ଟ୍ୱିଟ୍ ? ଯୋଗେ କହିଛନ୍ତି । ସୂଚନାଯୋଗ୍ୟ ଯେ ୧୯୭୨ ମସିହାରେ ସଂସଦରେ ସାମୁଦ୍ରିକ ଉତ୍ପାଦ ରପ୍ତାନୀ ଉନ୍ନୟନ ପ୍ରାଧିକରଣ ଗଠନ କରାଯାଇଥିଲା । ଏହାପୂର୍ବରୁ ଭାରତ ସରକାରଙ୍କ ଦ୍ୱାରା ୧୯୬୧ରେ ପ୍ରତିଷ୍ଠିତ ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ପ୍ରୋତ୍ସାହନ ପରିଷଦ ୨୫ ଅଗଷ୍ଟ ୧୯୭୨ରେ ସଂସଦ ଦ୍ୱାରା ଗଠିତ ଏମପିଇଡିଏରେ ରୂପାନ୍ତରିତ ହୋଇଥିଲା ।ଏହି ଅବସରରେ ଏସୟୁଜେ, ଓଡ଼ିଶାର ରାଜ୍ୟ ସଭାପତି ଅଜୟ କୁମାର ସାହୁ,ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ, କଟକ ଜିଲ୍ଲା ସଭାପତି ଅଖିଳେଶପଦ ମହାନ୍ତି,ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ସୁରେନ୍ଦ୍ର ମହାପାତ୍ର, କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ,ସନାତନ ପରିଜା,ଅଜୟ କୁମାର ଦାଶ, ଧୀରେନ୍ଦ୍ର ସାହୁ ପ୍ରମୁଖ ଶ୍ରୀ ମଙ୍ଗରାଜ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି

## ମେଣ୍ଢାଶାଳ ପଞ୍ଚାୟତରେ ବୃକ୍ଷରୋପଣ

ମେଣ୍ଢାଶାଳ, ୨୮ /୭ (ନି.ପ୍ର): । ମେଣ୍ଢାଶାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହରିଡାମଡ଼ା ଆଶ୍ରମ ବିଦ୍ୟାଳୟ ପରିସରରେ ଆଜି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମ୍ବ, ପଣସ, କରମଙ୍ଗା, ଜାମ୍ବୁ, ବଉଳ, ପିସ୍ତା ବାଦାମ ଆଦି କଲମୀ ଫଳଚାରା ରୋପଣ କରାଯାଇଛି। ବର୍ତ୍ତମାନ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ବୃକ୍ଷରୋପଣ ଏକାନ୍ତ ଆବଶ୍ୟକ ପଦକ୍ଷେପ ବୋଲି ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଶ୍ରୀ ପ୍ରଭାତ କୁମାର ରାଉତରାୟ ଅଞ୍ଚଳର ବାସିନ୍ଦାମାନଙ୍କୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଦ୍ୱାରା ସଚେତନତାର ବାର୍ତ୍ତା ଦୀର୍ଘ ୫ ବର୍ଷ ହେଲା ପ୍ରଚାର କରିଆସୁଛନ୍ତି ଏବଂ ସେ ଆଜିର କାର୍ଯ୍ୟକ୍ରମକୁ ପରିଚାଳନା ସହିତ ସମସ୍ତ ଫଳଚାରା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହିତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କେଦାର ସ୍ୱାଇଁ, ହରିଡାମଡ଼ା ଗ୍ରାମର ବରିଷ୍ଠ ନାଗରିକ ଶ୍ରୀଯୁକ୍ତ ଫକୀର ଚରଣ ବେହେରା ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

## କୁଲତା ଯୁବ ଶକ୍ତି ଓଡ଼ିଶା ତରଫରୁ ଅନଲାଇନ ଭଜନ ସମାରୋହ

ନର୍ଲା୨୮/୭ (ଡଞ୍ଜଘଝ) କୁଲତା ଯୁବ ଶକ୍ତି କଳା ଓ ସଂସ୍କୃତି ସଂଯୋଜିକା ପୂଜା ବେହେରାଙ୍କ ସଂଯୋଜନାରେ ଏକ ଅନଲାଇନ ଭଜନ ସମାରୋହ କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଲତା ଯୁବ ଶକ୍ତିର ଉପଦେଷ୍ଟା ହରେକୃଷ୍ଣ ଭୋଇ , ଗଜିନ୍ଦ୍ର ପଧାନ, ଶାନ୍ତନୁ ଭୋଇ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । କୁଲତା ଯୁବ ଶକ୍ତି ଓଡିଶାର ସଭାପତି ଉମେଶ ଚନ୍ଦ୍ର ପଧାନ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ କୁଲତା ଯୁବ ଶକ୍ତି ତରଫରୁ କଳା ଓ ସଂସ୍କୃତି ଉପରେ ବିଭିନ୍ନ କାର୍ଯ୍ୟକ୍ରମମାନ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ ।

# ସାମ୍ବାଦିକ ସ୍ୱର୍ଗତ ଗୋଲକ ସୁତାର ଥିଲେ ଜଣେ ନିଆରା ମଣିଷ ଓ ଦରଦୀ ହୃଦୟ ବନ୍ଧୁ



ମାହାଙ୍ଗା ୨୮/୦୭ ଗତକାଲି ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଂଚାୟତ ଅର୍ନ୍ତଗତ ସାହାନିୟାଜପୁର ଠାରେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଗୋଲକ ଚନ୍ଦ୍ର ସୁତାରଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବରେ ଏକ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା ସଭା ଗୋଲକ ସୁତାର ସ୍ମୃତିସଂସଦ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ସଂସଦର କାର୍ଯ୍ୟକାରୀ ସଭାପତି ତଥା ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରବାଚକ ତଥା ଶିକ୍ଷାବିତ୍ ପଣ୍ଡିତ ହୃଷିକେଶ ରଥ ଯୋଗଦେଇ ସ୍ୱର୍ଗତ ଗୋଲକ ଚନ୍ଦ୍ର ସୁତାର ଶିକ୍ଷକତାରୁ ସାମ୍ବାଦିକ ହୋଇଥିବା ସୂଚନା ଦେବା ସହ ସେ ଜଣେ ନିଆରା ମଣିଷ ଓ ଦରଦୀ ହୃଦୟର ବନ୍ଧୁ ଥିଲେ। ବର୍ତ୍ତମାନ ସବୁ ଅବକ୍ଷୟ ଘଟୁଛି,ଭଲ ମଣିଷ ପଣିଆ ହଜିହଜି ଗଲାଣି,ସାମ୍ବାଦିକତା କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେଲାଣି। ଯେଉଁ ବ୍ୟକ୍ତି ଭଲ କାମ କରେ ସେ ସେତିକି ଭଲ ମଣିଷ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଉମାକାନ୍ତ ପ୍ରଧାନ,ସମ୍ମାନୀତ ଅତିଥିଭାବେ ଡଃ. ଏକାଦଶୀ ପ୍ରଧାନ, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ,ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନ, ପୂର୍ବତନ ସରପଂଚ ବିବେକାନନ୍ଦ ପାଣି,ସଂସଦର ସଂପାଦକ ପ୍ରତାପ ଚନ୍ଦ୍ର ଶତପଥୀ,ସାମ୍ବାଦିକ ଶଶିଭୂଷଣ ଷଡ଼ଙ୍ଗୀ,ମନୋଜ ଆଚାର୍ଯ୍ୟ,ଧିରେନ୍ଦ୍ର ନାଥ ସୁତାର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସୁତାରଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିବା ସହ ବର୍ତ୍ତମାନ ସାମ୍ବାଦିକତା କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନ ଯୋଗୁ ସାମ୍ବାଦିକମାନେ ଆଉ ଆଗଭଳି ନିର୍ଭିକ ସମ୍ବାଦ ପରିବେଶଣ କରୁ ନଥିବା ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ଗୋଲକ ସୁତାରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବେତାର କଣ୍ଠଶିଳ୍ପୀ ଅଜୟ ଜେନା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲା ବେଳେ ସାହିତ୍ୟିକ ଗୌତମ ଚରଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସାମ୍ବାଦିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଅଭୟ କୁମାର ଜେନା,କରୁଣାକର କର,ଶଶିଭୂଷଣ ଷଡ଼ଙ୍ଗୀ,ଅକ୍ଷୟ କୁମାର ଦାଶଙ୍କୁ ଗୋଲକ ସୁତାର ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ବିବେକାନନ୍ଦ ଦାସ,ବିଜୟ ଜେନା,ପ୍ରକାଶ ନାୟକ,ତାପସରଂଜନ ବିଶ୍ୱାଳ,ଅଶୋକ ଦାଶ, ଅଶୋକ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହିଥିଲା ବେଳେ କବି ନରେନ୍ଦ୍ର ପରିଡା,ପ୍ରଫୁଲ୍ଲ କୁମାର ସିଂ, ରାମଚନ୍ଦ୍ର ସାହୁ,ରାଜକିଶୋର ମିଶ୍ର, କବୟିତ୍ରୀ ପ୍ରତିଭା ଦାସ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ବିପିନବିହାରୀ ସ୍ୱାଇଁ,ବିଜୟ କୁଅଁର, ବିକ୍ରମ ସୁତାର,ମାନସ ସୁତାର,ଦିପ୍ତୀରଂଜନ ସୁତାର,ସ୍ମୃତିରଂଜନ ସୁତାର ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ବହୁ ଲେଖକ,କବି ଯୋଗଦେଇଥିଲେ। ଶେଷରେ ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପର୍ଯ୍ୟଟକଙ୍କ ଦାବି, ମାଛକୁଣ୍ଡରେ ମିଳୁ ବ୍ରିଟିଶ ଅମଳର ଡ୍ରିଞ୍ଚ ସେବା

କୋରାପୁଟ,୨୮/୭ (ନିପ୍ର): ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଭାବେ ମାଛକୁଣ୍ଡ ଜଳପ୍ରପାତକୁ ଗଣାଯାଏ । ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଏହି ଜଳପ୍ରପାତକୁ ଦେଖିବା ପାଇଁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାର ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ମାଛକୁଣ୍ଡ ପାୱାର ହାଉସର ଉପରମୁଣ୍ଡରେ ଥିବା ଡ୍ରିଞ୍ଚ ହାଉସ ପର୍ଯ୍ୟଟକଙ୍କ ପାଇଁ ଏକ ଅନନ୍ୟ ଆକର୍ଷଣ ପାଲଟିଥାଏ । ପାୱାର ହାଉସରେ ଲାଗିଥିବା ଏହି ଡ୍ରିଞ୍ଚ ପାହାଡ଼ର ୭୯୩ ଫୁଟ ଯାଏ ଲମ୍ବିଛି । ୧୯୩୧ ମସିହା ଇଂରେଜମାନଙ୍କ ସମୟରେ ଏହି ପ୍ରକଳ୍ପଟି ଆରମ୍ଭ ହୋଇଥିଲା କ୍ଷ ଅନକାଡେଲିରୁ ପାୱାର ହାଉସକୁ ଆସିବା ପାଇଁ ୨୦ ଟନ କ୍ଷମତା ଧାରଣ କରିଥିବା ଏହି ଡ୍ରିଞ୍ଚ ଏକ ୮୦୦ ମିଟର ଲମ୍ବ ଲୁହାର ଶକ୍ତ ତାରରେ ବନ୍ଧା ହୋଇ ଏକ ରେଳ ଲାଇନ ଯୋଗେ ଯାତାୟାତ କରୁଛି । ପୂର୍ବରୁ ପର୍ଯ୍ୟଟକଙ୍କୁ ଏଥିରେ ବସିବାକୁ ଅନୁମତି ମିଳୁଥିବାବେଳେ, ସୁରକ୍ଷା ଦୃଷ୍ଟିରୁ ସେବା ବନ୍ଦ କରିଦିଆଇଛି। ବର୍ତ୍ତମାନ ଡ୍ରିଞ୍ଚକୁ ପାୱାର ହାଉସର କାର୍ଯ୍ୟରେ ବ୍ୟବହାର କରାଯାଉଛି କ୍ଷ କେବଳ ଏଠାକାର କର୍ମଚାରୀମାନେ ଏଥିରେ ଯିବା ଆସିବା କରୁଛନ୍ତି । ତେବେ ପର୍ଯ୍ୟଟକଙ୍କ ପାଇଁ ପୁନଃ ଏହି ଡ୍ରିଞ୍ଚ ସେବା ଆରମ୍ଭ ହେଲେ କୋରାପୁଟ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇପାରନ୍ତା ବୋଲି ପାୱାର ହାଉସ କର୍ମଚାରୀ କହିଛନ୍ତି।

## ନିଜ ହକ ପାଇଁ ରାସ୍ତା ମଝିରେ ଧାନ ରୁଇ ପ୍ରତିବାଦ କଲେ ଗ୍ରାମବାସୀ

ଗୋଲାମୁଣ୍ଡା-୨୮/୭ (ନିପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମ ଓ ସାହି କୁ ପିଚୁ ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଆସିଥାଏ କିନ୍ତୁ ନିର୍ବାଚିତ ପ୍ରତିନିଧି ଙ୍କ ଅପାରଗତା ଯୋଗୁଁ କେତେ ସ୍ଥାନରେ ମୌଳିକ ଅଧିକାର ରୁ ବଞ୍ଚିତ ହୋଇଥାନ୍ତି ଗ୍ରାମ ବାସି । ସେହିଭଳି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଟେମିରି ଗ୍ରାମପଞ୍ଚାୟତ ଟେମିରି ଗ୍ରାମ ର ପଟେଲ ପଡା ବାସି ରାସ୍ତା ରେ ଆଣ୍ଠୁରେ ପାଣି ଓ କାଦୁଅ ରାସ୍ତାରେ ଯିବାଆସିବା କରୁଥିବା ଦେଖିବାକୁ ମିଳିଛି । ରାସ୍ତା ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ପାଉନାହାନ୍ତି ।ଗତ ବର୍ଷ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ ଶ୍ରୀଯୁକ୍ତ ଦିବ୍ୟ ଶଙ୍କର ମିଶ୍ରଙ୍କୁ ମଧ ରାସ୍ତା କାଦୁଅ କୁ ଦେଖାଇ ଥିଲେ । ମାନ୍ୟବର ବିଧାୟକ ପ୍ରତିଶ୍ରୁତି ମଧ ଦେଇଥିଲେ । ଚଳିତ ବର୍ଷ ମଧ ବର୍ଷା ଋତୁରେ ସେହିଭଳି ପରିସ୍ଥିତି ର ସମ୍ମୁଖୀନ ହେଲେ ଗ୍ରାମବାସୀ । ଶେଷରେ ନିରାଶ ହୋଇ ଅଭିନବ ଭାବେ ପ୍ରତିବାଦ କରି କାଦୁଅ ରାସ୍ତାରେ ଧାନ ରୁଆ କରି ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସମ୍ପର୍କରେ ଟେମରି ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ଲକ୍ଷ୍ମୀ ସା ଙ୍କ ପ୍ରତିନିଧି କୁମୁଦ ସା ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଳ୍ପ ଦିନ ମଧ୍ୟରେ ଏହାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ ।ଦେଖିବାର ବାକି ରହିଲା ଆଉ କେତେଦିନ ପଟେଲ ପଡା ବାସି ପାଣି କାଦୁଅରେ ଯିବାଆସିବା କରିବେଲି ବିଭିନ୍ନ ମହଲରେ ଚର୍ଚ୍ଚା ର ବିଷୟ ହୋଇଛି .

## ଅରୁଣୋଦୟ କଲେଜର ସଫଳତା

ଆଜି ଚଳିତ ବର୍ଷ ବିଜ୍ଞାନ ପରୀକ୍ଷାର ଫଳ ପ୍ରକାଶିତ ହୋଇଅଛି। ଯେଉଁଥିରେ କି ଅରୁଣୋଦୟ କଲେଜ ଏକ ଐତିହାସିକ ସଫଳତା ହାସଲ କରିଛି। ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଜ୍ୟୋତିସ୍ମିତା ବେହେରା(୫୫୬), ଦ୍ୱିତୀୟ ସ୍ଥାନରେ ଅଭିଷେକ ମହାନ୍ତ(୫୨୫) ତୃତୀୟ ସ୍ଥାନରେ ଓମପ୍ରକାଶ ବେହେରା(୫୧୯) ନମ୍ବର ରଖି ଉର୍ତ୍ତିର୍ଣ୍ଣ ହୋଇଛନ୍ତି ଏବଂ କଲେଜ କଟିଂରେ ଥିବା ପ୍ରତ୍ୟାସା ବାରିକ(୫୬୨) କଳ୍ପନା ମହାନ୍ତ (୫୫୯) ବବିତା ବେହେରା (୫୫୭) ଏବଂ ଅଭିଷେକ ଜେନା (୫୪୯) ନମ୍ବର ରଖିଛନ୍ତି। ମୋଟ ୧୦୪ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୬ଜଣ ପ୍ରଥମ ଶ୍ରେଣୀରେ ଏବଂ ୮ ଜଣ ଦ୍ୱିତୀୟ ଶ୍ରେଣୀରେ ଉର୍ତ୍ତିର୍ଣ୍ଣ ହୋଇ ମହାବିଦ୍ୟାଳୟର ୧୦୦% ଫଳରଖି ସାରା ମୟୂରଭଞ୍ଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

## ବିଶିଷ୍ଟ ସେବାୟତ ରାଜକିଶୋରଙ୍କ ପରଲୋକ

୩୪ନମ୍ବର ୱାର୍ଡ ଅନ୍ତର୍ଗତ ମଙ୍ଗଳାବାଗ ନୂଆପାଟଣାର ବିଶିଷ୍ଟ ମୂରବୀ ତଥା ଅଧିକାରୀ ୮୩ବର୍ଷୀୟ ଶ୍ରୀ ରାଜକିଶୋର ସାହୁଙ୍କର ଗତ ୨୭ତାରିଖ ରାତ୍ର ୧୨ଘଟିକା ସମୟରେ ପରଲୋକ ହୋଇଅଛି। ବିଗତ ୫୦ବର୍ଷ ଧରି ଗ୍ରାମର ଆରାଧ ଦେବତା ଶ୍ରୀ ରାଧାମୋହନ ଠାକୁରଙ୍କ ସେବା କାର୍ଯ୍ୟରେ ନିୟୋଜିତ ହେବା ସଙ୍ଗେ ସଙ୍ଗେ ସଂକୀର୍ତନ ମଣ୍ଡଳିର ସୁପରିଚାଳନା କରି ସମସ୍ତଙ୍କର ଆସ୍ଥାଭାଜନ ହୋଇପାରିଥିଲେ। କଟକ ସଂକୀର୍ତନ ମଣ୍ଡଳି ଓ ବୟୋଜେଷ୍ଠ ନାଗରୀକ ମଂଚର କର୍ମକର୍ତ୍ତା, ପଡ଼ୋସି ସାହି ବସ୍ତିର କର୍ମକର୍ତ୍ତା, କର୍ପୋରେଟର, ପୂର୍ବତନ ପର୍ପୋରେଟର ମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତଥା ଆତ୍ମୀୟ ସ୍ୱଜନ ଶେଷ ଦର୍ଶନ ନିମନ୍ତେ ତାଙ୍କ ବାସଭବନକୁ ଯାଇ ପୁଷ୍ପମାଲ୍ୟ ଅର୍ପଣ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନ ଜଣାଇଥିଲେ । ସମଗ୍ର ବସ୍ତିର ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ବନ୍ଦ କରି କର୍ମଚାରୀ ମାନଙ୍କ ସମେତ ସଂକୀର୍ତ୍ତନ ମଣ୍ଡଳିର ଏକ ବିରାଟ ପଟୁଆରରେ ତାଙ୍କୁ କାଳିଆବୁଦା ଶ୍ମଶାନକୁ ନିଆଯାଇଥିଲା । ବିଜୟ କୁମାର ସାହୁ, ବାନାମ୍ବର ସାହୁ, ଶ୍ରୀଧର ସାହୁ, ମହେନ୍ଦ୍ର ସାହୁ, ମନୋଜ କୁମାର ସାହୁ, ପ୍ରମିଳା ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଜୈଷ୍ଠ ପୁତ୍ର ପ୍ରଦିପ କୁମାର ସାହୁ ମୁଖାଗ୍ନୀ ପ୍ରଦାନ କରିଥିଲେ।

## କେନ୍ଦ୍ରାପଡା ଜୁନିଅର କଲେଜ ବାଣିଜ୍ୟ ବିଭାଗର ସଫଳତା

କେନ୍ଦ୍ରାପଡ଼ା,୨୮।୭: ଚଳିତ +୨ ବାଣିଜ୍ୟ ପରୀକ୍ଷାରେ କେନ୍ଦ୍ରାପଡା ଜୁନିଅର କଲେଜ ବିଶେଷ ସଫଳତା ଅର୍ଜନ କରିଛି। ବାଣିଜ୍ୟ ବିଭାଗର ୨୨୧ଜଣ ଛାତ୍ରଛାତ୍ରୀ +୨ ବାଣିଜ୍ୟ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୯୨ଜଣ, ଦ୍ୱିତୀୟ ଶ୍ରେଣୀରେ ୧୭ଜଣ ଓ ତୃତୀୟ ଶ୍ରେଣୀରେ ୯ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ୩ଜଣ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇଛନ୍ତି। ପ୍ରାୟତଃ ୧୮ଜଣ ଛାତ୍ରଛାତ୍ରୀ ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ବିଭାଗକୁ ଗୌରବାନ୍ୱିତ କରିବା ସହ ସାରା ରାଜ୍ୟରେ ଇତିହାସ ସୃଷ୍ଟି କରିଛନ୍ତି। ବାଣିଜ୍ୟ ବିଭାଗର ଛାତ୍ର ଶୁଭ୍ରଜିତ ସିଂ ୫୬୬ନମ୍ବର ରଖି ମହାବିଦ୍ୟାଳୟ ତଥା ସାରା ଜିଲ୍ଲାରେ ଟପ୍ପର ହୋଇ ଶ୍ରେଷ୍ଠ ଛାତ୍ର ଭାବେ କୃତିତ୍ୱ ହାସଲ କରିଛନ୍ତି। ରାଜ୍ୟର ଟପ୍ ୨୦ ତାଲିକାରେ ମଧ ବିଭାଗର ୪/୫ଜଣ ସ୍ଥାନ ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡଃ. ଜ୍ଞାନରଞ୍ଜନ ଦାସ, ଅଧ୍ୟାପିକା ୱାଇ. ପଦ୍ମାବତୀ, ଅଧ୍ୟାପିକା ରଞ୍ଜିତା ଗଡସାରା, ଅଧ୍ୟାପକ ଡଃ. ସୁରେଶ ଚନ୍ଦ୍ର ଦାସ, ଅଧ୍ୟାପିକା ଆର୍ଯ୍ୟାସ୍ମିତା କର, ଅଧ୍ୟାପକ ବିକାଶ କୁମାର ନାୟକ, ଅଧ୍ୟାପକ ମନୋଜ ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ୩୦ଦିନ ମଧ୍ୟରେ ପେନସନ ଓ ଭବିଷ୍ୟନିଧି ମଞ୍ଜୁରୀ ଆଦେଶ ପତ୍ର ମିଳିବ : ପ୍ରଧାନ ମହାଲେଖାକାର

ଭୁବନେଶ୍ୱର ତା ୨୮/୭ ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ ) ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ପେନସନ ଓ ଭବିଷ୍ୟନିଧି ଅଦାଲତ ଏ. ଜି ସମ୍ମିଳନୀ କକ୍ଷ ଠାରେ ଆଜି ଆୟୋଜିତ ହୋଇଯାଇଅଛି କ୍ଷ ବରିଷ୍ଠ ଉପ -ମହାଲେଖାକାର ଶ୍ରୀରାଜ ଅଶୋକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଦାଲତରେ ପ୍ରଧାନ ମହାଲେଖାକାର ଶ୍ରୀ ଅନନ୍ତ କିଶୋର ବେହେରା ଯୋଗଦେଇ ଏ. ଜି କାର୍ଯ୍ୟାଳୟରେ ପେନସନ ଓ ଭବିଷ୍ୟନିଧି କାଗଜପତ୍ର ପହଞ୍ଚିବାର ୩୦ ଦିନ ମଧ୍ୟରେ ପେନସନ ମଞ୍ଜୁରୀପତ୍ର ତତ୍କାଳ ପେନସନରମାନଙ୍କ ନିକଟକୁ ପଠାଇବାକୁ ନିର୍ଦ୍ଦେଶ ଦିଆ ଯାଇଅଛି ବୋଲି ପ୍ରକାଶ କରିଥିଲେ କ୍ଷ ବହୁ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ କାଗଜ ଜିଲ୍ଲା ସ୍ତରରେ ଥିବା ପେନସନ ମଂଜୁରକର୍ତ୍ତା ମାନଙ୍କ ନିକଟରେ ପଡି ରହିବା ଯୋଗୁଁ ପେନସନ ମଂଜୁର ବିଳମ୍ବିତ ହେଉଥିବାରୁ ଆସନ୍ତା ମାସରୁ ଜିଲ୍ଲାସ୍ତରୀୟ ପେନସନ ଅଦାଲତମାନ ଆୟୋଜନ କରାଯିବା ସହ ସେହିଠାରେ ସେମାନଙ୍କର ମଞ୍ଜୁରୀପତ୍ର ପ୍ରଦାନ କରାଯିବ କ୍ଷ ଏହା ପୂର୍ବରୁ ପରୀକ୍ଷା ମୂଳକଭାବେ ମୟୁରଭଞ୍ଜ ଓ ବଲାଙ୍ଗୀର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଅଦାଲତରେ ବହୁତ ପେନସନ ଅଭିଯୋଗ ଶୁଣାଣି କରାଯାଇ ସେହିଠାରେ ପେନସନ ମଂଜୁର କରାଯାଇଥିଲା କ୍ଷ ଉଭୟ ଜିଲ୍ଲାର ଜିଲ୍ଲା ପ୍ରଶାସନର ସକ୍ରିୟ ସହଯୋଗ ଯୋଗୁଁ ବହୁ ପେନସନର ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ପାଇ ପାରିଥିଲେ କ୍ଷ ଏଥି ପାଇଁ ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗ, ଜିଲ୍ଲାସ୍ତରୀୟ ପେନସନ ମଞ୍ଜୁରକର୍ତ୍ତା ଓ ପେନସନରମାନଙ୍କ ସକ୍ରିୟ ସହଯୋଗ ରହିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ କ୍ଷ ପେନସନ କାଗଜ ପତ୍ର ଅବସରର ୬ ମାସ ପୂର୍ବରୁ ଏ. ଜି କାର୍ଯ୍ୟାଳୟକୁ ପଠାଇବାକୁ ନିୟମଥିଲେ ମଧ ଏହି ସମୟ ମଧ୍ୟରେ କେହି ପଠାଉ ନାହାନ୍ତି ଯାହା ଫଳରେ ସରକାରୀଙ୍କ ଅବସର ପୂର୍ବରୁ ସେମାନେ ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ଅବସର ପୂର୍ବରୁ ପାଇ ପାରୁନାହାନ୍ତି କ୍ଷ ଏହି ଅଦାଲତରେ ଉପ -ମହାଲେଖାକାର (ପ୍ରଶାସନ ) କିଶୋର ରେଡ୍ଡୀ ପୋଲୁ,ପ୍ରଧାନ ମହାଲେଖାକାରଙ୍କ ସଚିବ ସୁଚିତ୍ରା ଭଟ୍ଟ, ବରିଷ୍ଠ ଲେଖା ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ଚାର ଓରାମ, ଅକ୍ଷୟ ମହାନ୍ତି, ପ୍ରଦୀପ ସେଠୀ ଗୌର ଚନ୍ଦ୍ର ସାହୁ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ କ୍ଷ ଏହି ଅଦାଲତରେ ୮୫ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ଆବେଦନ ଉପରେ ଶୁଣାଣି କରାଯାଇ ପେନସନ ଓ ଭବିଷ୍ୟନିଧି ମଞ୍ଜୁରୀପତ୍ର ପଠାଇବାକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଧାନ ମହାଲେଖାକାର ନିର୍ଦ୍ଦେଶ ଦେଇଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପୁରୁଷୋତ୍ତମ ବଳ, ସହକାରୀ ଲେଖା ଅଧିକାରୀ କଲ୍ୟାଣ କୁମାର ପଣ୍ଡା, ଶରତ ନାୟକ, ବିଜୟ କୁମାର ନାୟକ, ଚନ୍ଦ୍ର ଶେଖର ବେହେରା ଓ ବବିତା ସେଠୀ ସଂଯୋଜନା କରିଥିଲେ।

# ଓଡିଶା ରାଜ୍ୟ ସ୍ୱଚ୍ଛ ଭାରତ ଅଭିଯାନ ନାମରେ ଅର୍ଥ ଆଦାୟକୁ ନେଇ ବଢୁଛି ଅସନ୍ତୋଷ




ମାହାଙ୍ଗା ୨୮/୦୭ ଗତ କିଛିଦିନ ହେଲା ମାହାଙ୍ଗା ବ୍ଲକର ବିଭିନ୍ନ ପଂଚାୟତରେ ଓଡ଼ିଶାରାଜ୍ୟ ସ୍ୱଚ୍ଛଭାରତ ଅଭିଯାନ ନାମରେ ଘରକୁ ଘର ବୁଲି ସଚେତନା ଫଳକ ଦେଇ ୩୦ଟଙ୍କା ନେଇ ଏକ ରସିଦ୍ ଦିଆଯାଉଥିବା ଦେଖିବାକୁ ମିଳିଛି। ଏହି ପ୍ରଚାରପତ୍ରରେ ଓଡ଼ିଶାରାଜ୍ୟ ସ୍ୱଚ୍ଛଭାରତ ଅଭିଯାନ, ଝିଅବୋହୂଙ୍କ ସମ୍ମାନ ରଖ, ଘରେ ଘରେ ସୌଚାଳୟ କରିନିଅ, ଏଡସ୍ ହଟାନ୍ତି, ଓଡ଼ିଶା ବଞ୍ଚାନ୍ତୁ ଆଦି ବାର୍ତ୍ତା ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମ କରୁଥିବା ବ୍ୟକ୍ତିଙ୍କୁ ପଚାରିବାରୁ ସେ କହିଲେ ଉପରୁ ଆମକୁ ନିର୍ଦ୍ଦେଶ ରହିଛି। ଏ ସଂପର୍କରେ ସେ ମାହାଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପତ୍ରସଂଖ୍ୟା ୨୩୭୨ ତା୨୬.୦୪.୨୦୨୨ରିଖ ଶିଶୁ ଅଧିକାରୀ ମାହାଙ୍ଗାଙ୍କ ପତ୍ରସଂଖ୍ୟା ୩୬୦ ତା ୧୭.୦୫.୨୦୨୨ରିଖର ଆଦେଶ ରହିଥିବା ଚିଠି ଦେଖାଇଥିଲେ। ଘର ନମ୍ବର ପ୍ଲେଟ ଲାଗାଇବା ପାଇଁ ଯାଇଥିବା କର୍ମଚାରୀ ପ୍ରତି ପ୍ଲେଟ ପିଛା ୩୦ଟଙ୍କା ଆଦାୟ କରିବା ଉକ୍ତ ସୂଚନାରେ ଉଲ୍ଲେଖ ରହିଛି। ଏହି ଘରସଂଖ୍ୟା ସାହାଯ୍ୟରେ ଭୋଟର ତାଲିକା ସୁଧାରକରିବା ପାଇଁ ଏବଂ ଘର ଗଣନା କରିବା ପାଇଁ ଯଥା-ରାସନ କାର୍ଡ ବନାଇବା,ବିପିଏଲ କାର୍ଡ ବନାଇବା ପାଇଁ ଯଥା ଚିଠି ବାଣ୍ଟିବା ପାଇଁ ଓ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ଯାଥା ଅନୁଦାନ ମିଳିବା ପାଇଁ ସୁବିଧା ହେବ। ଯେଉଁ ଘର ମାଲିକମାନେ ଘର ସଂଖ୍ୟା ପ୍ଲେଟ ଲଗାଇବା ପାଇଁ ବଞ୍ଚିତ ହେବେ ତାଙ୍କର ଦାୟିତ୍ୱ ୱାର୍ଡମେମ୍ବର ଓ ଅଙ୍ଗନୱାଡ଼ୀ ସେବିକା ନେଇପାରିବେ ନାହିଁ ତାହା ସହିତ ଝିଅ ବଞ୍ଚାନ୍ତୁ,ଝିଅ ବଢ଼ାନ୍ତୁ,ଭ୍ରୁଣ ହତ୍ୟା ଓ ସ୍ୱଚ୍ଛ ଭାରତ ଅଭିଯାନ ଲେଖିଲେ ବ୍ୟାପକ ପ୍ରଚାର ଓ ପ୍ରସାର ରହିବ ବୋଲି ଉଲ୍ଲେଖ ରହିଛି। ଏଠାରେ ପ୍ରଶ୍ନ ଉଠିଛି କେନ୍ଦ୍ରସରକାର ପ୍ରତି ୧୦ବର୍ଷରେ ଥରେ ଜନଗଣନା କରନ୍ତି। କୋଭିଡ ଯୋଗୁ ଜନଗଣନା କାର୍ଯ୍ୟ ୨୦୨୧ ମସିହାରେ ହୋଇପାରି ନଥିଲା। ଜନଗଣନା କାର୍ଯ୍ୟରେ ଶିକ୍ଷକମାନେ ନିୟୋଜିତ ହୁଅନ୍ତି। ବର୍ତ୍ତମାନ ମାହାଙ୍ଗାର ଘର ନମ୍ବର ପ୍ଲେଟ ବଣ୍ଟାଯାଇଛି, ଏଥିପାଇଁ ୩୦ଟଙ୍କା ଆଦାୟ ହେଉଛି। ଗୋଟିଏ ପରିବାରରୁ ଏକାଧିକ ସଦସ୍ୟଙ୍କୁ ଘର ନମ୍ବର ପ୍ଲେଟ ଦିଆଯାଉଛି, ତାହା କାହା ନିର୍ଦ୍ଦେଶରେ ରହିଛି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗଣମାଧ୍ୟମରେ ଆବଶ୍ୟକୀୟ ସୂଚନା ଦେଇଛନ୍ତି କି? ଏ ସଂପର୍କରେ ମାହାଙ୍ଗା ବିଡିଓଙ୍କୁ ଫୋନ କରିବାରୁ ସେ ସୂଚନା ଦେଇଥିଲେ ଯେ ଜିଲ୍ଲା ଡିସିପିୟୁଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ରହିଛି। ଏଣୁ ଯଦି ସରକାରୀ କାର୍ଯ୍ୟକ୍ରମ ଚାଲିଛି ତେବେ ଗରିବ ଲୋକଙ୍କ ଠାରୁ ଘର ନମ୍ବର ନାମରେ ଅର୍ଥ ଆଦାୟ କରିବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି। ଏଣୁ ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ଜୀ ସାର୍ଥକରେ ଖୁବ୍ ଶୀଘ୍ର ଆସୁଛି ସା ରେ ଗା ମା ପା ସ୍ୱର ମହାମଂଚ

ଖୋର୍ଦ୍ଧା୨୮/୦୭-ଜୀ ସାର୍ଥକରେ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଓଡ଼ିଶାର ସବୁଠାରୁ ବଡ଼ ସିଂଗିଙ୍ଗ ରିୟାଲିଟି ସୋ ସା ରେ ଗା ମା ପା ସ୍ୱରର ମହା ମଂଚ ଯେଉଁ ସୋରୁ ସଫଳତା ପାଇ ଆଜି ଓଡ଼ିଆ ସଙ୍ଗୀତ ଦୁନିଆରେ ଅନେକ ରାଜ କରୁଛନ୍ତି। ସେହି ମେଗା ସୋ ପୁଣି ଥରେ ଦର୍ଶକଙ୍କ ପାଖକୁ ଫେରୁଛି। ଜୀ ସାର୍ଥକ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି। ସ୍ୱର ଓ ସଙ୍ଗୀତକୁ ଭଲ ପାଉଥିବା ଏବଂ ଏଥିରେ କ୍ୟାରିୟର ଗଢିବାକୁ ଚାହୁଁଥିବା କଳାକାର ମାନଙ୍କ ପାଇଁ ଏହି ସୋ ଏକ ବଡ଼ ପ୍ଲାଟ ଫର୍ମ। ଗତ ସିଜିନ୍ ତୁଳନାରେ ଚଳିତ ଥର ସା ରେ ଗା ମା ପା ସ୍ୱରର ମହା ମଂଚ ଓଡ଼ିଶାରେ ଚହଳ ପକାଇବା ଆରମ୍ଭ କରିଛି। ଏହି ମେଗା ସୋ ପାଇଁ ଅଡ଼ିସନ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ଓ ବାଲେଶ୍ୱର ନିକଟରେ ଅଡ଼ିସନ୍ ଶେଷ ହୋଇଥିବାବେଳେ ବୁଧବାର କେନ୍ଦୁଝରରେ ବି ଅଡ଼ିସନ ହୋଇଛି। ଶହ ଶହ ସଂଖ୍ୟାରେ ପ୍ରତିଯୋଗୀମାନେ ଅଡ଼ିସନ ରେ ଭାଗ ନେଉଛନ୍ତି। ଆସନ୍ତା ୨୩ ଜୁଲାଇରେ ବଲାଙ୍ଗିର ୨୪ରେ ରାଉରକେଲା, ୨୭ରେ ଯାଜପୁର ଟାଉନ ଅଗଷ୍ଟ ୨ରେ ବ୍ରହ୍ମପୁର ଓ ଅଗଷ୍ଟ ୭ରେ କଟରେ ଅଡ଼ିସନ ହେବାରେ କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଜୀ ସାର୍ଥକ ଚ୍ୟାନେଲ କିମ୍ବା ଚ୍ୟାନେଲର ସୋସିଆଲ ମିଡ଼ିଆ ପେଜ୍ ସହ ଯୋଡ଼ି ହୋଇ ରହିବାକୁ ଚ୍ୟାନେଲ ପକ୍ଷରୁ କୁହାଯାଇଛି। ସା ରେ ଗା ମା ପା ହେଉଛି ଓଡ଼ିଆ ଟିଭି ଦୁନିଆରେ ସବୁ ଠାରୁ ବଡ଼ ମ୍ୟୁଜିକ୍ ରିୟାଲିଟି ସୋ। ଏହି ସୋ ମାଧ୍ୟମରେ ଓଡ଼ିଶାର କୋଣ ଅନୁକୋଣରୁ କଳାକାର ମାନେ ଢେର ସୁଯୋଗ ପାଇଥାନ୍ତି ଏମିତିକି ଏହି ରିୟଲିଟି ସୋରୁ ଅନେକ ନାମି କଣ୍ଠ ଶିଳ୍ପୀ ଏବେ ଓଡ଼ିଶା ସଙ୍ଗୀତ ଦୁନିଆରେ ପ୍ରତିଷ୍ଠିତ ହୋଇଛନ୍ତି। ସେମାନଙ୍କ ଭଳି ନୂଆ ପିଢିର କଣ୍ଠ ଶିଳ୍ପୀମାନେ ଏହି ବଡ଼ ପ୍ଲାଟ ଫର୍ମରେ ନିଜକୁ ପ୍ରମାଣିତ କରିପାରିବେ। ସା ରେ ଗା ମା ପା ସ୍ୱରର ମହାମଂଚ ଏଥର ଜଜ୍ ଭାବେ ରହିବେ ଯୁବ ଗୋଷ୍ଠୀଙ୍କ ପ୍ରଥମ ପସନ୍ଦ କଣ୍ଠ ଶିଳ୍ପୀ ସ୍ୱୟମ୍ ପାଢୀ, କୁଳଦିପ୍ ପଟନାୟକ, ଦୀପ୍ତିରେଖା ପାଢୀ, ଅଣିମା ପଣ୍ଡା ଓଡ଼ିଶାର ଏହି ନାମୀ ଦାମୀ କଣ୍ଠ ଶିଳ୍ପୀମାନେ ନୂଆ ପ୍ରତିଭା ମାନଙ୍କୁ ବିଚାରକ ଭାବେ ରହି ଚୟନ କରିବେ। ସେହିଭଳି ମହାଗୁରୁ ଭାବେ ବରିଷ୍ଠ ତଥା ପ୍ରତିଷ୍ଠିତ କଣ୍ଠ ଶିଳ୍ପୀ ଇରା ମହାନ୍ତିଙ୍କୁ ଦେଖିବାକୁ ମିଳିବ। ମହାଗୁରୁ ଭାବେ ଇରା ପ୍ରଥମ ଥର ପାଇଁ ମ୍ୟୁଜିକ୍ ରିୟାଲିଟି ସୋରେ ରହିବେ। ୧୦ବର୍ଷ ଧରି ଓଡ଼ିଆ ସଙ୍ଗୀତ ଦୁନିଆରେ ରାଜ କରିଛନ୍ତି ଇରା ମହାନ୍ତି। ଅନେକ ଭାବ ପୂର୍ଣ୍ଣ ଭଜନ ସହ ସୁପରହିଟ୍ ଆଲବମ୍ ଓ ବମ୍ପର ହିଟ୍ ସିନେମା ଗୀତରେ ସେ କଣ୍ଠ ଦାନ କରିଛନ୍ତି। ଏଥର ଆହୁରି ବଡ଼ ଧରଣର ହେବାକୁ ଯାଉଛି ସା ରେ ଗା ମା ପା ସ୍ୱରର ମହା ମଂଚ।

## ସଡ଼କ ଦୁର୍ଘଟଣାରେ ଆଇ -୨୦ ଚୂରମାର୍, ୨ ଆହତ

ପିପିଲି, ୨୮ /୭ (ନି.ପ୍ର): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ- ୩୧୬ ରେ ଏକ ସଡ଼କ ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ଆହତ ହୋଇଥିବା ବେଳେ ଆଇ -୨୦ କାର୍ ଚୂର୍‌ମାର ହୋଇଥିବା ଜାଣିବାକୁ ମିଳିଛି। ସୂଚନା ଅନୁଯାୟୀ ପୁରୀ ଅଭିମୁଖେ ଏକ ଟ୍ରକ ଯାଉଥିବା ବେଳେ ସେହି ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଆଇ- ୨୦ କାର ଏକ



ଟ୍ରକର ପଛ ପଟେ ଧକ୍କା ହୋଇଥିଲା। ଘଟଣାସ୍ଥଳରୁ ଟ୍ରକ ଚମ୍ପଟ ମାରିଥିବା ବେଳେ କାର୍‌ରେ ଥିବା ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ମଙ୍ଗଳପୁର ଡାକ୍ତରଖାନାକୁ ପଠାଇଥିଲେ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଆହତମାନଙ୍କ ପରିଚୟ ମିଳିନାହିଁ।

## ରନ୍ଧନ ଗ୍ୟାସ ଦରବୃଦ୍ଧି ନେଇ ବିକ୍ଷୋଭ

ପୁରୀ, ୨୮ /୭ (ନି.ପ୍ର): ଦିନକୁ ଦିନ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ହେବାର ଲାଗିଛି। କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟ ଦରଦାମ୍ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି । ଏଭଳି ଦରଦାମ୍ ବୃଦ୍ଧି ସାଧାରଣ ଜନତାଙ୍କୁ ଅସହାୟ କରିଦେଇଛି । କିନ୍ତୁ ସରକାର ଏଥିପ୍ରତି ଚିନ୍ତିତ ନାହାନ୍ତି । କେବଳ ମିଛ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଆଜି ପର୍ଯ୍ୟନ୍ତ ଏକ ପ୍ରକାର




ଲୁଟିବାରେ ବ୍ୟସ୍ତ ଅଛନ୍ତି । ଏଭଳି ଅଭିଯୋଗ ନେଇ ପୁରୀରେ ଆମ ଆଦମୀ ପାର୍ଟି ପକ୍ଷରୁ ବିକ୍ଷୋଭ କରଯାଇଛି । କେନ୍ଦ୍ର ବିଜେପି ସରକାର ଦରଦାମ୍ ନିୟନ୍ତ୍ରଣରେ ବିଫଳ ହୋଇ ଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ଟିକସ ଲାଗୁ କରି ଦେଶର ଗରିବ, ମଧ୍ୟବିତ୍ତଙ୍କ ଜୀବନଜୀବିକା ବିପନ୍ନ ହେବା ପ୍ରତିବାଦରେ ଆପ୍ ପକ୍ଷରୁ ଏହି ବିକ୍ଷୋଭ କରଯାଇଛି। କେନ୍ଦ୍ରସରକାର ଅତି ଆବଶ୍ୟକ ଖାଦ୍ୟ ପଦାର୍ଥ ଉପରେ ଜିଏସ୍‌ଟି ଲଗେଇ ଲୋକଙ୍କୁ ମହଙ୍ଗା ବୋଝ ଲଦି ଦେଇଛନ୍ତି । ତେଣୁ ରନ୍ଧନ ଗ୍ୟାସ ଦର ବୃଦ୍ଧି ଏବଂ ଚୁଡା, ମୁଢ଼ି , ଗୁଡ଼ ଭଳି ଅତ୍ୟାବଶ୍ୟକ ଖାଦ୍ୟ ପଦାର୍ଥ ଉପରେ ଜିଏସ୍‌ଟି ଲାଗୁକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଆପ୍ ପକ୍ଷରୁ ଦାବି କରାଯାଇଛି।

# ଛଣଘର- ଭୀମବଜାର କେନାଲ ରାସ୍ତା

## ଠିକାଦାର ନିଷ୍କ୍ରିୟ, ବିଭାଗର ଅଧିକାରୀଙ୍କୁ ଭେଟିବେ ଅଞ୍ଚଳବାସୀ

ପିପିଲି ୨୮ /୭ (ନି.ପ୍ର): ରାସ୍ତା ନିର୍ମାଣ ନକରିବା ଆଳ ଦେଖାଇ ରାଜନୀତି ହେଉଥିବା କହି ରାସ୍ତାର ଲକ୍ଷ ଲକ୍ଷ ଟଙ୍କା ବିଲ୍ ପାସ୍ କରିନେବାକୁ ବସିଛି ଠିକାଦାର। ଖାଲି ସେତିକି ନୁହେଁ ସ୍ଥାନୀୟ ଲୋକେ ରାସ୍ତା ନିର୍ମାଣ ସମ୍ପର୍କରେ ପଚାରିବାରେ ଠିକାଦାର ଦେଉଛନ୍ତି ଧମକ। ରାଜନୀତି ଚାଲିଛି । କାର୍ଯ୍ୟ କିଏ କରିବ ବାହାନା କରି ବିଲ୍ ଉଠାଇ ନେବାକୁ ବାଟ ଖୋଜୁଛି । ଏପରି ଆଲୋଚନା ଜୋରସୋରରେ ସାଧାରଣରେ ଚାଲୁଛି।

ଅନ୍ୟ ପକ୍ଷରେ ଏହି ରାସ୍ତା ନିର୍ମାଣ ନହେବା ନେଇ ସ୍ଥାନୀୟ ଗ୍ରାମବାସୀ ପୁରୀ ଜିଲ୍ଲା ଜଳସମ୍ପଦ ବିଭାଗ ଅଧିକାରୀ (ଏସି) ଙ୍କୁ ଠିକାଦାରଙ୍କ ବିରୁଦ୍ଧରେ ସାକ୍ଷାତ କରିବେ ବୋଲି ସୂଚନା ମିଳିଛି। ଦୀର୍ଘ ୨୫ ବର୍ଷ ଧରି ମରଣଯନ୍ତା ପାଲଟିଛି କେନାଲ ରାସ୍ତା। ଏହି ରାସ୍ତା ଉପରେ ଦୁଇ ତିନୋଟି ଗ୍ରାମ ପଞ୍ଚାୟତର ୩୫ ଗ୍ରାମର ପ୍ରାୟ ୨୦ ହଜାର ଲୋକ। ଛାତ୍ରଛାତ୍ରୀ ବିଭିନ୍ନ ଯାନବାହନ ସହିତ ଆମ୍ବୁଲାନ୍ସ ନିର୍ଭର କରୁଥିବାବେଳେ ରାସ୍ତା ନବୀକରଣ ପାଇଁ ଜନସାଧାରଣ, ଗ୍ରାମ ୱାର୍ଡ ମେମ୍ବର ଠାରୁ ଧରି ବିଧାୟକ ଓ ଜଳସମ୍ପଦ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଯାହାକି ଏହି ରାସ୍ତା ପାଇଁ



କାହାର ନଜର ପଡୁ ନଥିବା ବେଳେ ୨୦୨୧ ମସିହାରେ ସାକ୍ଷୀଗୋପାଳ ଜଳସମ୍ପଦ ବିଭାଗର ସେ ବେଳର ଏସଡିଓ ଅଚାନକ ଗସ୍ତରେ ଆସିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ରାସ୍ତା ପୁନରୁଦ୍ଧାର ପାଇଁ କହିଥିଲେ। ଯାହାକି ଏସଡିଓ ଗୁରୁତର ସହ ଏହି ରାସ୍ତା ନିର୍ମାଣ କରିବା ଉଦ୍ଦେଶ୍ୟରେ ଏକ ଟେଣ୍ଡର ପାଇଁ ପ୍ରସ୍ତାବ ଦେଇଥିଲେ। ବିଭାଗର ଉଚ୍ଚ ପଦାଧିକାରୀ ଗ୍ରହଣ କରି ଟେଣ୍ଡର ଡ଼ାକିଥିବା ବେଳେ ଏହି ରାସ୍ତାକୁ ଜଣେ ପେଟି ଠିକାଦାର ୧୫ ଲକ୍ଷ ଟଙ୍କାର କାର୍ଯ୍ୟ ପାଇଛନ୍ତି। କାର୍ଯ୍ୟ କରିବା ଆଳରେ ପେଟି ଠିକାଦାର ଅଧା ରାସ୍ତାର କିଛି ଅଂଶ ମାଟି ଗଦା କରିଥିବାରୁ ଖରାଦିନେ ପ୍ରାୟ ୧୫ ଲୋକ ପଡି ଆହତ ହୋଇଥିବା କୁହାଯାଇଛି । ଏବେ ବର୍ଷା ହେବାରୁ ମାଟି ରାସ୍ତାରେ ଖୋଳି ଯିବାରୁ ୩୦ ଲୋକ ଗୁରୁତର ଆହତ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଏହି ରାସ୍ତା ନିର୍ମାଣ ଆଳରେ ଠିକାଦାର ମୁଣ୍ଡ ନେବାକୁ ବସିଥିବା ଚର୍ଚ୍ଚା ହେଉଛି। ତେଣୁ ଏ ଦିଗରେ ଜିଲ୍ଲା ଜଳସମ୍ପଦ ଅଧିକାରୀ ଓ ସର୍ବୋଚ୍ଚ ଯନ୍ତ୍ରୀ ନଜର ଦେବା ସହିତ ସଂପୃକ୍ତ ଠିକାଦାର ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଜଳଶକ୍ତି କେନ୍ଦ୍ର ଉଦ୍‌ଘାଟିତ

ଢେଙ୍କାନାଳ, ୨୭ ।୭: ଜିଲ୍ଲାରେ ଥିବା ବିଭିନ୍ନ ଜଳାଶୟ ଗୁଡିକର ଉନ୍ନତିକରଣ, ପୁନରୁଦ୍ଧାର ଓ ନୂତନ ଜଳାଶୟ ଚିହ୍ନଟ ନିମନ୍ତେ ଆଜି କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ପରିସର ମଧ୍ୟରେ ଜନସାଧାରଣଙ୍କ ପାଇଁ ଏକ ଜଳଶକ୍ତି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ସରୋଜ କୁମାର ସେଠୀ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ବର୍ଷା ଜଳ ସଂରକ୍ଷଣ ଠାରୁ ଆରମ୍ଭ କରି ଏହି ଅଭିଯାନ ମାଧ୍ୟମରେ ବିଭିନ୍ନ ଯୋଜନାରେ ଜିଲ୍ଲାରେ ଥିବା ଜଳାଶୟ ଗୁଡିକର ବିକାଶ ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଜଳ ସଂରକ୍ଷଣ ଅଭିଯାନରେ ଜିଲ୍ଲାରେ ଥିବା ଚେକ୍ ଡ୍ୟାମ,କେନାଲ, ପୋଖରୀ, ଟ୍ରେଂଚ, ସୋକପିଟ, ରିଚାର୍ଜ ଷ୍ଟ୍ରକଚର, ବ୍ୟକ୍ତିଗତ ଫାର୍ମ ପଣ୍ଡ ଆଦିର ଉନ୍ନତି ବିଧାନ ସହିତ ଜଳ ସଂରକ୍ଷଣର ବ୍ୟବସ୍ଥା କରାଯିବ। ଢେଙ୍କାନାଳ ଜିଲ୍ଲାରେ ଏହି ଜିଲ୍ଲା ସ୍ତରୀୟ ଜଳ ଶକ୍ତି କେନ୍ଦ୍ର ଜଳ ସଂରକ୍ଷଣରେ ବିଶେଷ ସହାୟକ ହେବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟର ମୁଖ୍ୟରାସ୍ତା ସଫାକଲେ ଅଭିଭାବକ ଓ ସମାଜସେବୀ

ଭବାନୀପାଟଣା, ୨୮ /୭ (ନି.ପ୍ର): କେନ୍ଦ୍ରୀୟ ବିଦ୍ୟାଳୟର ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବା ସହ ଗଛ ବୁଦାଲତା ଦ୍ୱାରା ବିପଦପୂର୍ଣ୍ଣ ଅବସ୍ଥା ରହିଥିଲା। ଏହି ସଂକ୍ରାନ୍ତରେ ଗ୍ରାମ୍ୟଉନ୍ନୟନ ବିଭାଗ (ରାସ୍ତା ଓ କୋଠାବାଡି) କର୍ତ୍ତୃପକ୍ଷଙ୍କ ଅବଗତ କରାଗଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ତେଣୁ କିଛି ଅଭିଭାବକ, ଅଟୋ ଚାଳକ ସଂଘର କର୍ମକର୍ତ୍ତା, ବସ୍ କର୍ମଚାରୀ ଏବଂ କିଛି ଉଦୀୟମାନ ଯୁବକଙ୍କ ପ୍ରଚେଷ୍ଟାରେ ଉକ୍ତ ରାସ୍ତାର ସଫେଇ କାର୍ଯ୍ୟ କରାଯାଇଥିଲା। ଉକ୍ତ ବିଦ୍ୟାଳୟରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବିଦ୍ୟାଳୟକୁ ଯାଇଥିବା ରାସ୍ତାଟି ଅଳିଆ ଆବର୍ଜନା ଓ ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟ ବଡ ଗଛ ଉଠି ରାସ୍ତାକୁ ସଂକୁଚିତ କରିଦେଇଥିଲା । ତେଣୁ ଲବଣୀଧର ମହାନନ୍ଦ, ମନମୋହନ ପ୍ରଧାନ, ଜିତୁ ପ୍ରସାଦ ନାଏକ, ଭାସ୍କର ମାଝୀ, ଅଶୋକ ଧଙ୍ଗଡା ମାଝୀ, ମିତିକା ଦାସ, ବାବୁଲି ସାହୁ ଏବଂ ସୁରେନ୍ଦ୍ର ନାଏକ ପ୍ରମୁଖଙ୍କ ଉଦ୍ୟମ କ୍ରମେ ସମୁଦାୟ ରାସ୍ତାଟି ସଫା କରାଯିବା ସହ ଛାତ୍ରଛାତ୍ରୀଙ୍କ ସୁବିଧା ପ୍ରତି ଧ୍ୟାନ ଦିଆଯାଇଥିଲା।

## ଏବିଭିପିର 'ୟୁନିଫର୍ମ ସିଭିଲ କୋଡ୍' ଶୀର୍ଷକ ବୁଦ୍ଧିଜୀବୀ ସମ୍ମିଳନୀ

ଭବାନୀପାଟଣା, ୨୮ ।୭(ନି.ପ୍ର): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତିରେ ଅମୃତ ମହୋତ୍ସବ ପାଳନ ଅବସରରେ ଏବିଭିପି କଳାହାଣ୍ଡି ଶାଖା ପକ୍ଷରୁ ସମାନ ନାଗରିକ ସଂହୀତା ବା ୟୁନିଫର୍ମ ସିଭିଲ କୋଡ୍ ଶୀର୍ଷକ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଛି। ଏବିଭିପିର ଭବାନୀପାଟଣା ନଗର ସଭାପତି ପ୍ରିୟା ଶଶିଧରନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆର୍‌ଏସ୍‌ଏସ୍ ବିଭାଗ ସଂଘ ଚାଳକ ଜୟ ନାରାୟଣ ବାବୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଜିଲ୍ଲାଜଜ୍ ରାହିତଲାଲ ପଣ୍ଡା ଓ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରତ୍ୟୁଷ ସାହୁ ମୁଖ୍ୟ ବକ୍ତା ଏବଂ ପୂର୍ବତନ ବରିଷ୍ଠ ଆରକ୍ଷୀ ଅଧିକାରୀ ଦେବୀ ପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସମ୍ମିଳନୀରେ ବହୁ ଶିକ୍ଷାବିତ, ଆଇନଜୀବୀ ତଥା ସମାଜସେବୀ ଯୋଗଦେଇ ୟୁନିଫର୍ମ ସିଭିଲ କୋଡ୍ ବିଷୟରେ ନିଜ ନିଜର ମତ ରଖିଥିଲେ । ସରକାର ଏହି ନିୟମକୁ ଯଥାଶୀଘ୍ର ଲାଗୁ କରନ୍ତୁ ବୋଲି ଦାବି ହୋଇଥିଲା । ଆଗାମୀ ଦିନରେ ଏବିଭିପି କଳାହାଣ୍ଡି ପକ୍ଷରୁ ବିଦ୍ୟାର୍ଥୀଙ୍କ ଓ ସମାଜର ବିକାଶ ପାଇଁ କାର୍ଯ୍ୟ କରାଯିବ ବୋଲି ଜିଲ୍ଲା ପ୍ରମୁଖ ତଥା ରାଷ୍ଟ୍ରୀୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରତ୍ୟୁଷ ସାହୁ କହିଥିଲେ।

## କାଉଡ଼ିଆ ଯାତ୍ରାର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଢେଙ୍କାନାଳ ୨୮ /୭ (ନି.ପ୍ର): ଚଳିତ ବର୍ଷ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ କପିଳାସ ପୀଠ ଠାରେ ଜଳଲାଗି ନିମନ୍ତେ ଅଧିକ ଶ୍ରଦ୍ଧାଳୁ ଆଗମନ ହେତୁ କାଉଡିଆ ଯାତ୍ରାର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ସରୋଜ କୁମାର ସେଠୀ ନିର୍ଦ୍ଦେଶ ଦେଇଛନ୍ତି । ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଠାରୁ କୌଣସି ପରିସ୍ଥିତିରେ ଗାଡି ପାର୍କିଂ ପାଇଁ ଧାର୍ଯ୍ୟ ମାହାସୁଲ ଠାରୁ ଯେପରି ଅଧିକ ଦେୟ ନ ନେବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ନୂତନ ଟୋଲ ଗେଟ ନ କରି ନିର୍ଦ୍ଧାରିତ ଟୋଲ ଗେଟକୁ ପୂର୍ବବତ କାର୍ଯ୍ୟକାରୀ କରିବାକୁ କହିଛନ୍ତି । କପିଳାସ ଠାରେ ସ୍ଥାୟୀ ପାର୍କିଂ ନିମନ୍ତେ ବିହିତ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ପୀଠର ବାରବାଙ୍କ ଓ ପାହାଚ ରାସ୍ତାରେ ପର୍ଯ୍ୟାପ୍ତ ଆଲୋକିକରଣ ନିମନ୍ତେ ବ୍ୟବସ୍ଥା କରିବାକୁ ସେ କହିଛନ୍ତି । ଜଲ ଲାଗି ଦିନ କାଉଡିଆ ଓ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପୀଠରେ ଆଶୁଚିକିତ୍ସା ଓ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବ । ପୀଠର ପରିଷ୍କାର ପରିଚ୍ଛନ୍ନତା ଓ ବିଶୋଧନ ନିମନ୍ତେ ବିଶେଷ ଧ୍ୟାନ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଠାରେ ହୋଇଥିବା ଆଲୋଚନା ବେଳେ ସଦର ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସୁଶ୍ରୀ ସ୍ନିଗ୍ଧାରାଣୀ ଧଳ,ଏସଡିପିଓ ବକାଶ କୁମାର ବେହୁରା, ଗଁଦିଆ ବିଡିଓ ଆଶିଷ ରଂଜନ ସାହୁ, ଗଁଦିଆ ସରପଂଚ ବିଜୟ କୁମାର ଦେହୁରୀଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା

ଡେଲାଙ୍ଗ, ୨୮ /୭ (ନି.ପ୍ର): ଡେଲାଙ୍ଗ ବ୍ଲକ ଖେଲାଉରୀ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣ ତରାବୋଇ ଗ୍ରାମର ସୁଦର୍ଶନ ମଲ୍ଲିକ ଓ ଭାସ୍କର ମଲ୍ଲିକ ଘରେ ନିଆଁ ଲାଗି ଦୁଇ ବଖରା ଘର ଜଳିଯାଇଛି । ଘରର ସମସ୍ତ ଆସବାପତ୍ର ପୋଡ଼ିଯାଇଛି ଖବର ପାଇ ଡେଲାଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ ହୋଇଛି।

## କଳାହାଣ୍ଡି ଟ୍ରେଜେରି ଅଫିସରେ ସୁରକ୍ଷିତ ଗୃହ ଉଦ୍‌ଘାଟନ

ଭବାନୀପାଟଣା, ୨୮ ।୭ (ନି.ପ୍ର): କଳାହାଣ୍ଡି ଟ୍ରେଜେରି ଅଫିସରେ ନୂତନ ସୁରକ୍ଷିତ ଗୃହ (ଟ୍ରେଜେରି ଷ୍ଟ୍ରଙ୍ଗ ରୁମ୍) ଉଦ୍‌ଘାଟନ ହୋଇଛି।

ଗତ ୨୨ ତାରିଖ କଳାହାଣ୍ଡି ଜିଲ୍ଲା ଟ୍ରେଜେରି ଅଫିସର ପରିସରରେ ନୂତନ ସୁରକ୍ଷିତ ଗୃହ (ଟ୍ରେଜେରି ଷ୍ଟ୍ରଙ୍ଗ ରୁମ୍) କୁ କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ସୁରକ୍ଷିତ ଗୃହ (ଟ୍ରେଜେରି ଷ୍ଟ୍ରଙ୍ଗ ରୁମ୍) କାର୍ଯ୍ୟ କରି ଆସୁଥିଲା।

ଉକ୍ତ ସୁରକ୍ଷିତ ଗୃହକୁ ଜିଲ୍ଲା ଟ୍ରେଜେରି କାର୍ଯ୍ୟାଳୟ ପରିସରକୁ ସ୍ଥାନାନ୍ତରିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଟ୍ରେଜେରି ଅଫିସର , ଉପନିର୍ଦ୍ଦେଶକ ଟ୍ରେଜେରି ଭୁବନେଶ୍ୱର ଦୀପକ ଚୌଧୁରୀ, ଅତିରିକ୍ତ ଟ୍ରେଜେରି ଅଫିସର ପି.କେ. ମଲ୍ଲିକ, କଳାହାଣ୍ଡି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ସୁକାନ୍ତ ମହାପାତ୍ର, ରୂପକେଶର ଦଳେଇ ସମେତ ବିଭିନ୍ନ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।

## ରୟତ ସୁରକ୍ଷା ମଞ୍ଚର ବୈଠକ

## ଜମିବାଡ଼ି ବିବାଦର ସମାଧାନ ଉପରେ ଗୁରୁତ୍ୱ

ଜଟଣୀ, ୨୮ /୭ (ନି.ପ୍ର): କିଛି ଦିନ ଚୁପ୍ ରହିବା ପରେ ରୟତ ସୁରକ୍ଷା ମଞ୍ଚ ଏକ ବୈଠକ ଜରିଆରେ ଜଟଣୀ ଏଖରାଜାତ ମାହାଲରେ ସ୍ଥିତିବାନ ପ୍ରଜାଙ୍କ ଜମିବାଡ଼ି ବିବାଦର ସମାଧାନ ଲାଗି ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି। ନିରଞ୍ଜନପୁର ଗ୍ରାମ ସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ରବିବାର ରୟତ ସୁରକ୍ଷା ମଞ୍ଚ ଉକ୍ତ ବୈଠକ ଆୟୋଜନ କରିଥିଲା । ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ରାଜ୍ୟ ବିଜେପିର ପ୍ରବକ୍ତା ସୁଦୀପ୍ତ ରାୟ ଏଥିରେ ଭାଗ ନେଇଥିଲେ। ରାଜ୍ୟ ସରକାର ଅବିଳମ୍ବେ ଏଖରାଜାତ ମାହାଲର ଜମିବାଡ଼ି ବିବାଦର ସମାଧାନ କରନ୍ତୁ ବୋଲି ଦୁଇ ତୁଙ୍ଗ ନେତା ଦାବି କରିଥିଲେ। ସ୍ଥାନୀୟ ସରପଞ୍ଚ ମନୋଜ କୁମାର ବେହେରା ଓ ସମିତି ସଭ୍ୟ ଭୀମସେନ ଭୁଜବଳ, ରୟତ ସୁରକ୍ଷା ମଞ୍ଚର କୋଇଲି ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ୨୦୧୪ ଠାରୁ ଜମିବାଡ଼ି ବିବାଦ ଆରମ୍ଭ ହୋଇଥିଲା। ଏଖରାଜାତ ମାହାଲରେ ୧୪ଟି ମୌଜାରେ ସାତ ପୁରୁଷ ଧରି ଭୋଗ ଦଖଲ କରି ଚଳି ଆସୁଥିବା ସ୍ଥିତିବାନ ପ୍ରଜାଙ୍କ ଜମିବାଡ଼ିକୁ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ବିଜେ ପୁରୀଙ୍କ ନାମରେ ବନ୍ଦୋବସ୍ତ ଶିବିରରେ ରେକର୍ଡ଼ କରାଇ ନେଇଥିଲେ। ସେହିଦିନ ଠାରୁ ହଜାର ହଜାର ସ୍ଥିତିବାନ ପ୍ରଜା ଜମିବାଡ଼ି ବିକା କିଣା କରି ନ ପାରି ନାନା ଭାବରେ ହଇରାଣ ହେଉଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ଦଳର ନେତା ସ୍ଥିତିବାନ ପ୍ରଜାଙ୍କୁ ମିଛ କଥା କହି ଭୁଆଁ ବୁଲାଉଥିବା ବେଳେ ବାସ୍ତବରେ ଜମିବାଡ଼ି ସମସ୍ୟାର ସମାଧାନ ହୋଇନଥିବା ରୟତ ସୁରକ୍ଷା ମଞ୍ଚ ଅଭିଯୋଗ କରିଥିଲେ। ରାଜ୍ୟ ବିଜେପିର ପ୍ରବକ୍ତା ସୁଦୀପ୍ତ ରାୟ କୁହନ୍ତି, ବାସ୍ତବରେ ଏଖରାଜାତ ମାହାଲର ଜମି ଶ୍ରୀଜଗନ୍ନାଥଙ୍କର ନୁହେଁ। ସ୍ଥିତିବାନ ପ୍ରଜାଙ୍କର। ରାଜ୍ୟ ସରକାର ନ ବୁଝି ନ ଶୁଝି ସମସ୍ୟାକୁ ଝୁଲାଇ ରଖିଛନ୍ତି। ସ୍ଥିତିବାନ ପ୍ରଜା ହଇରାଣ ହରକତ ହେଉଛନ୍ତି। ପ୍ରଥମେ ରାଜ୍ୟ ସରକାର ସ୍ଥିତିବାନ ପ୍ରଜାଙ୍କର ଜମିବାଡ଼ି ବିକାକିଣାକୁ ଅନୁମତି ଦେବା ଆବଶ୍ୟକ। ନ ହେଲେ ଏକ ଆନ୍ଦୋଳନର ଆବଶ୍ୟକତା ରହିଛି।

## ଚାରାରୋପଣ କାର୍ଯ୍ୟକ୍ରମ

ରାମନାଗୁଡା, ୨୮ /୭ (ନି.ପ୍ର): ବିଜେଡିର ୨୫ବର୍ଷ ପ୍ରତିଷ୍ଠା ଦିବସ ପୂର୍ତ୍ତି ଅବସରରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ମିଳିତ ସହଯୋଗରେ ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ଆଦର୍ଶ ବିଦ୍ୟାଳୟ ଠାରେ ଚାରାରାପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଯୁବ ସଭାପତି ଦେବାଶିଷ ଖାଡଙ୍ଗା ଓ ଜିଲ୍ଲା ଛାତ୍ର ଜନତାଦଳ ସଭାପତି ବିଷ୍ଣୁପ୍ରସାଦ ପଣ୍ଡା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ବିଜେଡି ସଭାପତି ସୁଧୀର କୁମାର ଦାସ, ଜିଲ୍ଲା ବିଜେଡ଼ି ସାଧାରଣ ସଂପାଦକ ଗଗନ ବିହାରୀ ଆଚାର୍ଯ୍ୟ ,ବ୍ଲକ ବିଜେଡି ସଭାପତି ବିଜୟ ମାଣ୍ଡାଙ୍ଗି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୁଜେନ୍ଦ୍ରୀ, ପାରିଖିତି, ସୁଣ୍ଡିଢାମୁଣି, ଭାମିନି, ପେଣକାମ ଆଦି ପଞ୍ଚାୟତର ସରପଞ୍ଚ ଓ ସମିତସଭ୍ୟା ଯୋଗଦେଇଥିଲେ। ବିଜୁ ଜନତାଦଳର ସାଧାରଣ ସଂପାଦକ କମଳଲାଚନ ମୁଟିକା,ଜିଲ୍ଲା ଯୁବ ସଂପାଦକ ସଞ୍ଜୟ ପ୍ରଧାନ, ଯୁବ ଉପସଭାପତି ଅମିତ ମହାରଣା, ବ୍ଲକ ଛାତ୍ର ସାଧାରଣ ସଂପାଦକ ମାଧବ ମୁଟିକା ବ୍ଲକ ଯୁବ ସାଧାରଣ ସଂପାଦକ ସିଙ୍କୁ ପଣ୍ଡାଙ୍କ ସହ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୂର୍ଯ୍ୟ ରାଓ କୁମ୍ଭିରିକା, ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ ଗୌଡ଼, ନରସିଂହ ପରିଛା (ଆନନ୍ଦ), ମକରଧ୍ୱଜ ଧାବା, ଶିବପ୍ରସାଦ ବ୍ରହ୍ମା, ମାଧବ ମୁଟିକା, ଉପେନ୍ଦ୍ର ନେମାଲପୁରୀ,ସଞ୍ଜୟ ଗମାଙ୍ଗ, ଜି କାରିଆନା, ଅଶ୍ୱିନୀ ରାଉଳ, ଭି .ଗୁରୁମୁତ୍ତି ରାଜୁ ଏବଂ ରାମନାଗୁଡା ବ୍ଲକ ସମସ୍ତ ବିଜେଡି କର୍ମୀ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିରେ ଅଁଳା, ପିସ୍ତା, ବେଲ, କୁଣ୍ଡା, କରଞ୍ଜ, ଆମ୍ବ, ତେନ୍ତୁଳି ଆଦି ବିଭିନ୍ନ ପ୍ରଜାତିର ୨ଶହ ଚାରାରୋପଣ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଯୁବନେତା ସଞ୍ଜୟ କୁମାର ପ୍ରଧାନ ପରିଚାଳନା କରିଥିଲେ।

## ମଦ୍ୟପ ଜ୍ୱାଇଁର ଟାଙ୍ଗିଆ ଚୋଟରେ ଶ୍ୱଶୁର ମୃତ

ଢେଙ୍କାନାଳ, ୨୮ /୭ (ନି.ପ୍ର): ସାମାନ୍ୟ ବଚସାକୁ ନେଇ ମଦ୍ୟପ ଜ୍ୱାଇଁର ଟାଙ୍ଗିଆ ଚୋଟରେ ଶ୍ୱଶୁରର ପ୍ରାଣହାନୀ ଘଟିଛି । ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ପଙ୍ଗାତିରା ଗାଁରେ ଘଟିଛି ଏହି ହତ୍ୟାକାଣ୍ଡ । ଘଟଣା ସ୍ଥଳରେ ଶ୍ୱଶୁରର ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ପଙ୍ଗାତିରା ଗୋଡିସାହିର ପର୍ଶୁରାମ ବାରିକ ବୋଲି ଜଣାପଡିଛି । ଘଟଣା ସ୍ଥଳରେ ପୋଲିସ ପହଁଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି । ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଜ୍ୱାଇଁ ଫେରାର୍ ହୋଇଯାଇଛି । ସୂଚନା ମୁତାବକ ପର୍ଶୁରାମଙ୍କ ସାନ ଝିଅ ସୁଲୋଚନା ବେହେରା ତାଙ୍କ ଗ୍ରାମ ପଙ୍ଗାତିରାର ରମେଶ ବେହେରାଙ୍କୁ ଆଜକୁ ୧୦ ବର୍ଷ ପୂର୍ବେ ପ୍ରେମ ସମ୍ପର୍କରୁ ବୈଦିକ ରୀତିରେ ବିବାହ କରିଥିଲେ । ତେବେ ଗତ ବିଳମ୍ବିତ ରାତିରେ ଜ୍ୱାଇଁ ରମେଶ ବେହେରା ତାଙ୍କ ଝିଅକୁ ମଦ୍ୟପାନ କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ । ତେବେ ପର୍ଶୁରାମ ଓ ତାଙ୍କ ପତ୍ନୀ ଝିଅ ଘରକୁ ଯାଇ ରମେଶକୁ ବୁଝାସୁଝା କରିଥିଲେ ।

## ଘୋଷଣାର ୧୪ ବର୍ଷ ବିତିଲା : ବ୍ୟବସାୟୀଙ୍କୁ ବଣ୍ଟା ହୋଇପାରୁନି ମାର୍କେଟ କମ୍ପ୍ଲେକ୍ସ ଗୃହ

କୋଣାର୍କ, ୨୮ /୭ (ନି.ପ୍ର): ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ କୁରୁଜଙ୍ଗ ଗ୍ରାମ ପଞ୍ଚାୟତ ବାଲିଦୋକାନ ବଜାରରେ ଉଚ୍ଛେଦ ବ୍ୟବସାୟୀମାନଙ୍କୁ ଥଇଥାନ ପାଇଁ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଗୃହ ଦୀର୍ଘ ୧୪ ବର୍ଷ ବିତି ଯାଇଥିଲେ ମଧ ରାଜନୈତିକ କନ୍ଦଳ ସହ ନେତା ମନ୍ତ୍ରୀ ଓ ଅଧିକାରୀଙ୍କ ଅପାରଗତା ଯୋଗୁଁ ବଣ୍ଟନ ହାଇପାରୁନି।

ସୂଚନାଯୋଗ୍ୟଯେ, ୨୦୦୭ ମସିହାରେ ବଜାରରେ ଦୋକାନ ଗୃହ ଓ କେବିନ୍ କରି ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିବା ପ୍ରାୟ ୪୦ରୁ ଉର୍ଦ୍ଧ୍ୱରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରି ସେ ସମୟର କାକଟପୁର ବିଧାୟକ ତଥା ମନ୍ତ୍ରୀ ଥିବା ସୁରେନ୍ଦ୍ର ନାଥ ନାୟକଙ୍କ ପ୍ରଚେଷ୍ଟାରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ୨୩ ବଖରା ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଇଥିଲା। ୨୦୦୯ ମସିହାରେ ପଞ୍ଚାୟତିରାଜ ମନ୍ତ୍ରୀ ଥିବା ରଘୁନାଥ ମହାନ୍ତି ଓ କୃଷିମନ୍ତ୍ରୀ ଥିବା ସୁରେନ୍ଦ୍ର ନାଥ ନାୟକଙ୍କ ଦ୍ୱାରା ଫେବୃୟାରୀ ୨୬ ତାରିଖରେ ଉଦ୍ଘାଟନ ହୋଇଥିଲା। ଉଦ୍‌ଘାଟନ ହେବାର ୧୪ ବର୍ଷ ପୂରିଥିଲେ ମଧ ଆଜି ଯାଏଁ ଉଚ୍ଛେଦ ବ୍ୟବସାୟୀମାନଙ୍କୁ ଥଇଥାନ ପ୍ୟାକେଜ ଅନୁଯାୟୀ ଗୃହ ବଣ୍ଟନ ବ୍ୟବସ୍ଥା କରାଯାଇ ପାରିଲା ନାହିଁ। ଫଳରେ ଘର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲା।



ଏନେଇ ଗଣମାଧ୍ୟମ ଜରିଆରେ ଖବର ପ୍ରସାରଣ ଓ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କୁ ଅବଗତ କରାଇବା ପରେ ଗତ ଦୁଇ ବର୍ଷ ତଳେ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ମରାମତି କରାଯାଇଥିଲା। ଯାହା ଗୃହ ବଣ୍ଟନ ବ୍ୟବସ୍ଥା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ବିଗତ ବର୍ଷ ମାନଙ୍କରେ ୪ଟି ସ୍ଥାନୀୟ ବିଧାୟକ, ୪ ଟି ସରପଞ୍ଚ, ୬ଟି ବିଡିଓ ଓ ୫ଟି ଜିଲ୍ଲାପାଳ ବଦଳି ହୋଇଯାଇଥିଲେ ମଧ ପର୍ଯ୍ୟନ୍ତ ମାର୍କେଟ କମ୍ପ୍ଲେକ୍ସ ଗୃହ ବଣ୍ଟନ ହୋଇପାରିଲା ନାହିଁ। ଫଳରେ ଉଚ୍ଛେଦ ବ୍ୟବସାୟୀ ମାନେ ନିଜର ବ୍ୟବସାୟ ଓ ରୋଜଗାର ହରାଇ ସାରିଛନ୍ତି। ସ୍ଥାନୀୟ ବ୍ୟବସାୟୀ ଏନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ପାରି ନାହିଁ। ଯାହା ଦ୍ୱାରା ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆତ୍ମସାତ ହେଉଛି। ତେଣୁ କୁରୁଜଙ୍ଗ, ଅବଦାନ ଓ କାଦୁଆ ପଞ୍ଚାୟତର କେନ୍ଦ୍ର ପାଲଟି ଥିବା ଏହି ବାଲିଦୋକାନ ବଜାରରେ ଥିବା ମାର୍କେଟ କମ୍ପ୍ଲେକ୍ସକୁ ଉଚ୍ଛେଦ ବ୍ୟବସାୟୀ ମାନଙ୍କୁ ଯଥାଶୀଘ୍ର ବଣ୍ଟନ ବ୍ୟବସ୍ଥା କରାଯିବା ନେଇ ସ୍ଥାନୀୟ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲ୍ଲାପାଳ ସମର୍ଥ ବର୍ମା, ବିଡିଓ ତୁଷାର ଜ୍ୟୋତି ରଂଜନ ପ୍ରମୁଖ ଦୃଷ୍ଟି ଦେବାକୁ ଯୁବନେତା ପବିତ୍ର ବିଶ୍ୱାଳ, ସରପଞ୍ଚ ରୁପାଲି କାଣ୍ଡି ଓ ସାମାଜିକ କର୍ମୀ ଜ୍ଞାନରଞ୍ଜନ ବିଶ୍ୱାଳ ପ୍ରମୁଖ ଦାବି ଜଣାଇଛନ୍ତି।

## 'ମୋ ବସ୍' ଅଟକାଇବା ଦୁର୍ଭାଗ୍ୟଜନକ

## ସମାଧାନ ସୂତ୍ର ବାହାରିବା ପାଇଁ ୧୫ ଦିନ ସମୟ ନେଲେ

ନିମାପଡ଼ା, ୨୮ /୭ (ନି.ପ୍ର): ରାଜ୍ୟ ରାଜଧାନୀ ଭୁବନେଶ୍ୱରରୁ ନିମାପଡ଼ା ଦେଇ କୋଣାର୍କ ଯିବା ଆସିବା କରୁଥିବା ମୋ ବସ୍ ସେବାରେ ଜନସାଧାରଣ ଅତ୍ୟନ୍ତ ଖୁସିଥିବା ବେଳେ ଘରୋଇ ବସ୍ ମାଲିକଙ୍କ ବସ୍ ଧର୍ମଘଟର ସମାଧାନ ବିଭାଗୀୟ ଅଧିକାରୀଙ୍କ ହସ୍ତକ୍ଷେପ ଦ୍ୱାରା ହୋଇଥିବା ଜଣାପଡ଼ିଛି । ୨୨ ତାରିଖ ଦିନ ଧର୍ମଘଟ ହେବା ଦ୍ୱାରା ନିମାପଡ଼ା, ଗୋପ, କୋଣାର୍କ, ପିପିଲି ଅଂଚଳର ଅନେକ ଜନସାଧାରଣଙ୍କ ସମେତ ବହୁ ପର୍ଯ୍ୟଟକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୁରୀ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ଏସ୍. ଦଳାଇ, ମୋ ବସ୍ ଅଧିକାରୀ, ଅତିରିକ୍ତ ତହସିଲଦାର, ସ୍ଥାନୀୟ ପୋଲିସ ପ୍ରମୁଖ ମିଳିତ ବୈଠକରେ ଏକତ୍ରିତ ହୋଇ ମୋ ବସ୍‌କୁ ଭୁବନେଶ୍ୱରରୁ କୋଣାର୍କ, ଭୁବନେଶ୍ୱର, ପୁରୀ, କୋଣାର୍କ ପର୍ଯ୍ୟନ୍ତ ପରମିଟ୍ ମିଳିଥିବା ସୂଚନା ଦେଇଥିଲେ କିନ୍ତୁ ପରମିଟ୍ କାଗଜରେ ତାହା ଉଲ୍ଲେଖ ନଥିବାରୁ ଘରୋଇ ବସ୍ ମାଲିକମାନେ ପ୍ରତିବାଦ କରିଥିଲେ । ତେବେ ଆସନ୍ତା ୧୫ ଦିନ ମଧ୍ୟରେ ପରମିଟ୍ କାଗଜ ପତ୍ର ଠିକ୍ କରି ପରିବହନ ବିଭାଗ ଅଧିକାରୀଙ୍କୁ ଦେଖାଇବା ପାଇଁ ନିଷ୍ପତ୍ତି ଦେବାରୁ ଧର୍ମଘଟ ପ୍ରତ୍ୟାହୃତ ହୋଇଥିଲା । ଯଦି ପରମିଟ୍ ନାହିଁ ତେବେ ଘରୋଇ ବସ୍ ମାଲିକମାନେ ମୋ ବସ୍‌କୁ ରାସ୍ତା / ଷ୍ଟାଣ୍ଡରେ ଅଟକାଇପାରିବେ ନାହିଁ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇ ତାହା ପରିବହନ ବିଭାଗ କାମ ବୋଲି ଉଲ୍ଲେଖ କରିଥିଲେ । ମୋ ବସ୍‌କୁ ରାସ୍ତାରେ ଅଟକାଇବା ବେଆଇନ୍ ଏବଂ ଏହାଦ୍ୱାରା ଯାତ୍ରୀମାନେ ଅଯଥା ହଇରାଣର ଶିକାର ହୋଇଥାନ୍ତି ବୋଲି ଆଲୋଚନା ହୋଇଥିଲା । ପୂର୍ବରୁ ନିମାପଡ଼ା ଘରୋଇ ବସ୍ ମାଲିକମାନେ ମୋ ବସ୍ କର୍ମଚାରୀଙ୍କୁ ଗାଳିଗୁଲଜ କରି ବସ୍‌ରୁ ଭିଡ଼ି ଆଣିବା ସହିତ ଗାଡ଼ିରୁ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇଥିବା ଦୃଷ୍ଟାନ୍ତ ରହିଛି । ଘରୋଇ ବସ୍ ମାଲିକଙ୍କ ଔଦ୍ଧତ୍ୟ ଚରମ ସୀମାରେ ପହଞ୍ଚିଥିବା ବେଳେ ପୋଲିସ କୋହଳ ମନୋଭାବକୁ ମୋ ବସ୍ କର୍ମଚାରୀମାନେ ନାପସନ୍ଦ କରି ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ମୋ ବସ୍‌ର ସମୟାନୁବର୍ତ୍ତିତା ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ପାଇଁ ରିହାତି ବ୍ୟବସ୍ଥା ଥିବାରୁ ଏହା ସବୁ ଜନସାଧାରଣଙ୍କ ଦ୍ୱାରା ଆଦୃତ ହୋଇଥିବା ଲକ୍ଷ୍ୟ କରାଯାଇଛି । ଘରୋଇ ବସ୍ ପୂର୍ବ ସୂଚନା ନ ଦେଇ ରୁଟ୍ ବାତିଲ କରୁଥିବା ବେଳେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଘରୋଇ ବସ୍ ମାଲିକ ସଂଘ ଏତାଦୃଶ କାର୍ଯ୍ୟକଳାପକୁ ଜନସାଧାରଣ ନାପସିନ୍ଦ କରି ଅଧିକ ସଂଖ୍ୟାରେ ମୋ ବସ୍ ଚଳାଚଳ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି । ମାଲିକମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ । ପ୍ରଶାସନ ନ ଶୁଣିବାରୁ ମୋ ବସ୍ ଗୁଡ଼ିକ ଷ୍ଟାଣ୍ଡରୁ ନ ଛଡ଼ାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି ବିଭିନ୍ନ ସଂଗଠନ ପକ୍ଷରୁ କ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜନସାଧାରଣଙ୍କୁ ହଇରାଣରେ ପକାଇବା ଘରୋଇ ବସ୍ ମାଲିକଙ୍କ ଉଦ୍ଦେଶ୍ୟ ବୋଲି ସଂଗଠନ କର୍ମକର୍ତ୍ତା ସର୍ବଶ୍ରୀ ପ୍ରମୋଦ ମହାନ୍ତି (ନାଗରିକ ମଂଚ), ଗଦାଧର ପରିଡ଼ା (ଦୁର୍ନୀତି ମଂଚ), ଆର୍ତ୍ତବନ୍ଧୁ ସେନାପତି (ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଗଠନ) ପ୍ରମୁଖ ପ୍ରକାଶ କରି ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ ପାଇଁ ଦାବି କରିଛନ୍ତି ।

# ଗାଁ ସାଥୀଙ୍କ ଅଭିନବ ପ୍ରତିବାଦ ସଭା ଓ ଗଣଧାରଣା

ଭଦ୍ରକ, ୨୮ /୭ (ନି.ପ୍ର): ଭଦ୍ରକ ଜିଲ୍ଲାରେ ୨୦୦୮ରୁ ଏଯାବତ୍ ନିଯୁକ୍ତିର ନ୍ୟାୟ ଆଶାରେ ସଂଘର୍ଷ ଜାରି ରଖିଥିବା ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଗାଁସାଥୀମାନଙ୍କର ପଂଚାୟତ, ବ୍ଲକ ଓ ଜିଲ୍ଲା ସଂଗଠକମାନେ ଆଜି କେତେକ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହିତ ପ୍ରତିବାଦ ସଭା କରିଥିଲେ। ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସଂଯୋଜକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ସଂଘର ୧୫ ଦଫା ଦାବି ଉପସ୍ଥାପନ କରାଯିବା ସହିତ ଜିଲ୍ଲାର ୫ଗୋଟି ପ୍ରମୁଖ ସାମାଜିକ ଦାବି ଉପସ୍ଥାପନ କରାଯାଇଥିଲା। ଓଡ଼ିଶାର ଗାଁସାଥୀ (ମେଟ୍)ଙ୍କୁ ଗ୍ରାମୀଣ ସ୍ତରରେ ପର୍ଯ୍ୟାପ୍ତ ସରକାରୀ କାର୍ଯ୍ୟ ପ୍ରଦାନ ସହିତ ମାସିକ ୮ହଜାର ଟଙ୍କାରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ସରକାର ଦେଇଥିବା ୩ଥର ପ୍ରତିଶୃତି ପୂରଣ କରି ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ବର୍ଷବର୍ଷ ଧରି କାର୍ଯ୍ୟ କରି ପ୍ରାପ୍ୟ ପାଇ ନ ଥିବା ଗାଁସାଥୀ (ମେଟ୍)ଙ୍କୁ ତୁରନ୍ତ ପ୍ରଦାନ କରିବା, ମନରେଗାରେ ଗାଁସାଥୀ (ମେଟ୍)ଙ୍କୁ ଅଣଦେଖା ନକରିବା, ଜିଲ୍ଲାରେ ମନରେଗାରେ ହୋଇଥିବା ବ୍ୟାପକ ଦୁର୍ନୀତିର ସଠିକ୍ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଭଳି ସଂଘର ଦାବି ସହିତ ଭଦ୍ରକ ଜିଲ୍ଲାର ସାମାଜିକ ବିକାଶ ମୂଳକ ଦାବି ଭାବେ ଭଦ୍ରକ କଲେଜକୁ ନଭେମ୍ବର ୧ ସୁଦ୍ଧା ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ, ଭଦ୍ରକରେ ଏକ ମେଡ଼ିକାଲ କଲେଜ ସ୍ଥାପନ, ରାଣୀତାଳଠାରେ ଏକ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ଭଦ୍ରକ ବାଇପାସ୍ ଛକରେ କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହିତ ଏହାକୁ କାନ୍ତକବି ଗୋଲେଇ ନାମରେ ନାମିତ କରିବା, ଧାମରା ବନ୍ଦର ଠାରେ ଏକ ମତ୍ସ୍ୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବା ଭଳି ଦାବି ମଧ୍ୟ ଉପସ୍ଥାପନ କରାଯାଇଥିଲା। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକର ତେସିଂଗା ଗ୍ରାମରେ ମନରେଗାରେ ହୋଇଥିବା ବ୍ୟାପକ ଦୁର୍ନୀତିକୁ





ଗ୍ରାମବାସୀ ଧରିବା ସହିତ ଏ ନେଇ ପ୍ରଶାସନ ଓ ଗଣମାଧ୍ୟମର ଦୃଷ୍ଟିକୁ ଆଣିଥିଲେ ମଧ୍ୟ ପ୍ରଶାସନର ଉଦାସୀନତାକୁ ସଭାରେ ତୀବ୍ର ନିନ୍ଦା କରାଯାଇଥିଲା। ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଥିଲା। ଏହି ସମସ୍ତ ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ଗାଁସାଥୀ ସଂଗଠନର ପ୍ରମୋଦ ସାମଲ, ମନୋଜ ପାଢୀ, ଭରତ ବାରିକ, ଅକ୍ଷୟ ଜେନା, ଅମର ମଲ୍ଲିକ, କଳ୍ପନା ପଣ୍ଡା, ବୈଷ୍ଣବ ଦାସ, ରବିନ୍ଦ୍ର ମାଝୀ, ବିକାଶ ସାହୁ, ଚିତରଂଜନ ଶଙ୍ଖୁଆ, ଗିରିଜା ସାହୁ, ଲୀଳାବତୀ ମଲ୍ଲିକ, ମମତା ନାୟକ, ନିରୂପମା ମିଶ୍ର ପ୍ରମୁଖ ଯୋଗ ଦେଇ ଦାବି ସମ୍ପର୍କରେ ଆଲୋଚନା କରିବା ସହ ଦାବି ପୂରଣ ନହେଲେ ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ଚେତାବନୀ ଦେଇଥିଲେ। ପରେ ପ୍ରଶାସନ ପକ୍ଷରୁ ଗାଁସାଥୀ (ମେଟ୍)ର ଏକ ୮ଜଣିଆ ପ୍ରତିନିଧିଙ୍କ ସହିତ ଅପରାହ୍ଣରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ବୈଠକ ହୋଇ ଆଲୋଚନା ହୋଇଥିଲା। ଆଲୋଚନାରେ ଗାଁସାଥୀଙ୍କ ବକେୟା ଦେୟ ୧୫ ଦିନ ମଧ୍ୟ ପ୍ରଦାନ କରାଯିବା, ଗାଁସାଥୀ (ମେଟ୍)ଙ୍କୁ ବିଶ୍ୱାସକୁ ନେଇ ସରକାରୀ ଗାଇଡଲାଇନ୍ ଅନୁଯାୟୀ କାର୍ଯ୍ୟ ପ୍ରଦାନ ଭଳି ୧୫ ଦଫା ଦାବି ମଧ୍ୟରୁ ୭/୮ଟି ଦାବିର ସମାଧାନ ହେବା ସହ ତୁରନ୍ତ ପୂରଣ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଗଲା। ଦାବି ପୂରଣରେ ଯିଏ ଅନ୍ତରାୟ ହେବ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ପ୍ରଶାସନିକ ପ୍ରତିଶୃତି ଦିଆ ଯାଇଥିଲା। ଏହି ବୈଠକରେ ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସଂଯୋଜକ ଶ୍ରୀ ବିଶ୍ୱାଳଙ୍କ ସହିତ ପିଡି ଇନ୍ଦ୍ରମଣି ନାୟକ, ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଏପିଡି ପ୍ରହଲ୍ଲାଦ ରଣା, ଉପଜିଲ୍ଲପାଳ ମନୋଜ ପାତ୍ର, ମନରେଗା ସଂଯୋଜିକା ସସ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଜଳଛାୟା ପ୍ରକଳ୍ପର ଲାଭ ନେଉଛନ୍ତି ଜିଲ୍ଲା ର ଅନେକ ଚାଷୀ



କନ୍ଧମାଳ ୨୮ /୭ (ନି.ପ୍ର): କନ୍ଧମାଳ ଜିଲାରେ ଥିବାକ୍ଷୁଦ୍ର ନାମ ମାତ୍ର ଚାଷୀ ଜଳାଭାବରୁ ଚାଷ କରି ନ ପାରି ଜମିକୁ ପଡିଆ ପକାଇ ରଖୁଥିଲେ। ହେଲେ ଏବେ ଜଳଛାୟା ବିଭାଗ ପକ୍ଷରୁ ମନରେଗା ଯୋଜନାରେ ମାଗଣାରେ୧୫ ବାଇ ୧୫ଓ ୨୦ ବାଇ ୨୦ ଫୁଟରେ ଚାଷୀଙ୍କ ଜମିରେ ଫାର୍ମପଣ୍ଡ ଖୋଳିବା ଫଳରେ ଚାଷୀ ଏବେ ବେଶ ଖୁସ୍। ସେମାନେ ଏବେ ପୋଖରୀ ହୁଡାରେ କଦଳୀ, ଅମୃତଭଣ୍ଡା, ସଜନା ଲେମ୍ବୁ ପରି ଗଛ ଲଗାଇବା ସହ ନିକଟରେ ଥିବା ଜମିରେ ପନି ପରିବା, ଶୋରିଷ, ମୁଗ, ଆଦି ଚାଷ ଆରମ୍ଭ କରି ବେଶ ଦି ପଇସା ଲ ।ଭ ବାନ ହେଉଥିବା ଚାଷୀମାନେ କହିଛନ୍ତି । ବାଲିଗୁଡା ବ୍ଲକ ଅନ୍ତର୍ଗତ ଦୁର୍ଗମ ପରମ ପଙ୍ଗା ପଞ୍ଚାୟତ ର ଗ୍ରାମ ର୍‌ନିମିଳା ଗ୍ରାମ ର ଗରୀବ ଚାଷୀ ରୁନ୍ଦେ ମଲିକ ଏବେ ବେଶ ଖୁସି। ଦୀର୍ଘବର୍ଷ ହେଲା ରୁନ୍ଦେ ଜମିରେ ଏକ ପୋଖରୀ ଖୋଳିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ମଧ୍ୟ ଅର୍ଥ ଅଭାବରୁ ଖୋଳି ପାରିନଥିଲେ । ଫଳରେ ଜମି ଥାଇ ମଧ୍ୟ ଚାଷ କରିପାରୁ ନଥିଲେ ରୁନ୍ଦେ। କେବଳ ବର୍ଷାଜଳ ଉପରେ ନିର୍ଭର କରି କିଛି ଚାଷ କରୁଥିଲେରୁନ୍ଦେ। ହେଲେ ସେଥିରୁ ଯାହା କିଛି ଆୟ ହେଉଥିଲା ସେଥିରେ ପରିବାର ଚଳାଇବା ପାଇଁ ଯଥେଷ୍ଟ ହେଉ ନ ଥିଲା। ତେବେ, ବାଲିଗୁଡ଼ା ଜଳଛାୟା ବିଭାଗ ପକ୍ଷରୁ ଜମିରେ ପୋଖରୀ ଖୋଳାଯାଉଥିବା ନେଇ ଜାଣିବାପରେ ସେ ଜଳଛାୟା ବିଭ ।ଗ ପିଆଇଏ ଶ୍ରୀମତୀ ଗୀତାଞ୍ଜଳି ପାତ୍ର ଙ୍କ ସହ ଆଲୋଚନା କରିଥିଲେ। । ପି ଆଇ ଏ ପୋଖରୀ ଖୋଳିବା ପାଇଁ ମନରେଗା ଯୋଜନାରେ ଅର୍ଥ ଅନୁଦାନପ୍ରଦାନ କରିବାପରେ ରୁନ୍ଦେ ଏବେ ଗାଁ ଲୋକଙ୍କୁ ଧରି ନିଜେ ପୋଖରୀ ଖୋଳୁଛନ୍ତି । । ପୋଖରୀ ଖୋଳିବା କାମ ଏବେ ଶେଷ ପ୍ରର୍ଯ୍ୟାୟରେ ପହଞ୍ଚିଛି। ବର୍ଷକ୍ଷ ଦିନେ ପୋଖରୀରେ ପାଣି ରହିଲେ ସେ ବର୍ଷ ତମାମ ଚାଷ କରିବେ ବୋଲି କହିଛନ୍ତି। କେବଳ ସେତିକି ନୁହେଁ ପୋଖରିରେ ମାଛ ଚାଷ ମଧ୍ୟ କରିବାଲାଗି ଲକ୍ଷ୍ୟ ରଖିଛନ୍ତି ରୁନ୍ଦେ । ଏହି ପୋଖରୀ ତାଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବ ନିଶ୍ଚୟ ବୋଲି ସେ କହିଛନ୍ତି । ଫଳରେ ରୁନ୍ଦେ ଜଳଛାୟା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାରତ୍ରିପାଠୀ ଓବାଲିଗୁଡା ବ୍ଲକ ପିଆଇ ଏ ଗୀତାଞ୍ଜଳିପାତ୍ର, ଡବ୍ଲୁ. ଏମ. ଟି ଓ ଅନ୍ୟାନ୍ୟ କର୍ମଚାରୀ ଙ୍କ ପ୍ରଚେଷ୍ଟା ଯୋଗୁ ଏହା ସମ୍ଭବ ହୋଇଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି । ତେବେ ରୁନ୍ଦେ ଏକା ନୁହଁନ୍ତି ଜଳଛାୟା ବିଭାଗ ମାଗଣାରେ ଚାଷୀଙ୍କ ଜମିରେ ଫାର୍ମ ପଣ୍ଡ ବା ଖେତ ପୋଖରୀ ଖୋଳିବା ଫଳ ରେ ଜିଲ୍ଲାର ହଜାର ହଜାର ଚାଷୀ ଙ୍କ ମୁହଁରେ ଆଜିହସ ଫୁଟିଛି । ବାଲିଗୁଡା ପି ଆଇ ଏ ପକ୍ଷରୁ ଗତ ୨୦/୨୧ ବର୍ଷ ରେ ୧୧୩ ଟି ଫାର୍ମ ପଣ୍ଡ ଖୋଳା ଯାଇଥିବା ବେଳେ ୨୧/୨୨ବର୍ଷ ରେ ୯୫ ଟି ଓ ୨୨/୨୩ ବର୍ଷ ରେ ୧୫ ଟି ଏହିପରି ୩ ବର୍ଷ ରେ ମୋଟ ୨୨୩ ଗୋଟି ଫାର୍ମ ପଣ୍ଡ ଖୋଳାଯାଇଥିବା ପି ଆଇ ଏ ଶ୍ରୀମତୀ ଗୀତାଞ୍ଜଳି ପାତ୍ର କହିଛନ୍ତି। ହିତାଧିକାରୀ ମାନଙ୍କ ସହଯୋଗ ମିଳିଲେ ଆଗକୁ ଆହୁରି ଅଧିକ ଖେତ ପୋଖରୀ ଖୋଳାଯିବ ବୋଲି ପିଆଇଏ ଶ୍ରୀମତୀ ପାତ୍ର କହିଛନ୍ତି। ବାଲିଗୁଡା ପି ଆଇଏ ଶ୍ରୀମତୀ ଗୀତାଞ୍ଜଳି ପାତ୍ର ଙ୍କ ନିଷ୍ଠାପର ଉଦ୍ୟମ, ଆନ୍ତରିକତା, କାର୍ଯ୍ୟ ଦକ୍ଷତା, ଓ ବିଶେଷ ଜ୍ଞାନ କୌଶଳ ଯୋଗୁଁ ବାଲିଗୁଡା ବ୍ଲକ ଅଂଚଳ ରେ ଅଧିକ ରୁ ଅଧିକ ମନରେଗା ଶ୍ରମିକ ଙ୍କୁ କାର୍ଯ୍ୟରେ ନିୟୋଜିତ କରି କାମଧନ୍ଦା ଯୋଗାଇ ଦିଆଯିବା ସହ ସୁନ୍ଦର ଓ ଆକର୍ଷଣୀୟ ଖେତ ପୋଖରୀ ବା ଫାର୍ମ ପଣ୍ଡ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ସମୟରେ ଏ ସବୁ କାର୍ଯ୍ୟ ବିଭାଗୀୟ ଉଚ୍ଚ କତୃପକ୍ଷ ବୁଲି ଦେଖି ସନ୍ତୋଷ ବ୍ୟକ୍ତ ମଧ୍ୟ କରିଛନ୍ତି ।

## ତୁମୁଡିବନ୍ଧ ଅଂଚଳରେ କେନାଲ ଭାଙ୍ଗିଯାଇ ଜଳ ସେଚନ ଠପ୍ ଚାଷୀ ହତାଶ

### ଖରା ଦାଉ ସାଝିଲା ପୁଣି ଦାଉ ସାଝିଛନ୍ତି କ୍ଷୁଦ୍ର ଜଳସେଚନ ବିଭାଗ

କନ୍ଧମାଳ ୨୮ /୭ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ଚାଷ ଉପରେ ଗୁରୁତ୍ୱ ଦେଉଥିବା ବେଳେ କନ୍ଧମାଳ ଜିଲ୍ଲା ର ତୁମୁଡିବନ୍ଧ ଅଞ୍ଚଳ ରେ କିନ୍ତୁ ଓଲଟା ଦେଖିବାକୁ ମିଳୁଛି ଯାହାକି ଖରା ଚାରିମାସ କେନାଲ ମରାମତି କାର୍ଯ୍ୟ ହେବ ବୋଲି ଚାଷୀମାନେ ଚାହିଁ ରହିଥିଲା ବେଳେ ତାହା ହୋଇ ପାରିଲା ନାହିଁ। ହେଲେ ଶେଷ ମୁହୂର୍ତ୍ତରେ ଏହି କାର୍ଯ୍ୟ କରାଯିବା ସହିତ ସଠିକ୍ କାମ ହୋଇ ନ ଥିବା ଯୋଗୁଁ କାମ ସରିବାର ଅଳ୍ପଦିନ ହୋଇନାହିଁ କେନାଲ ର ପାଚେରୀ ଭାଙ୍ଗିଯାଇଛି। ଫଳରେ କେନାଲରେ ପାଣି ଅଟକି ଚାଷ ଜମିରେ ପାଣି ପହଞ୍ଚି ପାରୁନାହିଁ।ଏହି କାମ କରିଥିବା ଠିକାଦାର ଠିକ୍ ଭାବରେ କାମ କରି ନଥିବା ଏବଂ ବିଭାଗୀୟ ଯନ୍ତ୍ରୀ ଏହାର ସଠିକ୍ ତଦାରଖ ନ କରିଥିବା ଯୋଗୁଁ ଏହାର ପରିଣାମ ଅଂଚଳର ଚାଷୀଙ୍କୁ ଭୋଗିବାକୁ ପଡୁଛି ବୋଲି ତୁମୁଡିବନ୍ଧ ଅଞ୍ଚଳ ଚାଷୀ ମାନେ କହିଛନ୍ତି। ବର୍ଷା ଋତୁରେ ଧାନ ଚାଷ ପାଇଁ ସ୍ଥାନୀୟ ଚାଷୀ ଅଣ୍ଟା ଭିଡୁଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗର ଦାୟିତ୍ୱହୀନତା ଯୋଗୁଁ ଚାଷୀ ହନ୍ତସନ୍ତ ହେଉଛନ୍ତି । କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଝୁଲଝୋର ନାଳରୁ ୨ ଟି କେନାଲ ଦ୍ୱାରା ୨ ପାର୍ଶ୍ୱର ଚାଷଜମିକୁ ଜଳସେଚନ ଯୋଗାଇବା ବ୍ୟବସ୍ଥା ରହିଛି। ଗୋଟିଏ କେନାଲ ଦ୍ୱାରା ତୁମୁଡିବନ୍ଧ ବଜାର, ମହୁଲଭୁରି, ବାହାଲପଦା, ମଝିସାହି ଇତ୍ୟାଦି ଗ୍ରାମର ଚାଷୀ ଫସଲ ଅମଳ କରି ଉପକୃତ ହେଉଥିବା ବେଳେ ଅନ୍ୟ ଏକ କେନାଲ ଜଳ ଯୋଗୁଁ



ଶାଗଡ଼ିଆ ସାହି, ଲାଇନପଡ଼ା, ମାଲିପଡ଼ା ଇତ୍ୟାଦି ଗ୍ରାମର ଚାଷୀ ସେହିଭଳି ଉପକୃତ ହେଇଆସୁଛନ୍ତି। ଏହି କେନାଲ ଦ୍ୱୟର ରକ୍ଷଣବେକ୍ଷଣ ତଥା ମରାମତି ଦାୟିତ୍ୱ ଏହି ବିଭାଗର। ଖରିଫ ଋତୁରେ ଗୋଟିଏ ଦୁଇଟି ବର୍ଷାରେ ନାଳରେ ଆସୁଥିବା ବଢ଼ି ଜଳ ଜଳସେଚନ କରି ପଟୁ କାଦୁଅ ଭଳି ସାର ଅଂଶ ନିଜ ଚାଷ ଜମିରେ ପକାଇବାକୁ ସକ୍ଷମ ହୋଇଥାନ୍ତି ଚାଷୀ। କିନ୍ତୁ ବାହାଘର ବେଳେ ବାଇଗଣ ରୁଆ ଭଳି ବିଭାଗୀୟ ଅଧିକାରୀ ଗଣ ସମାନ ଖରିଫ ଋତୁରେ ଲଗାଣ ବର୍ଷାରେ ଧୋବା ଆମ୍ବଗଛ ପାର୍ଶ୍ୱର କେନାଲ ଖୋଳି ତରବରିଆ ଭାବେ ନୂତନ ସିମେଣ୍ଟ କାନ୍ଥ ନିର୍ମାଣ କରିଥିବା ଯୋଗୁଁ ଚାଷୀ ନିଜ ଜମିରେ ବର୍ଷା ଜଳସେଚନରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଉପଯୁକ୍ତ ସମୟରେ ଜଳସେଚନ ନ ପାଇ ସମୟ ଗଡ଼ିଯାଇଥିବାରୁ ଚଳିତ ଥର ଏକାଧିକ ଚାଷଜମି ଚାଷ ନହୋଇ ପଡ଼ିଆ ରହିବ ବୋଲି ଅଭିଯୋଗ କରିଛନ୍ତି ଚାଷୀମାନେ । ଏହି ସଂକ୍ରାନ୍ତରେ ବାରମ୍ବାର ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କରିବାରୁ କେହି କର୍ଣ୍ଣପାତ କରିନଥିବା ଅଭିଯୋଗ କରିଛନ୍ତି ଚାଷୀ ଚିତ୍ରସେନ ନାୟକ, ହେମାଜିନି ଦିଗାଳ, ଆଲୋକ ପାରାସେଟ, ସୁରେନ୍ଦ୍ର ପରାସେଠ୍ ପ୍ରମୁଖ ଏହା ସହିତ କେନାଲ ସିମେଣ୍ଟ କାନ୍ଥ ନିର୍ମାଣ ସମ୍ପୂର୍ଣ୍ଣ ନିମ୍ନ ମାନର ହୋଇଥିବା ଓ ଧୁ ଧୁ ଲଗାଣ ବର୍ଷାରେ ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ଜଳ ନିଷ୍କାସନ କରାନଯାଇ ତରବରିଆ ଭାବେ ସିମେଣ୍ଟ କାନ୍ଥ ନିର୍ମାଣ ହୋଇଥିବାରୁ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି ଚାଷୀ। ଅନ୍ୟପଟେ ବର୍ଷା ଲାଗିରହିବାରୁ କାର୍ଯ୍ୟରେ ବିଳମ୍ବ ହୋଇଥିବା କହିଛନ୍ତି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପିତାମ୍ବର ନାୟକ। ତେଣୁ ବିଭାଗୀୟ ଦାୟିତ୍ୱହୀନତା ଯୋଗୁଁ କିଛି ଚାଷୀଙ୍କ ବର୍ଷକର ପେଟପାଟଣା ଜନିତ କ୍ଷତି ହୋଇଥିବା କହିଛନ୍ତି ଚାଷୀ।

## ବିକାଶ ପାଇଁ ବିଦ୍ୟୁତ ଅପରିହାର୍ଯ୍ୟ, ଆଜାଦି କି ଅମୃତ ମହୋତ୍ସବରେ ବିଜୁଳି ମହୋତ୍ସବ

ଭଦ୍ରକ, ୨୮ /୭ (ନି.ପ୍ର): ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟ, ସଶକ୍ତ ଓଡ଼ିଶା ସମୃଦ୍ଧ ଓଡ଼ିଶା ଆଭିମୁଖ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲାସ୍ତରୀୟ ବିଜୁଳି ମହୋତ୍ସବ ଆଜି ଚାନ୍ଦବାଲି ବ୍ଲକ୍‌ରେ ବିଜୁ ସ୍ମୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ଏନ୍.ଏ.ସି. ଅଧକ୍ଷା ଶାନ୍ତିଲତା ସେଠୀ ଉଦ୍‌ଘାଟିକା ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଚାନ୍ଦବାଲି ବ୍ଲକ୍ ଅଧକ୍ଷା ମିନତୀ ସୂତାର ମୁଖ୍ୟ ଅତିଥି ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ବି.ଡ଼ି.ଓ. ଜ୍ୟୋତି ପ୍ରକାଶ ଦାସ, ତହସିଲଦାର ସୁଶାନ୍ତ ସୂତାର, ମହାପ୍ରବନ୍ଧକ ପି.ଜି.ସି.ଆଇ.ଏଲ. ସତ୍ୟପ୍ରକାଶ କର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଟି.ପି.ଏନ୍.ଓ.ଡ଼ି.ଏଲ୍.ର ଭଦ୍ରକ ବିଦ୍ୟୁତ ପରିମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ପାଢ଼ୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ବିଦ୍ୟୁତ କ୍ଷେତ୍ରରେ ଲୋକାଭିମୁଖୀ ଯୋଜନାର ପ୍ରମୁଖ ସଫଳତାକୁ ଏହି ମହୋତ୍ସବରେ ଦୃଶ୍ୟ ଶ୍ରାବ୍ୟ ଫଳକ ତଥା ଦାଶକାଠି, ପଥପ୍ରାନ୍ତ ନାଟକ ଜରିଆରେ ପ୍ରଦର୍ଶନ କରାଯାଇ ଉପସ୍ଥିତ ବିଦ୍ୟୁତ ଗ୍ରାହକ, ଜନସାଧାରଣ ମାନଙ୍କୁ ସଚେତନ କରାଯାଇଥିଲା। ସ୍ୱାଧୀନତା ପ୍ରାପ୍ତିର ୧୦୦ ବର୍ଷ ପୂରଣ ହେବାକୁ ଯାଉଥିବା ୨୦୪୭ ମସିହାକୁ ଦୃଷ୍ଟିରେ ରଖାଯାଇ ଶକ୍ତି ବିଭାଗର ଯେଉଁ ବୈପ୍ଳବିକ ସଶକ୍ତିକରଣ ଆଭିମୁଖ୍ୟ ରଖାଯାଇଛି ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ଆମ ରାଜ୍ୟ ଓ ଦେଶକୁ ବଳକା ବିଦ୍ୟୁତ ଶକ୍ତି ରାଜ୍ୟ ଓ ଦେଶରେ ପରିଣତ କରିବା, ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ଅକ୍ଷୟ ଶକ୍ତି କ୍ଷମତା, ଗ୍ରାମ୍ୟ ଓ ଘରୋଇ ବିଦ୍ୟୁତିକରଣରେ ସଫଳତା ଗ୍ରାମାଂଚଳରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାରେ ଥିବା ଦୈନିକ ହାରାହାରି ୧୨ ଘଂଟା କ୍ଷେତ୍ରରେ



ଏବେ ୨୨.୫ ଘ ।କୁ ବୃଦ୍ଧି ଦେଶକୁ ସବୁଠୁ ବଡ଼ ଏକୀକୃତ ଗ୍ରୀଡ଼ ଭାବରେ ଉଭା କରାଇବା ଆଦି ଯୋଜନା ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ସୂଚନା ମତେ ୨୦୦୦ ମସିହାରେ ରାଜ୍ୟର ଉପଭୋକ୍ତା ସଂଖ୍ୟା ୧୬ ଲକ୍ଷ ଥିବାବେଳେ ଆଜି ୯୪ଲକ୍ଷ। ଶକ୍ତି ଚାହିଦା ୧୦,୦୦୦ ମିଲିୟନ୍ ୟୁନିଟ୍ ରୁ ୨୭,୪୦୦ ମିଲିୟନ୍ ୟୁନିଟ୍‌ରେ ପହଂଚିଛି। ୨୦୦୦ ରେ ରାଜ୍ୟରେ ୫୮ ଟି ଅତି ଉଚ୍ଚକ୍ଷମତା ସମ୍ପନ୍ନ ଗ୍ରୀଡ଼ ଥିବାବେଳେ ଆଜି ୧୭୮ଟି ଏବଂ ବିତରଣ ଭିତିଭୂମିରେ ଟ୍ରାନସଫର୍ମର ସଂଖ୍ୟା ୪୦,୦୦୦ ରୁ ୨,୭୦,୬୦୦ ରେ ପହ୍ଞ୍ଚିଛି। ନିଉ ଦେଶୀ ଯୋଜନାରେ ଭଦ୍ରକ ଜିଲ୍ଲାରେ ସମୁଦାୟ ୧୧୫ଟି ନୂତନ ସବ୍‌ଷ୍ଟେସନ୍, ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ସ୍କୁଲ ଅଙ୍ଗନବାଡ଼ି ଯୋଜନାରେ ଜିଲ୍ଲାର ୧୦୨ଟି ବିଦ୍ୟାଳୟରୁ ୧.୨୫ ଲକ୍ଷ ଟଙ୍କା ବ୍ୟୟକରି ଖୁଂଟ ଓ ତାର ସ୍ଥାନାନ୍ତର କରାଯାଇଛି। ସୌଭାଗ୍ୟ ଯୋଜନାରେ ୧୭.୨୫ ଲକ୍ଷ ଟଙ୍କା ବ୍ୟୟରେ ୧୩୧୮ଟି ଗ୍ରାମରେ ୨,୫୯,୦୦୦ ଘରକୁ ନୂତନ ବିଦ୍ୟୁତ ସଂଯୋଗ ଦିଆଯାଇଛି। ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନାରେ ବିଗତ ବର୍ଷରେ ୫୦୫୧ ହିତାଧିକାରୀଙ୍କୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଶ୍ରୀଜଗନ୍ନାଥ ସାଂସ୍କୃତିକ କଳାକାର ସଂଘର ସଂଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକ୍‌ଙ୍କ ନେତୃତ୍ୱରେ ଉଦ୍‌ଘାଟନୀ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା ବେଳେ ଶ୍ରୀ ଶ୍ରୀ ଜୟ ମା ମଙ୍ଗଳା ଦାଶକାଠିଆ ଅନୁଷ୍ଠାନ ଦ୍ୱାରା ଦାଶକାଠି ସଂଗୀତ ଓ ଜନସେବା ଫାଉଣ୍ଡେସନ୍ ଭଦ୍ରକ ଦ୍ୱାରା ପଥପ୍ରାନ୍ତ ନାଟକ ପ୍ରଦର୍ଶନ ଜରିଆରେ ବିଜୁଳି ଶକ୍ତି ବ୍ୟବହାର ଜନିତ ସତର୍କତା, ଅପବ୍ୟବହାର, ସରକାରୀ ସ୍ତରରେ ଥିବା ସୁବିଧା ସୁଯୋଗ ସମ୍ବନ୍ଧରେ ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭଦ୍ରକ ସର୍କଲ ର ବିଦ୍ୟୁତ୍ ଯନ୍ତ୍ରୀ ବିଶ୍ୱଜିତ୍ ଓଝା ମଂଚ ପରିଚାଳନା କରିଥିବାବେଳେ ପାୱାର ଗ୍ରୀଡ଼ର ଡି.ଜି.ଏମ୍. ନିହାର ରଞ୍ଜନ ଜେନା, ଓପିଜିସିଏଲ୍‌ର ଡି.ଜି.ଏମ୍. ରାମେଶ୍ୱର ମହଲା ପ୍ରମୁଖଙ୍କ ସହ ବିଭାଗୀୟ କର୍ମଚାରୀ ରତିକାନ୍ତ ବିଶ୍ୱାଳ, ଦେବାଶିଷ ଜେନା, ଚାନ୍ଦବାଲି ବିଦ୍ୟୁତ୍‌ଯନ୍ତ୍ରୀ ଅଜୟ କୁମାର ସାହୁ, ପାୱାର ଗ୍ରୀଡ଼ ଜେ.ଇ. ଶଶୀକାନ୍ତ, ଓ.ପି.ଟି ସି.ଏଲ୍.ର ନିରଞ୍ଜନ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ। ସୂଚନାଯୋଗ୍ୟ କି ଦେଶ ତମାମ୍ ପାଳନ କରାଯାଉଥିବା ଏହି ମହୋତ୍ସବ ପ୍ରତି ଜିଲ୍ଲାରେ ୨ଟି ସ୍ଥାନରେ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀର ଆସନ୍ତା କାଲି ଜୁଲାଇ ୨୯ ଶୁକ୍ରବାର ଦିନ ରାନ୍ଦିଆ ସ୍ଥିତ ଶିଶୁ ଉଦ୍ୟାନଠାରେ ଏହା ପାଳିତ ହେବ।

## ଭାଲୁ ଆକ୍ରମଣ ରେ ଜଣେ ବୃଦ୍ଧା ଗୁରୁତର



ଘସିପୁରା୨୮ /୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ପଣସଡ଼ିହା ଗ୍ରାପ ଅନ୍ତର୍ଗତ ଆସନବଣି ଗ୍ରାମରେ ବୁଧବାର ସଂନ୍ଧ୍ୟା ପ୍ରାୟ ୬ ଟା ସମୟରେ ଭାଲୁ ଆକ୍ରମଣରେ ଜଣେ (୬୫) ବର୍ଷୀୟ ବୃଦ୍ଧା ଗୁରୁତର ହୋଇଛନ୍ତି ।ଘଟଣାସ୍ଥଳ ରୁ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଛନ୍ତି ।ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଛି ।ପ୍ରକାଶ ଯେ ଗ୍ରାମର ସ୍ୱର୍ଗତ ପିତାମ୍ବର ହୋ ଙ୍କ ସ୍ତ୍ରୀ ଡିମ୍ବାଇ ନିଜ ଧାନ ବିଲରୁ କାମ ସାରି ସନ୍ଧ୍ୟାରେ ଘରକୁ ଫେରିବା ପରେ ଘର ନିକଟ ପୋଖରୀ କୁ ଧୋଇ ହେବା ସହିତ ଶୌଚ ହେବକୁ ଯାଇଥିଲେ ।ଏହି ସମୟରେ ତାଙ୍କ ନିକଟକୁ ଦୁଇଟି ଭାଲୁ ଚାଲି ଆସିଥିଲେ ।ଗୋଟିଏ ଭାଲୁ ତାଙ୍କୁ ଆକ୍ରମଣ କରି ତାଙ୍କ ଦେହରେ ବିଭିନ୍ନ ସ୍ଥାନରେ କ୍ଷତ କରିବା ସହ ପେଟ ରେ ଗଭୀର କ୍ଷତ କରି ଦେଇଥିଲା ।ଚିତ୍କାର ଶୁଣି ଆଖ ପାଖ ରୁ ଲୋକେ ଦୌଡ଼ି ଆସିବାରୁ ଭାଲୁ ପଳାଇ ଯାଇଥିଲେ ।ଘଟଣାସ୍ଥଳ ରୁ ତାଙ୍କୁ ଉଦ୍ଧାର କରି ଏକ ବୋଲେରୋ ଯୋଗେ ଆଣି ତାଙ୍କୁ ଠାକୁରମୁଣ୍ଡା ଡାକ୍ତରଖାନା ରେ ଭର୍ତ୍ତି କରିଥିଲେ ।

## ଚିଲିକାରେ ଫସିଲା ଭସାପୋଲ ୬୦ ଯାତ୍ରୀ ଉଦ୍ଧାର

ପୁରୀ, ୨୮ ଜୁଲାଇ (ହି.ସ.) – ଆଜି ପୁଣି ଚିଲିକାରେ ଭସାପୋଲ ଅଟକି ଯିବାରୁ ସେଥିରେ ଥିବା ୬୦ ଜଣ ଯାତ୍ରୀ ମଝି ଚିଲିକାରେ ଅଟକି ରହିଥିଲେ। ସାତପଡ଼ା ଘାଟ ଭସାପୋଲ ଛାଡ଼ିବା ପରେ ମଝିବାଟରେ ଯାନ୍ତ୍ରୀକ ତ୍ରୁଟିଯୋଗୁ ଭସାପୋଲଟି ଅଟକି ରହିଥିଲା। ସେଥିରେ ୫ଟି ୪ଚକିଆ ଯାନ ସହ ବାଇକ ରହିଥିଲା। ଏହକୁ ସଜାଡ଼ିବା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମେକାନିକ୍ ପଠାଇଥିଲେ। ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଜହ୍ନିକୁଦା ଠାରେ ଛାଡ଼ିଥିଲେ। ପଏଠାରେ ସ୍ମରଣଯୋଗ୍ୟ ଯେ, କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ବାରମ୍ବାର ଭସାପୋଲ କିଣା ଯାଉଥିଲେ ମଧ୍ୟ ତାହାପୁଣି ଅଳ୍ପ ଦିନରେ ଖରାପ ହୋଇଯାଉଛି। ଅଂଚଳବାସୀମାନେ ସବୁଦିନିଆ ବ୍ରିଜ ଦାବି କରି ବାରମ୍ବାର ଆନ୍ଦୋଳନ କରୁଥିଲେ ମଧ୍ୟ ରାଜ୍ୟ ସରକାର, ପ୍ରଶାସନ ଓ ବିଧାୟକମାନେ ଶୁଣୁ ନଥିବା ଅଭିଯୋଗ କରୁଛନ୍ତି। ଡ଼ିଜିଟାଲ ଯୁଗରେ ଏବେ ବି କୃଷ୍ଣପ୍ରସାଦ ଅଂଚଳବାସୀ ଦେଶୀ ଡ଼ଙ୍ଗାରେ ଯାଆସ କରୁଛନ୍ତି। ଗତ ନିର୍ବାଚନ ପୂର୍ବରୁ ଚିଲିକା ଉପରେ ବ୍ରିଜ୍ ଓ ପୁରୀ ସହରରେ ମାଟିଆପଡ଼ା ରେଳ ଓଭରବ୍ରିଜ୍ ଦୁଇଟି ପ୍ରସଙ୍ଗକୁ ନେଇ ବିଜେପି ବିଧାୟକମାନେ ଜୟଲାଭ କରିଥିଲେ। ପୁରୀରେ ରେଳ ଓଭରବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ଚାଲିଥିବାବେଳେ ଚିଲିକା ଉପରେ ବ୍ରିଜ୍ ନିର୍ମାଣ ସ୍ୱପ୍ନରେ ରହିଯାଇଛି ବୋଲି ବ୍ରହ୍ମଗିରି ଅଂଚଳରେ ଆଲୋଚନା ହେଉଛି ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା